**ମହିଳା ବିଶ୍ୱକପ୍ : ଆସନ୍ତା ରବିବାର ଭାରତ-ପାକିସ୍ତାନ ଟକ୍କର**




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୪୪ ● ୧ ଅକ୍ଟୋବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-244 ● 1st October 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



CBC 15502/13/0029/2526

GST ବଚତ୍ ଉତ୍ସବ

ଏବେ ଆମର ଔଷଧ ଖର୍ଚ୍ଚ ହୋଇଛି କମ୍



ଏବେ ଔଷଧ ହେଲା ଶସ୍ତା, ସ୍ୱାସ୍ଥ୍ୟରେ ଆସିଲା ଉନ୍ନତି

36 ଜୀବନରକ୍ଷକ ଔଷଧ ଉପରେ ୦% ଜିଏସ୍‌ଟି

ଅନ୍ୟ ଔଷଧ ର ମୂଲ୍ୟ ମଧ୍ୟ ହୋଇଛି କମ୍



भारत सरकार GOVERNMENT OF BHARAT


## ଶାରଦୀୟ ଦୁର୍ଗାପୂଜା : ରାଜ୍ୟବାସୀଙ୍କ ସୁଖସମୃଦ୍ଧି, ମଙ୍ଗଳକାମନା କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

**କେନ୍ଦୁଝର/ଭୁବନେଶ୍ୱର, ୩୦।୯**
**ନ୍ୟୁଜ୍ ବ୍ୟୁରୋ**

ସାରାରାଜ୍ୟରେ ଶାରଦୀୟ ଦୁର୍ଗାପୂଜାସ୍ତୋବ ହର୍ଷୋଲ୍ଲାସ ମଧ୍ୟରେ ପାଳନ କରାଯାଉଥିବା ବେଳେ ମଙ୍ଗଳବାର ମହାଷ୍ଟମୀ ଅବସରରେ ଜଗତ୍‌ଜନନୀ ଦୁର୍ଗାମାତାଙ୍କ ପୂଜାର୍ଚ୍ଚନା କରି ଓଡ଼ିଶାବାସୀଙ୍କ ସୁଖସମୃଦ୍ଧି ଓ ମଙ୍ଗଳ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲା କେନ୍ଦୁଝରର ଝୁମ୍ପୁରା ଦୁର୍ଗାପୂଜା ମଣ୍ଡପକୁ ଯାଇ ମା'ଙ୍କ ଆଶିଷ ଭିକ୍ଷା କରିବାକୁ ଭୁଲିନାହାନ୍ତି । ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ଭୁବନେଶ୍ୱର ରସୁଲଗଡ ସମେତ ଆଉ କେତେକ ପୂଜା ମଣ୍ଡପ ବୁଲି ଦର୍ଶନ କରିବା ସହ ଲୋକମାନଙ୍କୁ ଦୁର୍ଗାପୂଜା ପାଇଁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ରାଇସୁଆଁ ଏୟାରଷ୍ଟ୍ରିପରେ ଅବତରଣ କରିବା ପରେ ନିଜ ପୈତୃକ ଗାଁ ରାଇକଳା ଯାଇଥିଲେ। ସେଠାରେ ତାଙ୍କୁ ପରିବାର ଲୋକେ ପାରମ୍ପରିକ ରୀତିରେ *(ପୃଷ୍ଠା ୭ରେ)*

## ପୁଲିସ ଏସ୍‌ଆଇ ଲିଖିତ ପରୀକ୍ଷା ସ୍ଥଗିତ

**କଟକ, ୩୦।୯ : ନ୍ୟୁଜ୍ ବ୍ୟୁରୋ**

ପୁଲିସ ଏସ୍‌ଆଇ ଲିଖିତ ପରୀକ୍ଷା ସ୍ଥଗିତ ରହିବା ନେଇ ଓଡ଼ିଶା ପୋଲିସ୍ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି) ପକ୍ଷରୁ ସୂଚନା ଦିଆଯାଇଛି। ଅନିବାର୍ଯ୍ୟ କାରଣ ପାଇଁ ଆଗାମୀ ୫ ଓ ୬ ତାରିଖରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି ଏବଂ ପରବର୍ତ୍ତୀ ପରୀକ୍ଷା ତାରିଖ ନେଇ ଓପିଆରବି ପକ୍ଷରୁ ସୂଚନା ଦିଆଯିବ ବୋଲି କୁହାଯାଇଛି। ପୁଲିସ୍ ଏସଆଇ *(ପୃଷ୍ଠା ୭ରେ)*

## ଦଶହରା ଭସାଣି ଯାତ୍ରା ପାଇଁ ଗାଇଡ୍‌ଲାଇନ୍

**ଭୁବନେଶ୍ୱର, ୩୦।୯**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସହରରେ ଦୁର୍ଗାପୂଜା ଭସାଣି ଉତ୍ସବକୁ ନେଇ କମିଶନରେଟ୍ ପୋଲିସ୍‌ର ଗାଇଡ୍‌ଲାଇନ୍ ଜାରି କରିଛି। ଭୁବନେଶ୍ୱର ସହରର ୪ଟି ରାସ୍ତାରେ ୪ଟି ଭସାଣି କମିଟିର ଭସାଣି ଉତ୍ସବ ପାଳନ କରାଯିବ। ଭୁବନେଶ୍ୱର ଭସାଣି ଉତ୍ସବ କମିଟି-ସହିଦ ନଗର, ରାଜଧାନୀ ମନ୍ଦିର ସୁରକ୍ଷା ଭସାଣି କମିଟି, ନୟାପଲ୍ଲୀ, ଉତ୍ତର ଭୁବନେଶ୍ୱର ଭସାଣି କମିଟି, ଚନ୍ଦ୍ରଶେଖରପୁର ଏବଂ ଓଲ୍ଡ ଟାଉନ୍ ଭସାଣି କମିଟି। ଏହି ଭସାଣି ସମୟରେ ଯାନବାହନ ଗୁଡିକର ଚଳାଚଳକୁ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବାରଣ କରାଯାଇଛି। ୩ ତାରିଖ ଅପରାହ୍ନ ୨ ଘଟିକାଠାରୁ ରାତି ୧ ଘଟିକା ପର୍ଯ୍ୟନ୍ତ ଏହି କଟକଣା ଲାଗୁ ରହିବ। ସହିଦନଗର ଭସାଣି କମିଟିର ସମସ୍ତ ମେଢ *(ପୃଷ୍ଠା ୭ରେ)*






ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ। ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)



DADLS-53



ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ। ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ। ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1202/2526







ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା।

(ହରି ବାବୁ କମ୍ଭମ୍ପାଟି)



DADLS-52



ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ। ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1198/2526




31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଅକ୍ଟୋବର ୨୦୨୫ ବୁଧବାର





# ସଞ୍ଜ ହେଲେ ଭୁବନେଶ୍ୱରର ଟ୍ରାଫିକ୍ ବ୍ୟବସ୍ଥା ଅଚଳ ହେଉଛି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସଞ୍ଜ ହେଲେ ସାଂଘାତିକ ହେଉଛି ସହରର ସ୍ଥିତି । ଭୁବନେଶ୍ୱରରେ ବିଗିଡ଼ିଯାଉଛି ଟ୍ରାଫିକ୍ ବ୍ୟବସ୍ଥା । ସମସ୍ତେ ପୂଜା ମଣ୍ଡପ ବୁଲିବାକୁ ଘରୁ ବାହାରୁଥିବା ବେଳେ ରାସ୍ତାରେ ଭିଡ ଅସମ୍ଭାଳ ଦେଖିବାକୁ ମିଳୁଛି । କିଲୋମିଟର କିଲୋମିଟର ଯାଏଁ ଗାଡିର ଲମ୍ବା ଲାଇନ୍ ଲାଗୁଛି । ଖାଲି କାର୍ ନୁହେଁ ମାଳ ମାଳ ବାଇକ୍ ପାଇଁ ବି ରାସ୍ତାର ଭିଡ଼ ନିୟନ୍ତ୍ରଣ ସୀମା ଲଂଘୁଛି । ରାସ୍ତାରେ ଘଣ୍ଟା ଘଣ୍ଟା ଜାମ୍ ଲାଗି ରହୁଛି । ୧୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ଅଧ ଘଣ୍ଟା ଉପରେ ଲାଗିଯାଉଛି । ପୂଜା ଦେଖିବାକୁ ଆସୁଥିବା ଲୋକ ରାସ୍ତା କଡରେ ଗାଡ଼ି ଥୋଇ ପଳାଇଯାଉଥିବାରୁ ଏବଂ ମଣ୍ଡପ ସାମ୍ନାରେ ଗାଡ଼ି ରଖି ଦର୍ଶନ କରୁଥିବାରୁ ଭିଡ ବଢୁଥିବା କୁହାଯାଉଛି । ଟ୍ରାଫିକ୍ ନିୟମକୁ ଲୋକେ ମାନୁନଥିବା ବେଳେ ମନଇଚ୍ଛା ରାସ୍ତାର ଏପଟ ସେପଟ ଗାଡି ନେଉଥିବା ଦେଖିବାକୁ ମିଳୁଛି । ଯାହାଫଳରେ ଭିଡ ସାଂଘାତିକ ହେଉଛି । ଭିଡରେ ଆମ୍ବୁଲାନ୍ସ ବି ଫସିଯାଉଥିବା ଦେଖିବାକୁ ମିଳୁଛି । ରୋଗୀଟିଏ ଭିଡ ପାଇଁ ଅଳ୍ପ ସମୟରେ ହସ୍ପିଟାଲରେ ପହଞ୍ଚି ପାରୁନି । ସନ୍ଧ୍ୟାରେ ଭିଡ



ବରମୁଣ୍ଡା ଠାରୁ ରସୁଲଗଡ଼ ଯାଏଁ ଲାଗିରହୁଛି । ତେବେ ଏ ଭିଡ ଏବର୍ଷ ନୁହେଁ ଗତବର୍ଷ ବି ଠିକ୍ ଏମିତି ସମସ୍ୟା ଦେଖାଦେଇଥିଲା । ଗୋଟେ ପଟେ ଟ୍ରାଫିକ୍ ଭିଡ ଲାଗିଥିବା ବେଳେ ଅନ୍ୟପଟେ ଭକ୍ତଙ୍କ ଭିଡ ଲାଗିଛି । ମଣ୍ଡପ ଆଗରେ ଭିଡ ଦେଖିବାକୁ ମିଳୁଛି । ଲୋକେ ମାଆଙ୍କ ଦର୍ଶନ ପାଇଁ ଏବଂ ଭଳି କି ଭଳି ସଜା ହୋଇଥିବା ପେଣ୍ଡାଲ ବୁଲିବାକୁ ତୋରଣ ଆଗରେ ଭିଡ ଲଗାଉଛନ୍ତି । ତେବେ ରସୁଲଗଡ ଛକରେ ଦୁଇଟି ଦୃଶ୍ୟ ଦେଖିବାକୁ ମିଳିଛି । ଗୋଟେ ପଟେ ଭିଡ ଗାଡିର ଲାଗିଛି ଆଉ ଅନ୍ୟପଟେ ଭିଡ ମାଆଙ୍କ ଦର୍ଶନ ପାଇଁ ଲାଗିଛି ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁର୍ଗାପୂଜା, ନବରାତ୍ରି ହୋମ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ନଗରାଙ୍କ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଦୁର୍ଗାପୂଜା ଉତ୍ସବ ଓ ନବରାତ୍ରି ହୋମ ମହା ସମାରୋହରେ ପାଳନ ହେଉଛି। ଏଥିପାଇଁ ସୋମବାର ଐଶ୍ୱର୍ଯ୍ୟ ଶୁଦ୍ଧ ସପ୍ତମୀ ମୂଳା ନକ୍ଷତ୍ର ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସାମୂହିକ ସଂକଳ୍ପ, ଗଣପତି ପୂଜା, ପୁଣ୍ୟାହବଚନ, ରୁଦ୍ର ପୂଜା, ନବଗ୍ରହ ହୋମ, ମହାଲକ୍ଷ୍ମୀ ହୋମ, ସୁବ୍ରହ୍ମଣ୍ୟ ହୋମ, ସୁଦର୍ଶନ ହୋମ, ରୁଦ୍ର ହୋମ, ପୂର୍ଣ୍ଣାହୁତି ସାଙ୍ଗକୁ ସାୟାହ୍ନରେ ଶ୍ରୀ ଚଣ୍ଡୀ କଳସ ସ୍ଥାପନ ଓ ଚଣ୍ଡୀ ପାରାୟଣ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋମଯଜ୍ଞ ସାଙ୍ଗକୁ ଅନ୍ୟାନ୍ୟ ପୂଜାବିଧି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟାନେଜମେଣ୍ଟ ଫାକଲ୍ଟି ଡ.ରିଚା ବଘେଲ, ସିକ୍ୟୁରିଟି ହେଡ୍ ରାଜୀବ ଶର୍ମା, ସିକ୍ୟୁରିଟି ଅଫିସର ସୁବେଦାର ଯାଦବ, ଆଡମିନ୍ ଅଫିସର (ଅପରେସନ୍) ସୌରଭ ବାଓ୍ୱେଜା, ଆଡମିନ୍ ଅଫିସର (ମେଣ୍ଟେନାନ୍ସ) ଟି.ନବୀନ କୁମାର, ଆଡମିନ୍ ଅଫିସର (କିଚେନ୍ ହେଡ୍) ଶୁଭାଶିଷ ରଥ, ଆଡମିନ୍ ଅଫିସର (ଆୟୁର୍ବେଦ ହସ୍ପିଟାଲ୍) ସନ୍ଦିପ ମୁଖାର୍ଜୀ, ଗଣମାଧ୍ୟମ ଯୋଗାଯୋଗ ପ୍ରବନ୍ଧକ ହିତାଂଶୁ ଶେଖର ମହାନ୍ତ, ମ୍ୟାନେଜର (ପର୍ଚ୍ଚେଜ୍) ଆଦର୍ଶ ଭାଟେ, ମ୍ୟାନେଜର (ଟ୍ରାନ୍ସପୋର୍ଟ) ଦେବପ୍ରିୟ ମିତ୍ର, ଇଂ. ଆର୍.କେ ରାଜା, ବରିଷ୍ଠ ଆର୍ଟ ଅଫ୍ ଲିଭିଂ ଶିକ୍ଷୟିତ୍ରୀ ଲଗ୍ନଜିତା ଦାଶ, ତାପସ ଷଡ଼ଙ୍ଗୀ, ଦିଲ୍ଲୀପ ନନ୍ଦ, ପି. ସି. ପଣ୍ଡା, ବହୁ ବେଦ ପଣ୍ଡିତ, ବେଦ ବିଦ୍ୟାର୍ଥୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କର୍ମଚାରୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେପ୍ଟେମ୍ବର ୨୨ ତାରିଖରୁ ନବରାତ୍ରି ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଶ୍ରୀ ସୁଦର୍ଶନ ହୋମ ଏବଂ ଲଳିତ ସହସ୍ର ନାମ ପାରାୟଣ ହୋଇଥିଲା।

## ଗଞ୍ଜେଇ ଜବତ:ବେପାରୀ ଗିରଫ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଅବକାରୀ ବିଭାଗ ଚଢ଼ଉକରି ୩ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଜଣେ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋମବାର ଦିନ ଖବରପାଇ ଅବକାରୀ ବିଭାଗ ମିର୍ଜାପୁରର ବେପାରୀ ବିକ୍ରମ ସାମଲ (୩୧)କୁ ଗିରଫ କରିଥିଲା ଓ ତାନିକଟରୁ ୩ କେଜି ଗଞ୍ଜେଇ ଜବତ କରିଛି । ଧର୍ମଶାଳା ଅବକାରୀ ଥାନା କେସ୍ ନଂ ୧୩୮/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅବକାରୀ ଇନ୍ସପେକ୍ଟର କାଳନ୍ଦୀ ବେହେରା, ଏଏସ୍ଆଇ ଶ୍ରୀକାନ୍ତ ପଣ୍ଡା, ସଂଗ୍ରାମ କହଁର, ସୁଚିତ୍ରା ନାୟକ, ଗଣେଶ ଦଣ୍ଡପାଟ, ଧବଳେଶ୍ୱର ମହାନ୍ତି ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ ।

# ମାଟି ହାଣ୍ଡି ଭିତରେ ପୂଜା ପାଉଛନ୍ତି ମା' ଉତ୍ତରାୟଣୀ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ଭାବେ ପରିଚିତ ସାତଶଙ୍ଖ ସ୍ଥିତ ମା' ଉତ୍ତରାୟଣୀଙ୍କ ପୀଠରେ ଶାରଦୀୟ ପୂଜା ଉତ୍ସବ ସମସ୍ତ ରୀତିନୀତି ଅନୁଯାଇ ଅନୁଷ୍ଠିତ ହେଉଛି । ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁମାନେ ପ୍ରତ୍ୟହ ପରମ ବୈଷ୍ଣବୀ ଠାକୁରାଣୀ ମା' ଉତ୍ତରାୟଣୀଙ୍କ ଦର୍ଶନ କରିବା ସହ ଠାକୁରାଣୀଙ୍କ ପାଖରେ ମାନସୀକ କରୁଥିବା ସୂଚନା ମିଳିଛି । ମା'ଙ୍କ ପ୍ରିୟ ଅଲଣା ବିରି ଜାଉ ଭୋଗକୁ ଏକ ସ୍ୱତନ୍ତ୍ର ପ୍ରଣାଳୀରେ ପ୍ରସ୍ତୁତ କରାଯାଉଥିବା ବେଳେ ଏହାକୁ ପାଇବା ପାଇଁ ପ୍ରତ୍ୟହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି । ପିପିଲି ବ୍ଲକର ଯଶୁଆପୁର ପଞ୍ଚାୟତ ଅନ୍ତର୍ଗତ ସାତଶଙ୍ଖ ସ୍ଥିତ ସୁବଳପୁର ମୌଜାରେ ଅବସ୍ଥିତ ମା' ଉତ୍ତରାୟଣୀ ଏକ ବଡ ମାଟି ହାଣ୍ଡି ମଧ୍ୟରେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି । ପୁରୀର ଗଜପତି ମହାରାଜା ଶ୍ରୀପୁରୁଷୋତ୍ତମଦେବଙ୍କ ରାଜତ୍ୱ ସମୟରେ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିବା ସୂଚନା ମିଳିଛି । ଶ୍ରୀଜଗନ୍ନାଥଙ୍କ ଉତ୍ତର ଦିଗରେ ଠାକୁରାଣୀ ଆବିର୍ଭାବ ହୋଇଥିବାରୁ ମା' ଉତ୍ତରାୟଣୀ ରୂପରେ ବିଦିତ ହୋଇଥିବା ଜନଶୃତିରେ ଜଣାଯାଏ । ଜବନ ମାନଙ୍କ ଆକ୍ରମଣରୁ ଦେବୀଙ୍କୁ ରକ୍ଷା କରିବା ପାଇଁ ରାଜା ଏକ ବଡ ମାଟି ହାଣ୍ଡିରେ ଉତ୍ତରାୟଣୀଙ୍କୁ



ଘୋଡାଇ ରଖିଥିବା ଯୋଗୁ ସେହିଦିନ ଠାରୁ ଠାକୁରାଣୀ ଉକ୍ତ ମାଟି ହାଣ୍ଡି ମଧ୍ୟରେ ପୂଜା ପାଇଆସୁଛନ୍ତି । ଏହି ପୀଠରେ ପ୍ରତ୍ୟହ ସକାଳ ୬ଟାରେ ଦ୍ୱାରଫିଟା ନୀତି କରାଯିବା ପରେ ବାଳଭୋଗ କରାଯାଇଥାଏ । ଦ୍ୱିପହର ଖେଚୁଡି ଭୋଗରେ ଭାତ, ଡାଲି, ଖିରୀ ଓ ଖଟା ଆଦି ଭୋଗ କରାଯାଉଥିବା ବେଳେ ଅପରାହ୍ନରେ ମା'ଙ୍କ ପ୍ରିୟ ଅଲଣା ବିରି ଜାଉ ଭୋଗ କରାଯାଏ । ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଏହି ଅଲଣା ବିରି ଜାଉ ଭୋଗ ପ୍ରସ୍ତୁତ କରାଯାଇଥାଏ, ଯେଉଁଥିରେ ଆଦୌ ଲୁଣ ବ୍ୟବହାର କରାଯାଇନଥାଏ । ଅରୁଆ ଚାଉଳ, ଗୋଟା ବିରି, ନଡିଆ, କ୍ଷୀର, ଚିନି, କାଜୁ, ଖିସ୍‌ମିସ୍, ଗୁଜୁରାତି, କର୍ପୁର ଓ ତେଜପତ୍ରରେ ପ୍ରସ୍ତୁତ ଏହି ଅଲଣା ଜାଉ ମା'ଙ୍କର ଅତି ପ୍ରିୟ ଓ ପ୍ରସିଦ୍ଧ ଭୋଗ ଅଟେ । ମା' ଉତ୍ତରାୟଣୀଙ୍କ ପାର୍ଶ୍ୱଦେବୀ ଭାବେ ବନଦୁର୍ଗା ଓ କନକ ଦୁର୍ଗା ପୂଜା ପାଉଥିବା ବେଳେ ତାଙ୍କ ନିକଟରେ ୧୯୯୬ ମସିହାରୁ ବଳି ପ୍ରଥା ବନ୍ଦ ହୋଇଯିବା ପରେ ଏବେ ମାଛ ଭୋଗ କରାଯାଉଛି । ମା' ଉତ୍ତରାୟଣୀ ପ୍ରତ୍ୟହ ଭିନ୍ନ ଭିନ୍ନ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା ବେଳେ ଏହାକୁ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଓ ମାନସୀକଧାରୀ ଭକ୍ତଙ୍କ ବେଶ୍ ଭିଡ ଲାଗୁଥିବା ପରିଲକ୍ଷିତ ହୋଇଛି । ଅଷ୍ଟମୀରେ କାତ୍ୟାୟନୀ ବେଶ, ନବମୀରେ କାଳରାତ୍ରୀ ବେଶ ଓ ଦଶମୀରେ ମହାଗୌରୀ ବେଶରେ ମା' ଉତ୍ତରାୟଣୀ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ସୂଚନା ମିଳିଛି ।

# କଳିଙ୍ଗା ଘାଟି:ଭଙ୍ଗା ରାସ୍ତା ମରାମତିରେ ବ୍ୟସ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ

**ଘୁ.ଉଦୟଗିରି, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସବୁଠାରୁ ଲମ୍ବା ଘାଟି ହେଉଛି 'କଳିଙ୍ଗା ଘାଟି'। ଏହାର ଲମ୍ବ ୧୦ କିମି। ଅତୀତରେ ଯାହା ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ହାତରେ ଥିଲା, ତାହା ଏବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିଜ ହାତକୁ ନେଇ ରାଞ୍ଚି ବିଜୟବାଡ଼ା କରିଡରରେ ସାମିଲ କରିଛନ୍ତି। ଏହି ରାସ୍ତା ୧୫୭ ନମ୍ବର ଜାତୀୟ ରାଜପଥ ମାନ୍ୟତା ପାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ସଠିକ୍ ଭାବେ ହୋଇପାରୁନଥିବା ଅଭିଯୋଗ ହେଉଛି। ୧୦ କିମି ଘାଟି ରାସ୍ତା ଗୋଟିଏ ପଟେ ସୁଉଚ୍ଚ ପାହାଡ଼ ପର୍ବତ ବଡ଼ ବଡ଼ ଗଛ ଜଙ୍ଗଲ ଅନ୍ୟ ପଟେ ଗାତ। ପ୍ରତ୍ୟେକ ବର୍ଷ ଘାଟିର ମରାମତି, ଡ୍ରେନ୍ ସଫା, ସୁରକ୍ଷା ପାଚେରୀରେ କଲର ମାରିବା, ରାସ୍ତାପାର୍ଶ୍ୱର ଲତାବୁଦା ସଫା କରିବା କାର୍ଯ୍ୟ ଦୀର୍ଘ ବର୍ଷ ହେଲା ହୋଇନଥିବା ବେଳେ କିଛି ସ୍ଥାନରେ ବେଳେବେଳେ ପଥର ଖସିବା ହେଉ କି ମାଟି ଅତଡ଼ା ଖସିବା ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ଏହାର ମରାମତି ବି କରାଯାଉନଥିବା ଯୋଗୁ ଭୂସ୍ଖଳନ ଦିନକୁ ଦିନ ବୃଦ୍ଧି ପାଉଛି। କଳିଙ୍ଗା ଘାଟିରେ ଭୂସ୍ଖଳନ ଯୋଗୁ ୩୦ ମିଟର ରାସ୍ତା ଧୋଇ ହୋଇଗଲା। ଫଳରେ ଗଞ୍ଜାମ କନ୍ଧମାଳ ଜିଲ୍ଲା ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଯିବାର ୧୫ ଦିନ ବିତିଗଲା। ସେଇ ରାସ୍ତା ନିର୍ମାଣ ଚାଲିଛି ହେଲେ ବିକଳ୍ପ ରାସ୍ତା ଥିଲେ ମଧ୍ୟ ସେଥିପ୍ରତି କାହାର ନଜର ଯେମିତି ନାହିଁ। କଳିଙ୍ଗା ଘାଟିରେ ଏକ ସ୍ଥାନରେ ଭାଲିଆପଟାକୁ



ରାସ୍ତା ଲିଖିତ ଏକ ସାଇନ୍ ବୋର୍ଡ ଲାଗିଛି। ସେଇ ରାସ୍ତା ଦେଇ ଦୁର୍ଗାପ୍ରସାଦକୁ ରାସ୍ତା ଅଛି। କଳିଙ୍ଗା ଠାରୁ ଦୁର୍ଗାପ୍ରସାଦ ୧୦ କିମି ଦୂରତା ହୋଇଥିବା ବେଳେ ଭାଲିଆପଟା ରାସ୍ତାରେ ଗଲେ ମଧ୍ୟ ସେଇ ଗୋଟିଏ ଦୂରତା ପଡ଼ିବ। ଏହି ରାସ୍ତାଟି ବନ ବିଭାଗର ରାସ୍ତା। ଏହି ରାସ୍ତା ବିଷୟରେ ସ୍ଥାନୀୟ ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ଘାଟିରେ ଭୁସ୍ଖଳନ ସ୍ଥଳ ବୁଲିଆସିଥିବା ବେଳେ ଏହି ଭାଲିଆପଟା ରାସ୍ତା ବିକଳ୍ପ ରାସ୍ତା ଭାବେ ନିର୍ମାଣ କରି ଯାନବାହନ ଚଳାଚଳ କରିବାକୁ ଦାବି କରିଥିଲେ। ଏହି ରାସ୍ତାରେ କୌଣସି ଘାଟି ପଡେନି। ଆଗକୁ କଳିଙ୍ଗା ଘାଟିରେ ଏହିଭଳି ଭୁସ୍ଖଳନ ଲାଗିରହିବାର ଆଶଙ୍କା ସୃଷ୍ଟି ହୋଇଛି। କାରଣ ଦିନକୁ ଦିନ ଘାଟିରେ ଥିବା ପାହାଡ଼ ପର୍ବତରେ ଗଛ ନଷ୍ଟ ହେବା ସହ ମାଟି ହାଲୁକା ହେବାରେ ଲାଗିଛି ଗୋଟିଏ ଭୁସ୍ଖଳନ ହେଲେ ତାର ପ୍ରଭାବ ଆଖପାଖ ସ୍ଥାନ ଉପରେ ପଡ଼ିଥାଏ ଏବଂ ଭୁସ୍ଖଳନ ବ୍ୟାପିବାରେ ଲାଗେ। ବର୍ତ୍ତମାନ ଭୁସ୍ଖଳନ ଘଟିଥିବା ସ୍ଥାନରେ ଦୁଇଦୁଇ ଥର ଭୁସ୍ଖଳନ ଘଟିଲାଣି ବର୍ତ୍ତମାନ ପାହାଡ଼ରେ ବିପଦଶଙ୍କୁଳ ଅବସ୍ଥାରେ ବଡ଼ବଡ଼ ପଥର ଝୁଲି ରହିଛି ସେମିତି ବିପଦ ସଂକୁଳ ଅବସ୍ଥାରେ କାର୍ଯ୍ୟ ଚାଲୁଥିବା ବେଳେ ପଥର ତଳକୁ ଖସିଲେ ପୁଣି ରାସ୍ତା ନଷ୍ଟ ହେବା ସମ୍ଭାବନା ଥିବା ସତ୍ତ୍ୱେ ସରକାରୀ ଅର୍ଥ ବ୍ୟୟ କରି ରାସ୍ତା ନିର୍ମାଣ ଚାଲିଛି ସେଇ ଅର୍ଥରେ ବିକଳ୍ପ ରାସ୍ତା ନିର୍ମାଣ ଭୁଲି ଯାଇଛନ୍ତି ରାଜ୍ୟ ସରକାର। କଳିଙ୍ଗା ଘାଟିରୁ ଭାଲିଆପଟା ରାସ୍ତା ତୁରନ୍ତ ନିର୍ମାଣ କରୁବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅବହେଳିତଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବାପାଇଁ ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ପ୍ରୟାସ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଅବହେଳିତ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ଏକ ଅଭିନବ ପ୍ରୟାସ। ଉଲ୍ଲେଖନୀୟ ପ୍ରତିଭାସମ୍ପନ୍ନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଗତ ୧୮ ବର୍ଷ ଧରି ବରଗଡ ଜିଲ୍ଲା ସାମ୍ବାଦିକ ସଂଘ ନିଜ ବାର୍ଷିକ ଉତ୍ସବକୁ ନୂଆଁଖାଇ ଭେଟ୍‌ଘାଟ୍ ଭାବରେ ବିଭିନ୍ନ କୁଷ୍ଠାଶ୍ରମ ଅନ୍ତେବାସୀଙ୍କ ସହ ପାଳନ କରିଆସୁଛି। ଚଳିତ ବର୍ଷ ବରଗଡ଼ ଜିରା ନଦୀ କୂଳ ସ୍ଥିତ କୁଷ୍ଠାଶ୍ରମ ଠାରେ ସଂଘ ପକ୍ଷରୁ ଏହି ଅନନ୍ୟ ପର୍ବ ପାଳନ କରାଯାଇଛି। ସଂଘ ସଭାପତି ନାସିର ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଏବଂ ଶ୍ରମିକ ନେତା ସରଦାର ପ୍ରୀତମ ସିଂ ମୁଖ୍ୟଅତିଥି ଏବଂ ସମାଜସେବୀ ସନାତନ ପ୍ରଧାନ, ସମାଜସେବୀ ଚନ୍ଦ୍ର ଶେଖର ବାଗ, ବରଗଡର ସୁନାମଧନ୍ୟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ଅଶ୍ୱିନୀ ଭୋଇ, ଯୁବ ସମାଜସେବୀ ରିଙ୍କେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ, ଜାତୀୟ ବୃଦ୍ଧ ମହାସଭାର ରାଜ୍ୟ ସଭାପତି ଜଗଦୀଶ ଲୁହା, ଲାୟନ୍ସ କ୍ଲବ ସମ୍ପାଦକ ଅଭୟ ଭୋଇ ସମ୍ମାନିତ ଅତିଥି ଭାବରେ



ଯୋଗଦାନ କରି ଜିଲ୍ଲା ସାମ୍ବାଦିକ ସଂଘର ମହତ କାର୍ଯ୍ୟକୁ ଭୁୟସୀ ପ୍ରଶଂସା କରିଥିଲେ ଏବଂ ସଂଘର ଏହି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ ଏବଂ ସମାଜର ସାମର୍ଥ୍ୟ ବର୍ଗଙ୍କୁ ଏହି ଅବହେଳିତ ବର୍ଗ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଆହ୍ୱାନ ଦେଇଥିଲେ । ଏହା ସହିତ ଉପସ୍ଥିତ ଅତିଥି କୁଷ୍ଠରୋଗୀଙ୍କ ଉନ୍ନତି ପାଇଁ ଜିଲ୍ଲା ସାମ୍ବାଦିକ ସଂଘ ଦ୍ୱାରା କରାଯାଇଥିବା ପ୍ରୟାସକୁ ସାଧୁବାଦ ଜଣେଇଥିଲେ । ଏହି ଅବସରରେ ରୋହୀଣିଆର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୋହେଲାର ସମାଜସେବୀ ସୁଦୟ ନାଏକ, ପାଣିମୋରା ଗ୍ରାମର ସମାଜସେବୀ ରମାକାନ୍ତ ପଟେଲ, ବରଗଡର ସାମାଜିକ କର୍ମୀ ବୁଧରାମ ସାହୁ, ବିଜେପୁର ବାଉଁଶପୁଲାର ସମାଜସେବୀ ଯୋଗେଶ୍ୱର ସାହୁ, ସମ୍ବାଦକଳିକା ଜିଲ୍ଲା ପ୍ରତିନିଧି ସାମ୍ବାଦିକ ଯୋଗେନ୍ଦ୍ର ସାହୁ, ବରିଷ୍ଠ କଳାକାର ମନାପଡାର ସୁନ୍ଦରମଣୀ ସାହୁ, ବିଜେପୁର ଗଣ୍ଡପାଳିର ନୃତ୍ୟ ନିର୍ଦ୍ଦେଶିକା ପ୍ରତିମା ସେଠଙ୍କୁ ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ ସେବା କାର୍ଯ୍ୟ ପାଇଁ ସମ୍ମାନ ଫଳକ ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏମ୍‌ଡି ନିଜାମ, ଉମାକାନ୍ତ ପାଣିଗ୍ରାହୀ, ଛୋଟେ ପାଣିଗ୍ରାହୀ, ଶୈଳେଶ ଶତପଥି, ସରୋଜ ନାୟକ, ଏମ୍‌ଡି ସାଜିଦ୍, କୃଷ୍ଣ ପଧାନ, ବୁଦ୍ଧଦେବ ପଧାନ, ସମ୍ପଦ କଲେତ, ଖବରକାଗଜ ବିତରକ ସଂଘ ଉପ ସଭାପତି ହରି ମୁଗରୀ, ଯତିରଞ୍ଜନ ପୂଜାରୀ, ମନୋଜ ରାୟ, ଦେବୀ ପ୍ରସାଦ ପଟ୍ଟନାୟକ, ତାନସେନ ସରାଫ, ଲଳିତ ବିଶି, ସନ୍ତୋଷ କର, ମଲ୍ଲେଶ ରାଓ, ଭୋଗୀରାଜ ରାଉତ, ରିତୁ ପୂଜାରୀ, ପ୍ରତିମା ତ୍ରିପାଠୀ, ମୁକେଶ ଆଚାର୍ଯ୍ୟ, ସୁନୀଲ ଅଗ୍ରୱାଲ, ପ୍ରଣତି ମଲ୍ଲିକ, ଜିତେନ୍ ସାହୁ, ପ୍ରତୀକ୍ଷା ସାହୁ, ଅଲିଭା ବାରିକ, ସୁରେଶ କୁମାର ସାହୁ, ସୁଦାମ ମଲ୍ଲିକ, ଅରୁଣା ପର୍ଡିଆ, କାର୍ତ୍ତିକ ପ୍ରଧାନ, ନିର୍ମଳ ଭୋଇ, ମଣ୍ଟୁ ପ୍ରଧାନ, ଯୋଗେଶ୍ୱର ମେହେର, ଅସିତ ପଟେଲ, ଚିତ୍ରସେନ ବିଶ୍ୱାଲ, ସୁମତି ବାଙ୍କ, କୃଳମଣି ନାଏକ, ମଧୁସୂଦନ ବର୍ଗେ, କୃଳମଣି ବାଗ, ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ ହୋଇଥିଲେ । ଏହି ଅବସରରେ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ, ବେଡ୍‌ସିଟ୍, ଲୁଙ୍ଗି, ଶାଢ଼ୀ, ସାୟା, ବ୍ଲାଉଜ, ଗେଞ୍ଜୀ, ଗାମୁଛା ଇତ୍ୟାଦି ବଣ୍ଟନ କରିବା ସହ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ପରିଶେଷରେ ଟି. ଗଣ୍ଡପାଳି, ପାଣିମୋରା, ବହଳବାହାଲର ଶିଶୁ ନୃତ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ସଂଘ ସମ୍ପାଦକ ବିପିନ ବିହାରୀ ଦାଶ ସଭା ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ମହମ୍ମଦ ଅସଲମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ା ସର୍ବ ପୁରାତନ ସାର୍ବଜନୀନ ଦୁର୍ଗା ପୂଜା:ବଦଳିଛି ଢାଞ୍ଚା



**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡା ସହରର ସର୍ବପୁରାତନ ସାର୍ବଜନୀନ ଦୁର୍ଗାପୂଜା ଦୀର୍ଘ ୮୩ ବର୍ଷ ଅତିକ୍ରମ କରି ୮୪ ବର୍ଷରେ ପହଞ୍ଚିଥିବା ବେଳେ ନିଆରା ଢଙ୍ଗରେ ଆରମ୍ଭ ହେଇଛି ମା' ଦୁର୍ଗାଙ୍କ ଶାରଦୀୟ ପୂଜା। ପୂର୍ବ ପାଣିପାଗ ବିଭାଗ ସୂଚନାକୁ ଖାତିର ନକରି ଅତି ଭକ୍ତି ଭାବାବେଗରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ପୂଜା କମିଟି। ରବିବାର ଦିବା ୧୦ଟା୩୦ରୁ ଦୁର୍ଗା ମଣ୍ଡପରୁ ଆରମ୍ଭ ହୋଇଥିଲା ମା' ଦୁର୍ଗାଙ୍କ କଳସ ଯାତ୍ରା। ଘଣ୍ଟ ଓ ପାରମ୍ପାରିକ ବାଦ୍ୟ ଯନ୍ତ୍ର ସହ ଶାନ୍ତି ଶୃଙ୍ଖଳା ସହ କଳସ ଯାତ୍ରା ସମ୍ପନ୍ନ ହୋଇଥିଲା। ସୋମବାର ସମ୍ପୂର୍ଣ୍ଣ ବୈଦିକ ରୀତିରେ ଆରମ୍ଭ ହୋଇଯାଇଛି ମା' ଦୁର୍ଗାଙ୍କ ପୂଜା। ଏହି ପୂଜାର କର୍ତ୍ତା ହେଇଛନ୍ତି ନୂଆପଡା ସହରର ଜଣେ ଜଣାଶୁଣା ସମାଜସେବୀ ପ୍ରବୀଣ ସିଂ ଠାକୁର ଓ ତାଙ୍କର ସପତ୍ନୀ। ଯେହେତୁ ନୂଆପଡା ସହର ଛତିଶଗଡି, ସମ୍ବଲପୁରି ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ହୋଇଥିବାରୁ ଲୋକଙ୍କ ମନୋରଞ୍ଜନ ପାଇଁ ମଙ୍ଗଳବାର ଅଷ୍ଟମୀରେ ଭିଳାଇରୁ ଛତିସଗଡି ସଙ୍ଗୀତ ପାର୍ଟି, ବୁଧବାର ନବମୀରେ ସମ୍ବଲପୁରର ସମ୍ବଲପୁରୀ ଅର୍କେଷ୍ଟ୍ରା ଓ ଗୁରୁବାର ଦଶମୀରେ ତିଗିରିଆରୁ ଆସୁଥିବା ଆତିଶବାଜି ସହ ରାବଣ ପୋଡି ତତ୍ ସଙ୍ଗେ ଭୁବନେଶ୍ୱରର ଏକ ମେଲୋଡି ପାର୍ଟିର ବ୍ୟବସ୍ଥା କରାଯାଇଛି। ପୂଜା କମିଟିର ସଭାପତି ପ୍ରସନ୍ନ କୁମାର ପାଢୀ, ସମ୍ପାଦକ ପ୍ରକାଶ ସ୍ୱାଇଁ, କୋଷାଧ୍ୟକ୍ଷ ବିବେକାନନ୍ଦ ଗୁପ୍ତା, ବରିଷ୍ଠ ସଦସ୍ୟ ଗଣ ମୁନା ମହାପାତ୍ର, ରିଣ୍ଟୁ ପୁରୋହିତ, ଶିଶିର ଭୂୟାଁ, ପିଣ୍ଟୁ ପୁରୋହିତ, ମଣ୍ଟୁ ପୁରୋହିତ, ଅକ୍ଷୟ ରାଉତ, ସରୋଜ ଗୁପ୍ତା, ଲଲନ ଗୁପ୍ତା, ସୁଶାନ୍ତ କର, ଦୀପକ ମିଶ୍ର ପ୍ରମୁଖ ନୂଆପଡା ବାସୀଙ୍କୁ ଏହି ଶାରଦୀୟ ଉତ୍ସବରେ ଯୋଗଦେଇ ସାର୍ବଜନୀନ ଦୁର୍ଗାପୂଜାକୁ ଆହୁରି ଉତ୍ସବ ମୁଖର କରିବାକୁ ଅନୁରୋଧ କରିଛନ୍ତି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ଉପରେ ଆଲୋକପାତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଜନସଂଘର ପ୍ରତିଷ୍ଠାତା ସଭ୍ୟ ତଥା ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ ତମ ଜନ୍ମ ଜୟନ୍ତୀ କପାଳେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଶକ୍ତିକେନ୍ଦ୍ର ପ୍ରମୁଖ ପୁରୁଷୋତ୍ତମ ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ତଥା ବିଜେପି ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସଂଘର୍ଷମୟ ଜୀବନୀ ତଥା ଦେଶରେ କଂଗ୍ରେସ ସରକାର ବିରୋଧରେ ଏକ ନିର୍ଦ୍ଦିଷ୍ଟ ବିଚାରକୁ ନେଇ ଭାରତୀୟ ଜଣସଂଘ ଭଳି ଏକ ବିକଳ୍ପ ରାଜନୈତିକ ଦଳ ଗଠନ କରି କିପରି ସଂଗଠନକୁ ସୁଦୃଢ କରିପାରିଥିଲେ ଓ ପରବର୍ତ୍ତୀ ସମୟରେ ଭାରତୀୟ ଜନତା ପାର୍ଟିର ଗଠନ ଓ କାର୍ଯ୍ୟଶୈଳୀ ଦ୍ୱାରା ଲୋକପ୍ରିୟତା ହାସଲ କରି ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିଛନ୍ତି ଏବଂ ଜନସାଧାରଣଙ୍କୁ ସୁଶାସନ ପ୍ରଦାନ କରୁଛନ୍ତି ସେ ବିଷୟରେ ଆଲୋକପାତ କରଥିଲେ। ଏହି କାର୍ଯ୍ୟକ୍ରମରେ ବୁଥ୍ ସଭାପତି ପ୍ରଭାତ ତ୍ରିପାଠୀ, ରବୀନ୍ଦ୍ର ବାରିକ, ଗୋବର୍ଦ୍ଧନ ପରିଡା, ପରୀକ୍ଷିତ ମଲ୍ଲିକ, ଧନଞ୍ଜୟ କର, ସୟଦ ସମସେର ଅଲ୍ଲୀ, ଟିଲନ ନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ବଳରାମ ବେହେରା, ପ୍ରମୋଦ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ରବି ନାରାୟଣ ସାହୁ, ଜ୍ଞାନରଞ୍ଜନ ପ୍ରଧାନ, ମାନସ ରଞ୍ଜନ ଶତପଥୀ, ଦେବେନ୍ଦ୍ର ତ୍ରିପାଠୀ, ନିତ୍ୟାନନ୍ଦ ଭଦ୍ର, ଆଲୋକ ଘଡ଼ାଇ, ଗୋପୀନାଥ ସାହୁ, ରମେଶ ଚନ୍ଦ୍ର ଲେଙ୍କା, ରଜତ କୁମାର ସ୍ୱାଇଁ, ସନ୍ତୋଷ କୁମାର ଲେଙ୍କା, ନିରଞ୍ଜନ ନାୟକ, ପ୍ରହଲ୍ଲାଦ ଭଦ୍ର, ପ୍ରଫୁଲ୍ଲ ସାମଲ, ସୁକାନ୍ତ ପଣ୍ଡା, ଅନ୍ତର୍ଯ୍ୟାମୀ ପଣ୍ଡା, ସୁଶାନ୍ତ ପଣ୍ଡା, ରଘୁନାଥ ମଳିକ, ପ୍ରଫୁଲ୍ଲ ଘଡ଼ାଇ, ସନ୍ଧ୍ୟାରାଣୀ ନାୟକ, ପ୍ରତିଭା ଭଦ୍ର, ଜିଜ୍ଞାସା ସେଠୀ, ଦମୟନ୍ତୀ ସେଠୀ ପ୍ରମୁଖ ଯୋଗଦେଇ ପାଣ୍ଡିତଜୀଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ପ୍ରମୁଖ ଦେବାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିବା ସହିତ ବୃକ୍ଷ ରୋପଣ କରିଥିଲେ। ପରିଶେଷରେ ଶକ୍ତିକେନ୍ଦ୍ର ସହ ପ୍ରମୁଖ ହରେକୃଷ୍ଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବଢୁଛି ଜଙ୍ଗଲୀ ହାତୀଙ୍କ ଉତ୍ପାତ:ଚାଷୀ ଭୟଭୀତ



**ରଣପୁର, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ବନଖଣ୍ଡ ଅଧିନ ରଣପୁର ବନାଞ୍ଚଳରେ ଜଙ୍ଗଲ ବଢିବା ସହ ବନ୍ୟଜନ୍ତୁଙ୍କ ସଂଖ୍ୟା ବଢିବାରେ ଲାଗିଛି। କିନ୍ତୁ ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲରେ ଖାଦ୍ୟ ଓ ପାଣି ପାଇଁ ସରକାରଙ୍କ ତରଫରୁ କାମ୍ପା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରି ପୁଷ୍କରିଣୀ ଖନନ, ବୃକ୍ଷରୋପଣ ଓ ବାଉଁଶ ଗଛ ସୁରକ୍ଷା କରାଯାଉଛି। କିନ୍ତୁ ଫଳ ଶୂନ୍। ବନ୍ୟଜନ୍ତୁ ଗାଁ ମୁହାଁ। ବିଶେଷ କରି ଜଙ୍ଗଲୀ ହାତୀଙ୍କୁ ବନବିଭାଗ ଜଙ୍ଗଲ ଭିତରେ ଅଟକାଇ ରଖିପାରୁନି। ଗାଁ ମୁହାଁ ଜଙ୍ଗଲୀ ହାତୀ ଧାନ ଓ ରବି ଫସଲ ଖାଇ ନଷ୍ଟ କରୁଛନ୍ତି। ଚାଷୀ ଫସଲ ଜଗିବାକୁ ଯାଇ ମୃତ୍ୟୁ ମୁଖରେ ତ କେତେବେଳେ ହାତୀ ମୃତ୍ୟୁ ମୁଖରେ। ବନବିଭାଗ ଗଜସାଥିଙ୍କ ମାଧ୍ୟମରେ କେବଳ ଜଙ୍ଗଲୀ ହାତୀଙ୍କ ଗତିବିଧି ଖବର ରଖୁଛି। ଲୋକଙ୍କ ଫସଲ ନଷ୍ଟ କଲେ ଅନୁକମ୍ପା ଆପ୍ ମାଧ୍ୟମରେ କ୍ଷୟକ୍ଷତି ସହାୟତା ପାଇଁ ଆବେଦନ ପାଇଁ କହୁଛି। ହେଲେ କେତେବେଳେ ସହାୟତା ରାଶି ମିଳୁଛି ତ କେତବେଳେ ନାହିଁ। ଯାହା ମିଳୁଛି କ୍ଷତି ତୁଳନାରେ ସମୁଦ୍ରକୁ ଶଙ୍ଖେ। ମଣିଷ ଭଳି ଅମୂଲ୍ୟ ଜୀବନ ଚାଲିଯାଉଛି। ଜଙ୍ଗଲୀ ହାତୀ ଗାଁ ଗଣ୍ଡାରେ ବୁଲିବା ଯୋଗୁ ଲୋକମାନେ ସନ୍ଧ୍ୟାରୁ ସକାଳ ଘରୁ ବାହାରୁ ନାହାଁନ୍ତି। ରଣପୁରରେ ଦୀର୍ଘଦିନ ହେଲା ରେଞ୍ଜର ପଦବୀ ଖାଲି। ଡେପୁଟି ରେଞ୍ଜର ଦାୟିତ୍ୱରେ। ଜଙ୍ଗଲୀ ହାତୀଙ୍କ ଉତ୍ପାତ ନେଇ ଗୋପାଳପୁର ବନପାଳ ଅବିନାଶ ଖୁଣ୍ଟିଆ କୁହନ୍ତି ମୟୁରଝାଲିଆ, ଜଙ୍କିଆ, ବାରଙ୍ଗ ଗାଡିଆ, ରାଇପଡା ଅଞ୍ଚଳରେ ପୂର୍ବରୁ ହାତୀ ସତର୍କତା ସୌରଚାଳିତ ୫ଟି ଯନ୍ତ୍ର ବସାଯାଇଛି। ଏବେ ଆଉ ୧୩ ଯନ୍ତ୍ର ଆସିବାର ଅଛି। ବିଶେଷକରି ହାତୀ ପ୍ରଭାବିତ ଅଞ୍ଚଳରେ ଲଗାଯିବ। ଯାହାଫଳରେ ଯନ୍ତ୍ରର ଦୁଇ କିଲୋମିଟର ପରିଧି ଭିତରକୁ ଜଙ୍ଗଲୀ ହାତୀ ଆସିଲେ ସତର୍କତା ସାଇରନ୍ ବାଜିବ। ଫଳରେ ଲୋକମାନେ ସଜାଗ ହୋଇଯିବେ। ମଣିଷ ଜୀବନ ସୁରକ୍ଷିତ ହେବ। ଅପରପକ୍ଷରେ ଧାନ ସମୟରେ ଜଙ୍ଗଲୀ ହାତୀଙ୍କ ଉତ୍ପାତରେ ଚାଷୀ ଭୟଭୀତ। ବନବିଭାଗ ଜଙ୍ଗଲୀ ହାତୀଙ୍କୁ ବନାଞ୍ଚଳକୁ ଫେରାଇନେବା ପାଇଁ ହେଉଛି ଦାବି।

# ନିଆରା ପର୍ବ ଭାଇଜିଉନ୍ତିଆ:ଭାଇର ମଙ୍ଗଳ କାମନା କରନ୍ତି ଭଉଣୀ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭାଇଙ୍କର କଲ୍ୟାଣ ପାଇଁ ଯେମିତି ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥାଏ, ପଶ୍ଚିମ ଓଡ଼ିଶାରେ ଏହିଭଳି ଏକ ନିଆରା ପର୍ବ ହେଉଛି ଭାଇ ଭାଇଜିଉନ୍ତିଆ। ଶାରଦୀୟ ନବରାତ୍ରୀର ମହାଷ୍ଟମୀ ଅବସରରେ ସନ୍ଧ୍ୟାରେ ଏହି ପର୍ବ ପାଳନ କରାଯାଇଥାଏ। ପଶ୍ଚିମ ଓଡ଼ିଶାର ବିବାହିତ ଓ ଅବିବାହିତ ଭଉଣୀମାନେ ସେମାନଙ୍କର ଭାଇଙ୍କ ମଙ୍ଗଳ କାମନା କରି ଏହି ପୂଜା କରିଛନ୍ତି। ଭାଇ ଜିଉନ୍ତିଆ ପାଇଁ ପଶ୍ଚିମ ଓଡ଼ିଶାର ଗାଁ ଠାରୁ ସହର ପର୍ଯ୍ୟନ୍ତ ଚଳଚଞ୍ଚଳ ଦେଖାଯାଇଛି। ବିବାହିତ ଝିଅମାନେ ବାପଘରକୁ ଆସି ଗାଁର ପୁରାତନ ସାଙ୍ଗମାନଙ୍କ ସହିତ ଗାଁର ପ୍ରମୁଖ ସ୍ଥାନରେ ଏକତ୍ର ହୋଇ ପୂଜା କରିଛନ୍ତି। ଏହି ଓଷାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭଉଣୀମାନେ ଭାଇର ମଙ୍ଗଳ ମନାସି ଦୁର୍ଗାଷ୍ଟମୀ ଦିନ ନିର୍ଜଳା ଉପବାସ ରହିଥାନ୍ତି। ସନ୍ଧ୍ୟା ସାତଟାରୁ ଆରମ୍ଭ ହୋଇଥାଏ ଭାଇଜିଉନ୍ତିଆ ପୂଜା ପର୍ବ। ପ୍ରାୟତଃ ଗ୍ରାମରେ ଗୋଟିଏ ସ୍ଥାନରେ ହେଉ ବା ଦେବୀ ମନ୍ଦିର ସମ୍ମୁଖରେ ଏହା ପାଳନ କରାଯାଇଥାଏ। ଯେଉଁଠାରେ ମନ୍ଦିର ନଥାଏ, ସେଠାରେ କୋଠି ବା ପୂଜା ମଣ୍ଡପ ନିର୍ମାଣ କରାଯାଇଥାଏ । ଚାରିଟି ଖୁଣ୍ଟ ପୋତି ନୂଆ ଚାନ୍ଦୁଆ ଓ ଆମ୍ବ ତୋରଣ କରି ନୂଆ ବସ୍ତ୍ର ପକାଇ ତା'ଉପରେ ମା' ଦୁର୍ଗାଙ୍କ ଫଟୋ ରଖି ପୂଜା କରିଥାନ୍ତି ବ୍ରତଧାରି ମା' ଓ ଭଉଣୀମାନେ। ଭାଇଘର ଦେଇଥିବା ନୂତନ ଶାଢ଼ି ପରିଧାନ କରି ଏହି ବ୍ରତ କରି ବ୍ରାହ୍ମଣଙ୍କ ଠାରୁ ଭାଇଜିଉନ୍ତିଆ ଓଷା କଥା ଶୁଣିଥାନ୍ତି ଭଉଣୀମାନେ। ୧୦୮ ଦୁବ, ୧୦୮ ଅକ୍ଷତ, ଭେଣ୍ଡିକୁ ଏକ ଶାଳପତ୍ରରେ ବିଡ଼ା ବାନ୍ଧି ତା'ପରେ ଜିଉନ୍ତିଆକୁ ବାନ୍ଧିଥାଆନ୍ତି। ତାକୁ ଓଷା ସମୟରେ ପ୍ରଥମେ ମା'ଦୁର୍ଗାଙ୍କୁ ଏହି ଦୁବ ଅର୍ପଣ କରିଥାନ୍ତି ଭାଇର ମଙ୍ଗଳ କାମନା କରିବା ସହିତ ଭଉଣୀମାନେ ୧୦୮ ବର୍ଷର ଆୟୁଷ ମାଗିଥାନ୍ତି। ଏଥିରେ ଦଶ ପ୍ରକାର ଫୁଲ ଓ ଦଶ ପ୍ରକାର ଫଳ ମା' ଦୁର୍ଗାଙ୍କୁ ଅର୍ପଣ କରିଥାନ୍ତି। ଏଥିରେ ବିଶେଷ ଭାବରେ କଖାରୁ ଫୁଲକୁ ଗୁରୁତ୍ୱ ଦିଆଯାଇଥାଏ। ପୁରାଣରେ ଲେଖା ଅଛି ପ୍ରଭୁ ଶ୍ରୀରାମଚନ୍ଦ୍ର ମହାନବମୀ ତିଥିରେ ଏକଲକ୍ଷ ଆଠ ପଦ୍ମଫୁଲ ମା' ଦୁର୍ଗାଙ୍କୁ ଅର୍ପଣ କରି ବର ପାଇ ଦଶହରା ଦିନ ରାବଣ ବଧ କରିଥିଲେ। ଯେଉଁମାନେ ଏକ ଲକ୍ଷ ଆଠ ପଦ୍ମଫୁଲ ପାଇବେନାହିଁ, ସେମାନେ ମହାଷ୍ଟମୀ ଦିନ ଗୋଟିଏ କଖାରୁ ଫୁଲ ମା'ଙ୍କୁ ଅର୍ପଣ କଲେ ଏହି ଫଳ ପ୍ରାପ୍ତି ହୋଇଥାଏ। ଏହାସହିତ ସୀତାଫଳକୁ ମା'ଙ୍କୁ ଅର୍ପଣ କରାଯାଏ। ଏହି ଓଷା ସରିଲା ପରେ ସମସ୍ତ ଓଷାଇତିମାନେ ପରଦିନ ସକାଳୁ ନଦୀ ବା ନାଳକୁ ଯାଇ କାଠି ଗାଡ଼ି ଚଣା ଗିଳିଥାନ୍ତି। ସେଠାରୁ ଫେରିବା ପରେ ଘରେ ଜାଗର ଜାଳି ସେହି ଦୁବକୁ ଭାଇର ମୁଣ୍ଡରେ ସାତ ଥର ଛୁଆଁଇ ମଙ୍ଗଳ କାମନା କରିଥାନ୍ତି। ଏହା ସହିତ ଭଉଣୀମାନେ ଭାଇକୁ ଖାଇବା ପାଇଁ କିଛି ମିଷ୍ଟାନ୍ନ ଦେଇଥାନ୍ତି। ତା'ଛଡ଼ା କିଛି ନୂଆ ବସ୍ତ୍ର ଦେଇଥାନ୍ତି। ଏହାପରେ ଏହି ବ୍ରତ ପାଳନ ସମ୍ପୂର୍ଣ୍ଣ ହୋଇଥାଏ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଅକ୍ଟୋବର ୨୦୨୫ ବୁଧବାର





/////// ଯାଜପୁରରୋଡ଼ରେ ଦୁର୍ଗାପୂଜା ମାହୋଲ ///////

# ସୁନ୍ଦର ତୋରଣ ସାଙ୍ଗଙ୍କୁ ଝଲସୁଛି ପୂଜାମଣ୍ଡପ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁରରୋଡ ବା ବ୍ୟାସନଗର ସହରରେ ଦୁର୍ଗାପୂଜା ମାହୋଲ ବତାବରଣ ସୃଷ୍ଟି ହୋଇଛି । ପାଗ ଅନୁକୂଳ ଥିବାର ଦର୍ଶକଙ୍କୁ ସଂଖ୍ୟା ଆଶାତିତ ବୃଦ୍ଧି ପାଇଛି । ପୂଜା ମଣ୍ଡପରେ ଗୁଡ଼ିକରେ ପ୍ରସାଦ ସେବନ ଚାଲିଛି। ସହରର ୬ଟି ମେଢ ପ୍ରିୟଦର୍ଶିନୀ ରୋଡ, କଣ୍ଟଗଡିଆ, ରାଇସିମିଲ, ନହକା, କୋପଣ୍ଡ ଓ କାଦମ୍ବରୀ ପୂଜା ମଣ୍ଡପରେ ମାଆ ଦୁର୍ଗା ପୂଜା ପାଉଛନ୍ତି । ପୂଜା ମଣ୍ଡପ ଗୁଡିକ ପ୍ରତିଯୋଗିତା ମୂଳକ ଭାବେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ସୁନ୍ଦର ତୋରଣ ଓ ଆଲୋକ ସଜ୍ଜା ସହରର ରୂପରେଖ ବଦଳାଇଦେଇଛି । ବିଭିନ୍ନ ରଙ୍ଗୀନ ଆଲୋକ ମାଳରେ ସହରର ରାସ୍ତା ଘାଟ ଝଲମଲ କରୁଛି । ସତେଯେପରି ଇନ୍ଦ୍ର ମହଲର ଭ୍ରମ ସୃଷ୍ଟି କରିଛି । ଦିନ ବେଳେ ଦୁରଦୂରାନ୍ତ ଲୋକମାନଙ୍କ ସମାଗମ ହେଉଥିବା ବେଳେ ସନ୍ଧ୍ୟା ହେଲେ ଦର୍ଶକଙ୍କ ଭିଡ଼ ଜମୁଛି । ମଣ୍ଡପ ଗୁଡିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପୌରାଣିକ, ସାମାଜିକ, ବିଭିନ୍ନ ଘଟଣାବଳୀ ଓ ଜନସଚେତନତାର ବାର୍ତ୍ତା ବହନ କରୁଥିବା ବାରୂହାଳୀ ମୂର୍ତ୍ତିମାନ ଶୋଭାପାଉଛି । ମିନବଜାର ସାଙ୍ଗକୁ ଦୋଳି ଓ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ୍‌ରେ ଭିଡ଼ ଜମୁଛି । ପୂଜା ମଣ୍ଡପ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ପ୍ରସିଦ୍ଧ ନାମିଦାମୀ କଣ୍ଠଶିଳ୍ପୀ ମାନଙ୍କୁ ନେଇ ଭଜନ ସନ୍ଧ୍ୟା ଏବଂ ମେଲୋଡି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମୁଛି । ପୋଲିସ ପକ୍ଷରୁ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଅସାମାଜିକ ତତ୍ୱ, ଚୋରି, ପକେଟ୍‌ମାର୍‌ଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ପୂଜା ମଣ୍ଡପ ଓ ବିଭିନ୍ନ ସ୍ଥାନରେ ସିସି ଟିଭି ଲଗାଯାଇଛି । ସହର ମଧ୍ୟକୁ ଭାରୀଯାନ ଓ ପ୍ଲାଣ୍ଟ ବସ୍ ପ୍ରବେଶ ଉପରେ କଟକଣା କରାଯାଇଛି ।



## ପୁଣି ମାଓବାଦୀଙ୍କୁ ଝଟ୍‌କା:ମାଓ ଡମ୍ପ ଉଦ୍ଧାର କଲେ ଯବାନ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଙ୍ଗଲରେ ପୁଣି ନକ୍ସଲଙ୍କୁ ଝଟ୍‌କା ଲାଗିଛି । ଏହି ଜଙ୍ଗଲରେ ନକ୍ସଲ ଲୁଚାଇ ରଖିଥିବା ବିସ୍ଫୋରକ ଓ ଅନ୍ୟ ମାଓ ସାମଗ୍ରୀକୁ ଯବାନ ଉଦ୍ଧାର କରିଛନ୍ତି । ଏହି ଡମ୍ପରେ ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ ସହ ଲିଥିୟମ୍ ବ୍ୟାଟେରୀ, ବିଦ୍ୟୁତ୍ ତାର, ୱାକିଟକି, ଚାର୍ଜର, ନକ୍ସଲ ପୋଷାକ, ବେଲ୍ଟ, ବ୍ୟାଗ, ଅନ୍ୟ ସାମଗ୍ରୀ ଜବତ କରାଯାଇଛି । ଏଠାରେ କୁତୁଲ ଏରିଆ କମିଟି ତରଫରୁ ଏହି ମାଓ ସାମଗ୍ରୀ ଗୁଡିକୁ ଲୁଚାଇ ରଖାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି । ସୁରକ୍ଷାକର୍ମୀ ଏବଂ ସାଧାରଣ ଜନତାକୁ ଟାର୍ଗେଟ୍ କରିବା ପାଇଁ ଏଭଳି ଲୁଚାଇ ରଖିଥିବା ପୋଲିସ କହିଛି । ଗତ ୨୫ ତାରିଖରେ ମଧ୍ୟ କୋଲିଆର ଅଞ୍ଚଳରେ ନକ୍ସଲ୍ ଲୁଚାଇ ରଖିଥିବା ୫ଟି ଲ୍ୟାଣ୍ଡମାଇନ୍‌କୁ ଉଦ୍ଧାର କରି ନିଷ୍କ୍ରିୟ କରିଛି । ଏହି ଚଢଉରେ ଜିଲ୍ଲା ପୋଲିସ ସମେତ ଆଇଟିବିପି ଯବାନ ସାମିଲ୍ ଥିଲେ । ପୋଲିସକୁ ମାଓ ଦମନରେ ଲଗାତାର ସଫଳତା ମିଳି ଚାଲିଛି । ନକ୍ସଲ ଏବେ ପୋଲିସ ଭୟରେ ଲୁଚି ରହିଛନ୍ତି । କିନ୍ତୁ ପୋଲିସ ନିଜର ଟାର୍ଗେଟ୍‌କୁ ସଫଳ କରିବା ପାଇଁ ସମସ୍ତ ଉଦ୍ୟମ ଲଗାଇଥିବା ଦେଖିବାକୁ ମିଳିଛି ।

# ଓଏଏସ୍ ପରୀକ୍ଷାରେ ଦିବ୍ୟାଙ୍ଗ ଝିଅର ସଫଳତା



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବହୁ ପ୍ରତୀକ୍ଷିତ ଓଡ଼ିଶା ସିଭିଲ୍ ସର୍ଭିସ୍–୨୦୨୩ ପରୀକ୍ଷାର ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି । ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଗ୍ରାମର ଦିବ୍ୟାଙ୍ଗ ଝିଅ ସ୍ମୃତି ଶିଖା ଭୋଇ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସେ ୩୩୫ ନମ୍ବର ରେଙ୍କ୍ ରଖି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ସ୍ମୃତିଶିଖା ଜନ୍ମରୁ ଦୃଷ୍ଟି ବାଧିତ ସେ ଠିକ୍ ଭାବେ ଦେଖି ନ ।ରିଲେ ବି ତାଙ୍କ ଦୃଢ ମନୋବଳ ଓ ଇଚ୍ଛାଶକ୍ତି ଆଗରେ ଆଜି ସଫଳତା ହାର ମାନିଛି । କଠିନ ପରିଶ୍ରମ କରି ପ୍ରଥମ ଚେଷ୍ଟାରେ ଓଏଏସ୍ ପରୀକ୍ଷାରେ ସଫଳ ହୋଇଛନ୍ତି ସ୍ମୃତିଶିଖା ଭୋଇ । ଗତବର୍ଷ ଓଏଏସ୍ ପରୀକ୍ଷାରେ ସଫଳ ହୋଇଥିବା ଭାଇ ଜ୍ୟୋତି ରଞ୍ଜନ, ବାପା ମାଆ, ବଡବାପା ଏବଂ ମାମୁଁ ମାଇଁଙ୍କ ଠାରୁ ସେ ପ୍ରେରିତ ହୋଇଥିବା କହିଛନ୍ତି । ଏ ଖବରପାଇ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ସ୍ମୃତିଶିଖାଙ୍କ ସୋନପୁର ବାସଭବନକୁ ପହଞ୍ଚି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ଏବଂ ସ୍ମୃତି ଶିଖା ଆମ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ । ପରିବାର ସହ ଅଧଘଣ୍ଟା ସମୟ ବିତାଇ ଉତ୍ସାହିତ କରିଥିଲେ । ପୂର୍ବରୁ ସ୍ଥାନୀୟ ବ୍ଲକ ସଭାଗୃହ ଠାରେ ସାକ୍ଷାତ ଆଲୋଚନା ହୋଇଥିବା ସ୍ମୃତିଶିଖାକୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନେଇ ଜିଲ୍ଲାପାଳ ଉତ୍ସାହିତ କରିଥିଲା ବେଳେ ପରୀକ୍ଷାରେ ଉତ୍ତୀର୍ଣ୍ଣ ପରେ ଏ ସଫଳତା ପାଇଁ ଆହୁରି ଖୁସି ହୋଇଥିଲେ ଜିଲ୍ଲାପାଳ । ଖୋଦ୍ ଜିଲ୍ଲା ମୁଖିଆ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇବା ପାଇଁ ଘରେ ପହଞ୍ଚି ଥିବାରୁ ସ୍ମୃତିଶିଖା ଭାବ ବିହ୍ୱଳ ହୋଇଯାଇଥିଲେ । ଡିଆଇପିଆରଓ ଅର୍ଜୁନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ । ସ୍ମୃତିର ମା' ସୁବାସିନୀ ଜଣେ ଗୃହିଣୀ ହୋଇଥିବା ବେଳେ ବାପା ଫକୀର ଚରଣ ଭୋଇ ସୋନପୁର ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ମାମୁଁ ଦୈତ୍ୟ ଭୋଇ ସୋନପୁର ବ୍ଲକର କୋଷାଧକ୍ଷ ଅଟନ୍ତି । ଏ ଖବରରେ ସୋନପୁରର ବୁଦ୍ଧିଜୀବୀ, ମିଡ଼ିଆ ଓ ବିଭିନ୍ନ ପ୍ରଶାସନିକ ଅଧିକାରୀ ସ୍ମୃତିଶିଖାକୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି ।

# ରାଜ୍ୟରେ ଜବତ ହେଲାଣି ୮ କୋଟିର ବେଆଇନ୍ ବିସ୍ଫୋରକ:୧୩୩ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ବିସ୍ଫୋରକ ସାମଗ୍ରୀ ପାଇଁ ସାଧାରଣ ଲୋକଙ୍କ ଧନଜୀବନ ବାଜିରେ ଲାଗୁଛି । ବେଆଇନ୍ ଭାବେ ବିସ୍ଫୋରକ ବିକ୍ରି, ଗଚ୍ଛିତ ଓ ଚାଲାଣ କରୁଥିବା ବ୍ୟବସାୟୀଙ୍କୁ ବାନ୍ଧି ଜେଲ୍ ପଠାଇବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏଯାଏଁ ରାଜ୍ୟରେ ୮ କୋଟି ୨୪ ଲକ୍ଷ ୬୦ ହଜାର ୭୦୦ ଟଙ୍କାର ବେଆଇନ୍ ବିସ୍ଫୋରକ ସାମଗ୍ରୀ ଜବତ ହେବା ଘଟଣା ଉଦ୍‌ବେଗର କାରଣ ହୋଇଛି । ଏ ନେଇ ୧୮୪ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୧୩୩ ଜଣଙ୍କୁ ଗିରଫ କରାଯାଇଛି ଓ ୪୫ ଜଣଙ୍କୁ ନୋଟିସ୍ ଦିଆଯାଇଛି । ପୋଲିସ ଡିଜି ୱାଇ.ବି. ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ 'ଅଗ୍ନି' ନାମରେ ଏକ ସ୍ୱତନ୍ତ୍ର ଅଭିଯାନ ଗଲା ୧୪ରୁ ୨୭ ତାରିଖ ଯାଏଁ ଚାଲିଥିଲା । ଏହି ଅଭିଯାନରେ ରାଜ୍ୟରେ ବେଆଇନ୍ ଭାବେ ବିସ୍ଫୋରକ ସାମଗ୍ରୀ ଏକାଠି କରିବା, ଚାଲାଣ କରିବା ଏବଂ ବିକ୍ରି କରିବାକୁ ନଜରରେ ରଖାଯାଇଥିଲା । ଏବେ ପାର୍ବଣ ଋତୁ ଚାଲିଥିବାବେଳେ ଅକ୍ଟୋବରରେ ଦୀପାବଳି ଉତ୍ସବ ଆୟୋଜିତ ହେବାକୁ ଯାଉଛି । ଏହି ଚଢ଼ଉରେ ଅନୁଗୁଳ ଜିଲ୍ଲାରେ ୧୭ଟି ବେଆଇନ୍ ବିସ୍ଫୋରକ ସାମଗ୍ରୀ କାରବାର ଜନିତ ମାମଲା ରୁଜୁ ହୋଇଥିବା ବେଳେ ୫ ହଜାର ୭୩୦ କେଜି ବିସ୍ଫୋରକ, ଗୋଟିଏ ଗାଡ଼ି ଜବତ ହୋଇଛି । ଜବତ ବିସ୍ଫୋରକ ସାମଗ୍ରୀର ମୂଲ୍ୟ ହେଉଛି ୧ କୋଟି ୫୦ ଲକ୍ଷ ଟଙ୍କା । ଏଥିରେ ୧୩ ଜଣ ଅଭିଯୁକ୍ତ ଧରାପଡ଼ିଛନ୍ତି । ସେହିଭଳି କେନ୍ଦୁଝର ଜିଲ୍ଲାରେ ୨୧ଟି ମାମଲା ରୁଜୁ ହୋଇଥିବା ବେଳେ ୧୨ ଶହ ୧୮ କେଜି ବିସ୍ଫୋରକ ଜବତ, ୧ ହଜାର ୭୯ କେଜି ବିଭିନ୍ନ ପ୍ରକାର ବାଣ, ଗନ୍ ପାଉଡର, ୫ କେଜି ଗନ୍ଧକ, ୨ କେଜି ସିଲ୍‌ଭର୍ ରୁଖା ଜବତ ହୋଇଛି । ଜବତ ସାମଗ୍ରୀର ମୂଲ୍ୟ ହେଉଛି ୧୫ ଲକ୍ଷ ୧୬ ହଜାର ଟଙ୍କା । ଗଞ୍ଜାମ ଜିଲ୍ଲାରେ ୧୪ଟି ମାମଲା ରୁଜୁ ହୋଇଥିବା ୨୧ ଲକ୍ଷ ୫ ହଜାର ଟଙ୍କାର ବିସ୍ଫୋରକ ଜବତ ହୋଇଛି । ୧୦ ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ଓ ୪ ଜଣଙ୍କୁ ଗିରଫ କରାଯାଇଛି । ବୌଦ୍ଧ ଜିଲ୍ଲାରେ ୧୦ଟି ମାମଲା, ୫ କୋଟିର ବିସ୍ଫୋରକ ଜବତ ହୋଇଥିବା ବେଳେ ୫ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି ଓ ୫ ଜଣଙ୍କୁ ନୋଟିସ୍ ଦିଆଯାଇଛି । ଆଇନ୍‌ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର କହିଛନ୍ତି ଯେ ବାଣ ଭଳି ବିସ୍ଫୋରକ ସାମଗ୍ରୀ ଗଚ୍ଛିତ, ବିକ୍ରି କିମ୍ବା ଚାଲାଣ ପାଇଁ ଜିଲ୍ଲାପାଳ ଅନୁମତି ପ୍ରଦାନ କରିଥାନ୍ତି । ଏଥିପାଇଁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ସହିତ ଉପଯୁକ୍ତ ସ୍ଥାନର ଆବଶ୍ୟକତା ଥାଏ । ଏସବୁ ପାଳନ ନକରି ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ବିସ୍ଫୋରକ ସାମଗ୍ରୀ କାରବାର ହେଉଥିବା ଅଭିଯୋଗ ଆଧାରରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବେଆଇନ୍ ବିସ୍ଫୋରକ ସାମଗ୍ରୀ କାରବାର ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଦୀପାବଳି ଯାଏଁ ଜାରି ରହିବ ବୋଲି ଶ୍ରୀ କୁମାର କହିଛନ୍ତି ।

## ସର୍ପ ଦଂଶନରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**ବୈପାରିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ମକା ବାଡ଼ିରେ ମକା ତୋଳିବା ସମୟରେ ସାପ କାମୁଡ଼ାରେ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି । କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅଧୀନ ଗୟଲକୁଣ୍ଡ ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି । ମୃତ ବ୍ୟକ୍ତି ହେଲେ ଚନ୍ଦ୍ରସେନ ଦୁରୁଆ (୧୩) । ଘଟଣା ଅନୁଯାୟୀ, ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ଗୟଲକୁଣ୍ଡ ଗ୍ରାମର କାହ୍ନୁ ଦୁରୁଆଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ଚନ୍ଦ୍ରସେନ ଦୁରୁଆ (୧୩) ଅପରାହ୍ନରେ ପରିବାର ଲୋକଙ୍କ ସହ ନିଜ ମକା ବାଡ଼ରେ ମକା ତୋଳିବାକୁ ଯାଇଥିଲେ । ମକା ତୋଳି ବାପା ମା' ଘରକୁ ଫେରିଥିଲେ କିନ୍ତୁ ଚନ୍ଦ୍ରସେନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମକା ତୋଳୁଥିଲେ । ମକା ତୋଳୁଥିବା ସମୟରେ ହଠାତ୍ ଏକ ବିଷାକ୍ତ ସାପ ଚନ୍ଦ୍ରସେନ୍‌ଙ୍କ ବାମ ହାତର ଆଙ୍ଗୁଳିରେ କାମୁଡ଼ି ଦେଇଥିଲା । ଚନ୍ଦ୍ରସେନ୍ ଦୌଡ଼ି ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ପରିବାର ଲୋକେ ଡାକ୍ତରଖାନା ନେବା ପରିବର୍ତ୍ତେ ଗୁଣିଆର ସାହାଯ୍ୟ ନେଇଥିଲେ । ଗୁଣିଗାରେଡ଼ିରେ ଚିକିତ୍ସା ଚାଲିଥିବା ବେଳେ ମଧ୍ୟରାତ୍ରରେ ଚନ୍ଦ୍ରସେନଙ୍କ ମୃତ୍ୟୁ ହୋଇଯାଇଥିଲା । ଖବରପାଇ ରାମଗିରି ଫାଣ୍ଡି ଏଏସ୍‌ଆଇ ବିଷ୍ଣୁ ମାଡ଼କାମି ଗୟଲକୁଣ୍ଡ ଗ୍ରାମରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଆଜିର ଆଧୁନିକ ଯୁଗରେ ମଧ୍ୟ ବହୁ ଆଭ୍ୟନ୍ତରୀଣ ଅଞ୍ଚଳରେ ଗୁଣିଗାରେଡ଼ି ଉପରେ ବିଶ୍ୱାସ କରି ଜୀବନ ହରାଉଥିବା ଜଣାପଡିଛି ।

## ପାର୍ବଣରେ ମାତିଲେ ଲୁଟେରା

**ବାଲିଅନ୍ତା, ନ୍ୟୁଜ୍ ବ୍ୟୁରୋ**

ବାଲିଅନ୍ତା ଅଞ୍ଚଳର ଜଣେ ଯୁବତୀ ରସୁଲଗଡ଼ ନିକଟ ଏକ ଶୋ' ରୁମ୍‌ରେ ସୋମବାର ରାତି ୮ରୁ ୯ ମଧ୍ୟରେ ଡ୍ରେସ୍ କିଣିବା ବେଳେ ତାଙ୍କ ଫୋନ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଯୁବତୀ ଜଣଙ୍କ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ଯୁବତୀ ଜଣଙ୍କ ଡ୍ରେସ୍ ନେଇ କ୍ୟାସ୍ କାଉଣ୍ଟର ନିକଟରେ ବିଲ୍ କରିବା ବେଳେ ତାଙ୍କ ଫୋନ୍ ଚୋରି ହୋଇଥିବା ସେ ଶୋ' ରୁମ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ସେମାନେ ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରିଥିଲେ ବି କୌଣସି ସୂଚନା ପାଇନଥିଲେ । ନିରାଶ ହୋଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି ।

# ଗଜଲକ୍ଷ୍ମୀ ପୂଜା ପାଇଁ କେନ୍ଦ୍ରାପଡ଼ା ଚଳଚଞ୍ଚଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଗଣପର୍ବ ଶ୍ରୀ ଶ୍ରୀ ଗଜଲକ୍ଷ୍ମୀ ପୂଜା ଦୀର୍ଘ ଶହେବର୍ଷ ହେଲା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହାଆଡମ୍ବର ସହିତ ପାଳନ ହୋଇଆସୁଛି । ଏଥିନିମନ୍ତେ ବିଭିନ୍ନ ପୂଜା କମିଟି ତରଫରୁ ଦଶଦିନ ପୂର୍ବରୁ ସାଜସଜ୍ଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥାଏ । ଦୁହୁରିଆ ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ଏବଂ ଆଖପାଖ ଅଞ୍ଚଳରେ ବଡବଡ ତୋରଣମାନ ନିର୍ମାଣ କରାଯାଉଛି । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ତୋରଣ କାରିଗରମାନେ ନିର୍ମାଣ କରିବା ପାଇଁ ଦାୟିତ୍ୱ ନେଇଥାନ୍ତି । ପୂଜା କମିଟି ତରଫରୁ ନିର୍ମାଣ ହେଉଥିବା ତୋରଣ ଓ ରାସ୍ତାକଡରେ ଆଲୋକସଜ୍ଜା ପାଇଁ ବିଭିନ୍ନ



ପ୍ରକାର ଲାଇଟ୍ ବ୍ୟବସ୍ଥା କରାଯାଇଛି । ଗଜଲକ୍ଷ୍ମୀ ପୂଜା ଦେଖିବା ପାଇଁ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଦୈନିକ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି । କେନ୍ଦ୍ରାପଡା ଜିଲ୍ଲାର ଗଜଲକ୍ଷ୍ମୀ ପୂଜା ରାଜ୍ୟ ପ୍ରସିଦ୍ଧ ଥିବାରୁ ବିଭିନ୍ନ ପୂଜା କମିଟି ତରଫରୁ ଏହାକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯାଇଥାଏ । ବିଶେଷ କରି ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ, ତିନିମୁହାଣୀ, ଦୁହୁରିଆ ଓ କଲେଜ୍ ଛକ ଓ ଆଇନ୍ ମହାବିଦ୍ୟାଳୟ ନିକଟରେ ନିର୍ମାଣ ହେଉଥିବା ପୂଜା ମଣ୍ଡପ ଗୁଡିକୁ ଦେଖିବା ପାଇଁ ପ୍ରବଳ ଭିଡ ହୋଇଥାଏ । ଏଥିନିମନ୍ତେ କମିଟି ତରଫରୁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି ।

## ବାଇକ୍‌କୁ ଧକ୍କା ଦେଲା ଷଣ୍ଢ:ଯୁବତୀ ମୃତ, ଯୁବକ ଗୁରୁତର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସଦର ଥାନା ମଞ୍ଚାବନ୍ଧା ଠାରେ ଦୁଇ ଷଣ୍ଢ ଲଢେଇରେ ଜଣେ ଯୁବତୀଙ୍କ ଜୀବନହାନୀ ଘଟିଛି । ଲଢେଇ ଲାଗି ବାଇକ୍‌କୁ ଧକ୍କା ଦେବାରୁ ଯୁବତୀଙ୍କ ଜଣକ ମୃତ୍ୟୁବରଣ କରିଛନ୍ତି । ମୃତ ଯୁବତୀ ଜଣକ ହେଲେ ବାରିପଦା ଟାଉନ୍ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ଉର୍ମି ସମ୍ପଦ (୧୭) । ସୋମବାର ସନ୍ଧ୍ୟାରେ ବାଇକ୍ ଯୋଗେ ଆସୁଥିବାବେଳେ ମଞ୍ଚାବନ୍ଧା ନିକଟରେ ଦୁଇଟି ଷଣ୍ଢ ଲଢେଇ ଲାଗି ଅତର୍କିତ ଭାବେ ତାଙ୍କଆଡେ ମାଡିଆସିଥିଲେ । ଜୋର୍‌ରେ ବାଇକ୍‌କୁ ଧକ୍କା ଦେବାରୁ ଉଭୟ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡିଥିଲେ । ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପିଆର୍‌ଏମ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ । ଯୁବକଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଚିକିତ୍ସା ଜାରି ରହିଛି ।

## ସର୍ପାଘାତରେ ବୃଦ୍ଧ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ଅନ୍ତର୍ଗତ ସମ୍ପାରୁ ପଞ୍ଚାୟତ କମ୍ପାଲୁ ଗ୍ରାମର ଦଣ୍ଡୁ ବାରିକ (୬୫)ଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଦଣ୍ଡୁ ଖାଇସାରି ନିଜ ଘରେ ଖଟ ଉପରେ ଶୋଇଥିବା ସମୟରେ ବିଷଧର ସାପ କାମୁଡ଼ି ଦେଇଥିଲା । ସକାଳୁ ପରିବାର ଲୋକେ ସଂଜ୍ଞାହୀନ ଅବସ୍ଥାରେ ତାକୁ ଧର୍ମଶାଳା ଡାକ୍ତରଖାନରେ ଭର୍ତ୍ତି କରିଥିକଲେ । ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି । ଜେନାପୁର ପୋଲିସ ଘଟଣାର ତଦନ୍ତ କରୁଛି ।

# ଧାନରେ ଲାଗିଲା ପତ୍ରପୋଡ଼ା ରୋଗ:ଚାଷୀ ହତାଶ

**ରଣପୁରଗଡ଼, ନ୍ୟୁଜ୍ ବ୍ୟୁରୋ**

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅଞ୍ଚଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଧାନ ଫସଲରେ ପତ୍ରପୋଡ଼ା ରୋଗ ମାଡ଼ିବା ଫଳରେ ଚାଷୀମାନେ ଅଡୁଆରେ ପଡ଼ିଛନ୍ତି । ସ୍ଥାନୀୟ ଦୋକାନରୁ କୀଟନାଶକ କିଣି ସିଞ୍ଚନ କରିବା ପରେ ବି ରୋଗର ନିବାରଣ ହୋଇପାରୁନଥିବାରୁ ଚାଷୀ ମହଲରେ ଚିନ୍ତା ପ୍ରକାଶ ପାଇଛି । ସେପଟେ କୃଷି ବିଭାଗ ନିଦରେ ରହିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଏହି ବ୍ଲକର ଶତକଡା ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ଧାନ ଓ ମୁଗ ହେଉଛି ମୁଖ୍ୟ ଚାଷ । ଧାନ ଚାଷ ପାଇଁ ଯେତିକି ବ୍ୟୟ ହେଉଛି ତା ସାଙ୍ଗକୁ ପାଣିପାଗ ଯୋଗୁ ରସାୟନିକ ସାର ନଦେଲେ ଆବଶ୍ୟକ ମୁତାବକ ଅମଳ ହେଉନାହିଁ । ଚଳିତବର୍ଷ ବର୍ଷାର ଅନିୟମିୟତା ସାଙ୍ଗକୁ ଧାନ ଗର୍ଭ ସମୟରେ ୟୁରିଆ ସାରର ଅଭାବ ଚାଷୀଙ୍କୁ ଅଥୟ କରୁଥିବା ବେଳେ ଏବେ ଦାଉ ସାଧୁଛି ପତ୍ର ପୋଡା ରୋଗ । ଲୋଧାଚୁଆ, ବ୍ରଜରାଜପୁର, ବଳଭଦ୍ରପୁର ଆଦି ପ୍ରାୟ ୩୭ ଗ୍ରାମ ପଞ୍ଚାୟତ ସହ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଧାନ ଜମିରେ ଏହି ରୋଗ ଦେଖିବାକୁ ମିଳୁଛି । ରଣପୁର ବ୍ଲକ କୃଷି ଅଧିକାରୀ ମାନସୀ ଦାସ ଛୁଟିରେ ଯାଇଥିବା ବେଳେ ଅନ୍ୟ ଓଭରସିଓର ଓ ଗ୍ରାମ କୃଷି ସେବକମାନେ ଶୋଇପଡ଼ିଥିବା ଅଭିଯୋଗ ହେଉଛି । ଦାୟିତ୍ୱରେ ଥିବା ଅତିରିକ୍ତ କୃଷି ଅଧିକାରୀ ଅର୍ପିତା ସାହୁ କୁହନ୍ତି, ବହୁ ଗ୍ରାମ କୃଷି ଅଧିକାରୀ ଓ ଓଭରସିଓର ପଦବୀ ଖାଲି ପଡିଛି । ତଥାପି ପତ୍ର ପୋଡା ପାଇଁ ସର୍ଭେ ଚାଲିଛି । ସେମାନଙ୍କୁ ଅନ୍‌ଲାଇନ୍‌ରେ ଆବେଦନ କରି କୀଟନାଶକ ଔଷଧ ପକାଇବା ପାଇଁ ପରାମର୍ଶ ଦିଆଯାଉଛି । କିନ୍ତୁ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବାସ୍ତବରେ ଏହା ହେଉନାହିଁ । ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି ।





## ଧର୍ମଶାଳାର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଦଶଭୂଜା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅଧୀନରେ ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ପୂଜା ଆନନ୍ଦ ଉତ୍ସାହର ସହ ଆରମ୍ଭ ହୋଇଛି । ସର୍ବ ପୁରାତନ ୭୮ ତମ ଦୁର୍ଗାପୂଜା ଧର୍ମଶାଳା ବଜାରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଛି । ୬୮ ତମ ପୂଜା ଉତ୍ସବ ଜାରକା ବଜାର ବହୁ ଆଡମ୍ବରର ସହ ଆରମ୍ଭ ହୋଇଥିବା ବେଳେ କଏମା ବଜାର, ବାରବାଟୀ ବଜାର, ଆରୁହା ଛକ, ନେଉଳପୁର ଛକରେ ପ୍ରତିବର୍ଷପରି ଚଳିତବର୍ଷ ୨୮ ତାରିଖ ଠାରୁ ମା' ଦୁର୍ଗାଙ୍କ ଷଷ୍ଠୀପୂଜା ଆରମ୍ଭ ହୋଇଛି । ୨ ତାରିଖ ଦଶହରା ପରେ ୩ ତାରିଖ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ବର୍ଷା କମିଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଜାରକା ଠାରେ ସୋମବାର ସନ୍ଧ୍ୟାରେ ରଙ୍ଗୀ ରଙ୍ଗ ପରିବେଶରେ ଚଳିତବର୍ଷ ମା'ଙ୍କ ପୂଜା ଆରମ୍ଭ ହୋଇଛି । ମହୋତ୍ସବ କମିଟି ସଭାପତି ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ଯାଜପୁର ସାଂସଦ ରବିନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ, ଜିଲ୍ଲାବିଜେପି ସଭାପତି ଦେବଯାନୀ ମିଶ୍ର, ବ୍ଲକ ଅଧକ୍ଷା ବିଶ୍ୱ ବିଜୟିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସଂପାଦକ ସତ୍ୟପ୍ରିୟ ମହାନ୍ତି ବିବରଣୀ ପାଠ କରିଥିଲେ । ସଂଯୋଜକ ଦେବଜରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଚନ୍ଦ୍ରମଣି ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦାଣ୍ଡିଆ ନାଚ ଓ ମେଲୋଡି ଅନୁଷ୍ଠିତ ହେଉଛି ।

## ନଦୀ ମାତାଙ୍କ ମାନ ରକ୍ଷା ପାଇଁ ସଂକଳ୍ପ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ନଦୀର ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି ପାଇଁ ନଦୀ ପୂଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଯୁଗ ଯୁଗ ଧରି ନଦୀକୁ ମା' ରୂପରେ ପୂଜା କରାଯାଇଥାଏ । ପ୍ରତ୍ୟେକ ଦେବଦେବୀଙ୍କର ଆରାଧନା ପାଇଁ ନଦୀ ତୁଠରୁ ଜଳ ଆଣିବା ସହ ମୁନିଋଷି ମାନଙ୍କର ତର୍ପଣ ନଦୀ ଜଳରେ କରାଯିବାର ପରମ୍ପରା କେଉଁ ଅନାଦି କାଳରୁ ରହିଆସିଛି । ମାନବ ସଭ୍ୟତା ନଦୀକୁ ଭରସା କରି ଗଢିଉଠିଥିଲା ବୋଲି ଶାସ୍ତ୍ରରେ ବର୍ଣ୍ଣନା ଅଛି । ବିଜ୍ଞାନ ଯୁଗରେ ଏହାକୁ ଅଣଦେଖା କରାଯାଇ ନଦୀର ରୂପକୁ ବିଭିନ୍ନ ଆବର୍ଜ୍ଜନା ପକାଇ କଳକାରଖାନାର ଦୂଷିତ ଜଳ କ୍ଷେପଣ କରି ବିକୃତ କରିବାରେ ଲାଗିଛନ୍ତି ମାନବ ସମାଜ । ଯାହାକୁ ଦିନେ ଦେବତା ରୂପରେ ପୂଜା କରାଯାଉଥିଲା ଆଜି ତା ପ୍ରତି ଅତ୍ୟାଚାରର ସୀମା ଟପିଯାଇଛି । ବବୁଲ ମହାନ୍ତି ଓ ଗ୍ରାମର କୁନି ପିଲାମାନେ ପ୍ରମୁଖ ଯୋଗଦେଇ ନଦୀ ପୂଜନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧।୧୦।୨୦୨୫, ଆଶ୍ୱିନ ଦି୧୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୭।୩୦ ଚନ୍ଦ୍ରୋଦୟ- ଦିଘ ୧।୩୧।୦୬**

**ନବମୀ-** ସଂଘ ୭।୦୧ ପର୍ଯ୍ୟନ୍ତ । **ପୂର୍ବାଷାଢ଼ା ନକ୍ଷତ୍ର-** ଦିଘ ୮।୦୫ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଦିଘ ୨।୨୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । ଦିଘ ୨।୨୬ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ଦିଘ ୨।୨୬ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ସଂଘ ୭।୦୧ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଘ ୮।୦୩ ମଧ୍ୟେ । ଦିଘ ୧।୩୪ ଗତେ ଘ ୩।୫୬ ମଧ୍ୟେ । **ପର୍ବୋତ୍ସବ-** ପୀଠେ ବିଶ୍ରାମ, ମୃଣ୍ମୟୀ ଦୁର୍ଗାଙ୍କ ମହାନବମୀ ପୂଜା ।

**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ମଧ୍ୟମ ଧରଣର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହୋଇପାରେ ।

**ବୃଷ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତିର ବାତାବରଣ ରହିବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ ।

**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଘରେ ଦ୍ୱନ୍ଦ୍ୱ ଦେଖାଦେବ ।

**କର୍କଟ:** ଶତ୍ରୁ ନାଶ ହେବେ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ଅବ୍ୟାହତ ରହିବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦ ଲାଗିପାରେ ।

**ସିଂହ:** ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ଜୁଟିପାରେ । ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି । କଚେରୀ ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହୋଇପାରେ । ରୋଜଗାର ଭଲ ହେବ । ମନ ଭଲ ରହିବ ।

**କନ୍ୟା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ପାଇ ଉପକୃତ ହେବେ । ମହିଳାମାନେ ସୁଖୀ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଭଲ ରହିବ ।

**ତୁଳା:** ସାମାଜିକ ସ୍ତରରେ ପ୍ରତିଷ୍ଠିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ଗୃହେ ଆନନ୍ଦ ଲାଭ ହେବ ।

**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ । ରୋଜଗାର ସ୍ଥିର ରହିବ । ଦେହ ଓ ମନ ଭଲ ରହିବ । ଘରେ ସୁଖ ଶାନ୍ତି ଲାଭ ହେବ । ବନ୍ଧୁ ଦର୍ଶନ ସୁଯୋଗ ଜୁଟିପାରେ ।

**ଧନୁ:** ଧର୍ମ ମାର୍ଗରେ ମନ ଦେବେ । ମନରେ ଭକ୍ତିଭାବ ଜାଗ୍ରତ ହେବ । କର୍ମକ୍ଷେତ୍ରରେ ସହକର୍ମୀ ସହଯୋଗ ପ୍ରାପ୍ତ ହେବ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଅଟକି ରହିଥିବା କାମଟି ସମ୍ପୂର୍ଣ୍ଣ ହୋଇପାରେ ।

**ମକର:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ଖର୍ଚ୍ଚର ପରିମାଣ ବଢ଼ିବ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ । ମନ ଅସ୍ଥିର ରହିବ ।

**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଦେହ ଭଲ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଉତ୍ତମଭୋଜନରେ ଆପ୍ୟାୟିତ ହେବେ । ଘରେ ଶାନ୍ତି ଲାଭ । ଆୟର ପରିମାଣ ବଢ଼ିବ ।

**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ଏଣୁ ସାବଧାନତା ଶ୍ରେୟସ୍କର । ଆୟ ଠାରୁ ବ୍ୟୟର ମାତ୍ରା ବୃଦ୍ଧି ହେବ । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ । ମହିଳାମାନେ ଗର୍ବୀ ହେବେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି ଟଙ୍କା

ଆର୍ଥିକ ପରିଚାଳନା କ୍ଷେତ୍ରରେ ସାରା ଦେଶ ପାଇଁ ଏକ ସଫଳ ମଡେଲ୍ ପାଲଟିଥିବା ଓଡ଼ିଶାକୁ ସିଏଜି ପ୍ରଶଂସା କରିଛନ୍ତି। ପ୍ରଥମ ଥର ପାଇଁ ସିଏଜି ରାଜ୍ୟ ଫାଇନାନ୍ସ ଉପରେ ଏକ ରିପୋର୍ଟ ଜାରି କରିଛନ୍ତି, ଯେଉଁଥିରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ବଳକା କ୍ଷେତ୍ରରେ ଓଡ଼ିଶା ଦେଶର ତୃତୀୟ ସ୍ଥାନରେ ଥିବା ଦର୍ଶାଯାଇଛି। ତାଲିକାର ପ୍ରଥମ ସ୍ଥାନରେ ୩୭,୨୬୩ କୋଟି ଟଙ୍କା ରାଜସ୍ୱ ବଳକା ସହ ଉତ୍ତରପ୍ରଦେଶ ଶୀର୍ଷ ସ୍ଥାନରେ ରହିଛି। ଏହା ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଗୁଜରାଟ ଓ ଓଡ଼ିଶା ନାମ ରହିଛି। ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି ଟଙ୍କା ଥିବା ରିପୋର୍ଟରେ ଦର୍ଶାଯାଇଛି।

ସିଏଜିଙ୍କ ରିପୋର୍ଟ କହୁଛି ଯେ ୨୦୨୨-୨୩ରେ ୧୬ଟି ରାଜ୍ୟ ରାଜସ୍ୱ ବଳକା ଏବଂ ୧୨ଟି ରାଜ୍ୟ ରାଜସ୍ୱ ନିଅଣ୍ଟିଆ ଥିଲେ। ରାଜସ୍ୱ ବଳକା ଥିବା ରାଜ୍ୟଗୁଡ଼ିକ କ୍ରମାନ୍ୱୟରେ ହେଉଛି ଉତ୍ତରପ୍ରଦେଶ, ଗୁଜରାଟ (୧୯,୮୬୫ କୋଟି ଟଙ୍କା), ଓଡ଼ିଶା, ଝାଡ଼ଖଣ୍ଡ (୧୩,୫୬୪ କୋଟି ଟଙ୍କା), କର୍ଣ୍ଣାଟକ (୧୩,୪୯୬ କୋଟି ଟଙ୍କା), ଛତିଶଗଡ଼ (୮୫୯୨ କୋଟି ଟଙ୍କା), ତେଲେଙ୍ଗାନା (୫୯୪୪ କୋଟି ଟଙ୍କା), ଉତ୍ତରାଖଣ୍ଡ (୫୩୧୦ କୋଟି ଟଙ୍କା), ମଧ୍ୟପ୍ରଦେଶ (୪୦୯୧ କୋଟି ଟଙ୍କା) ଏବଂ ଗୋଆ (୨୩୯୯ କୋଟି ଟଙ୍କା)। ଅନ୍ୟ ୨୨ଟି ରାଜ୍ୟର ମିଳିତ ରାଜସ୍ୱ ନିଅଣ୍ଟ ପରିମାଣ ୨,୨୨,୬୪୮ କୋଟି ଟଙ୍କା ଥିଲା। ରାଜସ୍ୱ ନିଅଣ୍ଟ ଭରଣା କରିବା ଲାଗି ୨୦୨୨-୨୩ରେ ୮୬,୨୦୧ କୋଟି ଟଙ୍କାର ଅର୍ଥ ଆୟୋଗ ଅନୁଦାନ ଦିଆଯାଇଥିଲା ଯାହା ମୋଟ୍ ରାଜସ୍ୱ ନିଅଣ୍ଟର ୩୯ ପ୍ରତିଶତ ଥିଲା। ରାଜସ୍ୱ ନିଅଣ୍ଟ ଥିବା ରାଜ୍ୟଗୁଡ଼ିକ ହେଉଛି ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ହରିୟାଣା, ହିମାଚଳପ୍ରଦେଶ, କେରଳ, ମହାରାଷ୍ଟ୍ର, ମେଘାଳୟ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ ଓ ପଶ୍ଚିମବଙ୍ଗ। ଏହି ରାଜ୍ୟଗୁଡ଼ିକର ସିଂହଭାଗ ରାଜସ୍ୱ ପ୍ରାପ୍ତିକୁ ରାଜସ୍ୱ ବ୍ୟୟ ଯଥା ବେତନ, ପେନ୍ସନ୍, ସୁଧ ଆଦି ଦେବାରେ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ଦୁର୍ବଳ ଆର୍ଥିକ ସ୍ଥିତିକୁ ଦର୍ଶାଉଛି। ପୁଞ୍ଜି ବ୍ୟୟ ପାଇଁ ସେମାନଙ୍କ ପାଖରେ ପାଣ୍ଠି ରହୁନାହିଁ। ଫଳରେ ଭିତ୍ତିଭୂମି ବିକାଶ ଓ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି କରିବାରେ ଏହି ରାଜ୍ୟଗୁଡ଼ିକ ସଫଳ ହେଉନାହାନ୍ତି। ବିହାର, କେରଳ, ମେଘାଳୟ ଓ ମହାରାଷ୍ଟ୍ର ସରକାର ୯୦-୧୦୦ ପ୍ରତିଶତ ରାଜସ୍ୱକୁ ରାଜସ୍ୱ ବ୍ୟୟ ଆକାରରେ ବ୍ୟବହାର କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ପଞ୍ଜାବରେ ଏହି ହାର ୭୫-୮୦ ପ୍ରତିଶତ ରହିଛି। ଆଲୋଚ୍ୟ ଆର୍ଥିକ ବର୍ଷରେ ପଶ୍ଚିମବଙ୍ଗ, କେରଳ, ଆନ୍ଧ୍ରପ୍ରଦେଶ, ହିମାଚଳପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ରାଜସ୍ଥାନ, ନାଗାଲ୍ୟାଣ୍ଡ ଓ ତ୍ରିପୁରାକୁ ଅଧିକ ରାଜସ୍ୱ ନିଅଣ୍ଟ ଅନୁଦାନ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି।

# ଶାସ୍ତ୍ରରେ ପିତୃଋଣ ପରିଶୋଧ (୨)



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଶ୍ରାଦ୍ଧ କାହାକୁ କହିଥାନ୍ତି ଓ କାହାକୁ ଦିଆଯାଇଥାଏ ଇତ୍ୟାଦି ପ୍ରଶ୍ନର ଉତ୍ତର ସମ୍ଭବତଃ ଆଜିର ଯୁବପିଢ଼ୀ ଠିକ୍ ଭାବରେ କହିପାରିବେନାହିଁ। ଶ୍ରାଦ୍ଧ କରିବାରେ କ'ଣ ଲାଭ ହୁଏ ସେପରି ପ୍ରଶ୍ନ ଯଦି ଆସିଥାଏ ତେବେ ଏତିକି କୁହାଯାଇପାରେ ଯେ ତିନିଗୋଟି ଋଣକୁ କଦାପି ଶୁଝାଯାଇନପାରେ। ସେଗୁଡ଼ିକ ହେଲା (୧) ଦେବଋଣ (୨) ଋଷିଋଣ ଓ (୩) ପିତୃଋଣ। କେବଳ ଶ୍ରାଦ୍ଧ ଦେବାଦ୍ୱାରା ପିତୃଋଣ ପରିଶୋଧ କରାଯାଇପାରେ। ବିଷ୍ଣୁପୁରାଣ (୩/୧୫/୫୧)ରେ ଅଛି ଯେ ଶ୍ରାଦ୍ଧ ଦେବାଦ୍ୱାରା ପିତୃଋଣରୁ ମୁକ୍ତି ମିଳିଥାଏ। ଏହାଦ୍ୱାରା ଯଜମାନମାନଙ୍କର ମଙ୍ଗଳ ହୋଇଥାଏ। ପୁଣି (୩/୧୫/୫୪)ରେ ବର୍ଣ୍ଣନା ଅଛି ଯେ ପିତୃପକ୍ଷ (ଆଶ୍ୱିନ କୃଷ୍ଣପକ୍ଷ)ରେ ପିତୃଗଣ ନିଜ ବଂଶଜମାନଙ୍କଠାରୁ ଶ୍ରାଦ୍ଧ ଗ୍ରହଣ କରିବା ନିମନ୍ତେ ଧରାପୃଷ୍ଠକୁ ଆସିଥାନ୍ତି ଓ ଶ୍ରାଦ୍ଧ ଦେବାପରେ ପ୍ରସନ୍ନ ହୋଇ ଫେରିଯାଇଥାନ୍ତି। ଶ୍ରାଦ୍ଧ ଦିଆନଗଲେ ସେମାନେ ନିରାଶରେ ଅଭିଶାପ ଦେଇ ଫେରିଯିବାର ବର୍ଣ୍ଣନାମାନ ସେଥିରେ ରହିଛି। ସେହି ବିଷ୍ଣୁପୁରାଣର (୩/୧୪/୨୨)ରେ ପିତୃଗଣ କହିଛନ୍ତି, "ମୋର କୁଳରେ କ'ଣ ଏପରି ବୁଦ୍ଧିମାନ ଲୋକ ଜନ୍ମ ହୋଇନାହିଁ ଯିଏ ଧନ ଲୋଭ ତ୍ୟାଗ ପୂର୍ବକ ଆମ୍ଭମାନଙ୍କ ନିମନ୍ତେ ଶ୍ରାଦ୍ଧ ଦେଇପାରିବ।"

ପ୍ରଶ୍ନ ଆସେ ଯେ ଯଦି ଶ୍ରାଦ୍ଧ କର୍ମାଦି କରାଯାଏ ତେବେ ପିତୃପୁରୁଷମାନେ କିଭଳି ଏହାକୁ ପାଇଥାନ୍ତି ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ଯେ ଯେଉଁ ପ୍ରକାରର ଯୋନୀରେ ପିତୃମାନେ ଜନ୍ମ ନେଇଥିଲେ ମଧ୍ୟ ସେମାନେ ତାହା ପାଇଥାନ୍ତି। ଶ୍ରାଦ୍ଧ ପାଇଁ ଅର୍ପିତ ପଦାର୍ଥର ସୂକ୍ଷ୍ମ ଅଂଶ ସୂର୍ଯ୍ୟ ରଶ୍ମିଦ୍ୱାରା ବିତରିତ ହୋଇ ଯଥା ସ୍ଥାନରେ ପହଞ୍ଚି ଯାଇଥାଏ। ପିତୃ ପକ୍ଷରେ ବିଦ୍ୱାନ ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ତ୍ରୋଚାରଣ କରି ସେମାନଙ୍କୁ ଆବାହନ କରିବାପରେ ଶ୍ରାଦ୍ଧର ସୂକ୍ଷ୍ମ ଅଂଶ ଆପେ ଆପେ ସେମାନଙ୍କ ପାଖକୁ ଚାଲିଯାଏ। କେବଳ ରହିଯାଏ ତାହାର ସ୍ଥୁଳ ଅଂଶ। ପ୍ରଶ୍ନ ହୋଇପାରେ ଯେ ଯଦି ପଶୁ ଯୋନୀରେ ଜନ୍ମ ନେଇଥାନ୍ତି ତେବେ ସେପରି ସୂକ୍ଷ୍ମ ଅଂଶକୁ ସେମାନେ କିପରି ପାଇଥାନ୍ତି ? ଏହାର ଉତ୍ତର ସାଧାରଣ। ଉଦାହରଣ ସ୍ୱରୂପ ଯଦି ବିଦେଶରେ ଆମେ ବା ଆମର କେହି ରହିଥାନ୍ତି ତେବେ ସେମାନଙ୍କ ପାଖକୁ ପଠାଯାଇଥିବା ଟଙ୍କା ସେଠାର ପ୍ରଚଳିତ ମୁଦ୍ରାରେ ହିଁ ତାହା ମିଳିଥାଏ। ସେହିଭଳି ଅନ୍ୟ ଯୋନୀରେ ଥିବା ପ୍ରତ୍ୟେକ ସେହି ସୂକ୍ଷ୍ମ ଅଂଶକୁ ସେପରି ପଦ୍ଧତିରେ ପ୍ରାପ୍ତ ହୋଇଥାନ୍ତି। ଯଦି ପିତୃମାନେ ପରମଧାମକୁ ଗତି କରନ୍ତି ତେବେ ସେମାନେ କେବଳ ଆନନ୍ଦ ହିଁ ଆନନ୍ଦରେ ରହିଥାନ୍ତି। ତେବେ ସେହଭଳି ଆନନ୍ଦ କ'ଣ ତାହା ମଧ୍ୟ କହିହୁଏ ନାହିଁ। କେବଳ କାବ୍ୟ ସାହିତ୍ୟରେ ଏସବୁର ବର୍ଣ୍ଣନା ରହିଛି। ମାତ୍ର ପ୍ରକୃତ ଅନୁଭବୀର ବିଶ୍ୱାସଯୋଗ୍ୟ ଅନୁଭବ କଥା କେଉଁଠାରେ ନାହିଁ। ଯଦି ଏପରି ଆନନ୍ଦ କଥା କେହି ବର୍ଣ୍ଣନା କରିଥାନ୍ତି ତାହା କେବଳ ସେମାନଙ୍କର କଳ୍ପନାପ୍ରସୂତ ବୋଲି କହିବାକୁ ପଡ଼ିଥାଏ।

ଅଥର୍ବ ବେଦ(୧୨-୨-୪୫)ରେ 'ପିତୃଣାଂ ଲୋକମାପି ଗଚ୍ଛନ୍ତୁ' ବୋଲି ବର୍ଣ୍ଣନା ଅଛି। ଶତପଥ (୧୪/୧/୭/୧୧)ରେ ପିତୃଲୋକାଦିକା ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି। ସ୍କନ୍ଦପୁରାଣ କାଶୀଖଣ୍ଡ, ସିଦ୍ଧାନ୍ତ ଶିରୋମଣି ଗୋଲାଧ୍ୟାୟ, ତ୍ରିପ୍ରଶ୍ନବାସନା ଶ୍ଳୋକ ୧୩ରେ ଚନ୍ଦ୍ରମାର ଉପରେ ପିତୃଲୋକ ଥିବାର ବର୍ଣ୍ଣନା ରହିଛି। ବୀରମିତ୍ରୋଦୟ ତଥା ବ୍ରହ୍ମପୁରାଣରେ ସମ୍ପୂର୍ଣ୍ଣ ବିଶ୍ୱର ତୃପ୍ତି ନିମନ୍ତେ ବିଧିପୂର୍ବକ ଶ୍ରାଦ୍ଧ ଦେବାର ଉଲ୍ଲେଖ ଅଛି। ତେଣୁ ଶାସ୍ତ୍ରମାନଙ୍କରେ ବର୍ଣ୍ଣନାରେ ରହିଛି ଯେ ସଂକଳ୍ପ କରିଥିବା ପିତୃଙ୍କ ନାମଗୋତ୍ର ଉଚ୍ଚାରଣରେ ଅଗ୍ନି ବା ସୂର୍ଯ୍ୟଦେବତା ଉଦ୍ଦିଷ୍ଟ ଲୋକରେ ତାହା ପହଞ୍ଚାଇ ଦେଇଥାନ୍ତି। ଯଦି ପିତାମାତା ବା ପିତୃଗଣ ଦେବଯୋନୀ ପ୍ରାପ୍ତ ହୋଇଥାନ୍ତି ତେବେ ଶ୍ରାଦ୍ଧ ଦେଉଥିବା ପଦାର୍ଥର ସୂକ୍ଷ୍ମାତିସୂକ୍ଷ୍ମ ଅଂଶ ଅମୃତ ସଦୃଶ ସେମାନଙ୍କ ନିକଟରେ ପହଞ୍ଚି ଯାଇଥାଏ। ଯଦି ପଶୁ ବା ଅନ୍ୟ ଯୋନୀରେ ରହିଯାଇଥାନ୍ତି ତାହା ସେମାନଙ୍କର ସେହି ଯୋନୀର ଖାଦ୍ୟ ଭାବେ ସେମାନଙ୍କ ନିକଟରେ ପହଞ୍ଚି ଯାଏ। ଶ୍ରାଦ୍ଧ ଦେଉଥିବା ବ୍ୟକ୍ତିର ଭକ୍ତି ଓ ଶ୍ରଦ୍ଧା ଉପରେ ତାହା ନିର୍ଭର କରୁଛି। ପିତୃଗଣ ଦେବତାମାନଙ୍କଠାରୁ ଅଧିକ କୃପାଳୁ। ଯେଉଁମାନେ ଶ୍ରାଦ୍ଧ ଇତ୍ୟାଦି କର୍ମ କରନ୍ତି ନାହିଁ ସେମାନେ ଦୁଃଖ, କ୍ଳେଶ, ରୋଗ ଇତ୍ୟାଦି ଭୋଗ କରିଥାନ୍ତି ବୋଲି ସମ୍ପୃକ୍ତ ପୁରାଣମାନଙ୍କରେ ବର୍ଣ୍ଣନା ଅଛି। ହିନ୍ଦୁମାନଙ୍କର ଶ୍ରାଦ୍ଧ, ତର୍ପଣ ଇତ୍ୟାଦି କର୍ମମାନ ଅନ୍ୟତ୍ର ନାହିଁ। କାହିଁ କେଉଁ କାଳରୁ ଏହା ପ୍ରବର୍ତ୍ତିତ ହୋଇଛି ତାହାର ଇତିହାସ ବି ନାହିଁ। ମତ୍ସ୍ୟପୁରାଣ (୧୦୧/୨୪) ବାୟୁପୁରାଣ (୧୧୦-୨୧/୪୦) ପ୍ରଭୃତିରେ ଶ୍ରାଦ୍ଧ ସମ୍ପର୍କରେ ଯାହା ବର୍ଣ୍ଣନା ରହିଛି ତାହା ନିମ୍ନୋକ୍ତ ପ୍ରକାରର ଅର୍ଥ କରାଯାଇପାରେ।

"ମୋ କୁଳର ଯିଏ ଅସହାୟ ସେ ଯଦି ଅନ୍ୟ ଜନ୍ମରେ ନରକ ଯନ୍ତ୍ରଣା ଭୋଗ କରିଥାନ୍ତି ତେବେ ମୋର ଏହି ଜଳ ତର୍ପଣରେ ଦୁଃଖ ମୁକ୍ତ ହୋଇ ତୃପ୍ତ ହୁଅନ୍ତୁ। ଏହି ବ୍ରହ୍ମାଣ୍ଡର ସମସ୍ତ ଦେବତା, ପିତୃ, ମନୁଷ୍ୟ, କୀଟ ପତଙ୍ଗ, ସାତ ଦ୍ୱୀପର ନିବାସୀ, ପୃଥିବୀଠାରୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ମୋର ଏହି ଜଳ ତର୍ପଣକୁ ଶ୍ରଦ୍ଧାର ସହିତ ଗ୍ରହଣ କରି ତୃପ୍ତ ହୁଅନ୍ତୁ ଓ ସର୍ବଦା ସୁଖି ରହିଥାନ୍ତୁ।"

ଯେଉଁ ପ୍ରକାରରେ ଜୀବିତ ଲୋକ, ପଶୁ, ପକ୍ଷୀ, ସ୍ଥାବର ଜଙ୍ଗମମାନଙ୍କୁ ଜଳ ଦେଇ ତୃପ୍ତ କରାଯାଇଥାଏ ସେହିଭଳି ମୃତକମାନଙ୍କୁ ମଧ୍ୟ ତର୍ପଣ ମାଧ୍ୟମରେ ତୃପ୍ତି କରିବାର ଯୁକ୍ତି ହିନ୍ଦୁ ଶାସ୍ତ୍ରମାନଙ୍କରେ ରହିଛି। ତଥାପି ମୃତକମାନେ ବିଦେହୀ। ମହାରାଜ ଭଗୀରଥ ଭୂତଳରେ ଗଙ୍ଗାଙ୍କୁ ଆଣିବା ନିମନ୍ତେ ଯେଉଁ ଭଳି ତପସ୍ୟା କରି ଆଣିପାରିଲେ ତାହାଦ୍ୱାରା ସଗରଙ୍କ ଆଠହଜାର ପୁତ୍ରମାନଙ୍କର ଉଦ୍ଧାର ହୋଇପାରିଥିଲା। ବ୍ରହ୍ମା ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ ତାଙ୍କ ନିଜର ପିତାମହଙ୍କୁ ଗଙ୍ଗା ଜଳରେ ତର୍ପଣ କରିବାକୁ କହିଥିଲେ।

ପିତାମହାନାଂ ସର୍ବେଷାଂ ତ୍ୱମନ୍ନ ମତୁଜାଧିପ
କୁରୁବ୍ୟ ସଲିଳଂ ରାଜନଂ..........। (ବାଲ୍ମିକ ୧/୪୪/୭)

ସନାତନ ହିନ୍ଦୁ ଧର୍ମରେ ପ୍ରତ୍ୟେକ ଲୋକଙ୍କର ଇଚ୍ଛା ଥାଏ ଯେ ତାହାର ମୃତ୍ୟୁ ପରେ ବଂଶର ଉତ୍ତର ପୁରୁଷ ତାକୁ ଶ୍ରାଦ୍ଧ ଦିଅନ୍ତୁ।

ଜିବିତୋ ବାକ୍ୟକରଣାତ୍ କ୍ଷୟାହେ ଭୂରି ଭୋଜନାତ୍
ଗୟାୟାଂ ପିଣ୍ଡଦାନେନ ତ୍ରିଭିଃ ପୁତ୍ରସ୍ୟ ପୁତ୍ରତା।

ତର୍ପଣ କରୁନଥିବା ଲୋକମାନଙ୍କ ନିମନ୍ତେ କୁହାଯାଇଛି ଯେ ଯେଉଁମାନେ ନାସ୍ତିକ ପ୍ରକୃତିର ଲୋକ ସେମାନଙ୍କ ପିତୃପୁରୁଷମାନେ ଅପବିତ୍ର ଜଳକୁ ପାନ କରିଥାନ୍ତି ଇତ୍ୟାଦି।

ନିମ୍ନୋକ୍ତ ବର୍ଣ୍ଣନାମାନଙ୍କରୁ ଜଣାଯାଏ ଯେ ଶ୍ରାଦ୍ଧ ଦେଉଥିବା ବ୍ୟକ୍ତିର ଅଶେଷ ମଙ୍ଗଳ ହୋଇଥାଏ। ସଂସାରରେ ଥିବା ପର୍ଯ୍ୟନ୍ତ ତାହାର କୌଣସି ଅନିଷ୍ଟ ସୃଷ୍ଟି ହୋଇପାରେନାହିଁ।

ଆୟୁଃ ପ୍ରଜାଂ, ଧନଂ, ବିଦ୍ୟାଂ ସ୍ୱର୍ଗ ମୋକ୍ଷଂ ସୁଖାନିଚ
ପ୍ରୟଚ୍ଛନ୍ତି ତଥା ରାଜ୍ୟଂ ପ୍ରିତା ନୃଣାଂ ପିତାମହାଃ
(ଯାଜ୍ଞବଳ୍କସ୍ମୃତି ୧/୨୭୦, ଗରୁଡ଼ ପୁରାଣ ୧-୧୧-୩୧୮/ ଅଗ୍ନିପୁରାଣ ୧୦୫-୪୧)

ଶ୍ରାଦ୍ଧେ ପ୍ରତିଷ୍ଠିତୋ ଲୋକଃ ଶ୍ରାଦ୍ଧେ ଯୋଗଃ ପ୍ରବତ୍ତତେ
ଶ୍ରାଦ୍ଧାତ୍ ପରତରଂ ନାସ୍ତିଂ ଶ୍ରେୟସ୍କର ମୁଦାହୃତମ୍।
(କୂର୍ମପୁରାଣ, ଶ୍ରାଦ୍ଧ ଚନ୍ଦ୍ରିକା, ହରିବଂଶ ୧/୨୧/୧)

ଶ୍ରାଦ୍ଧ ସମ୍ପର୍କରେ ଏହିପରି ବହୁବିଧ ଉପାଖ୍ୟାନ ବିଭିନ୍ନ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି। ହରିବଂଶର (ପର୍ବ-୧-ଅଂ ୨୧-୨୪) ଏହା ଉପରେ ସର୍ବାଧିକ ବାଖ୍ୟା ହୋଇଛି। ମତ୍ସ୍ୟପୁରାଣ (୧୦୧-୧୪-କାତୀୟତର୍ପଣ ପ୍ରୟୋଗ) ବାୟୁ ପୁରାଣ (୧୧୦-୨୧-୪୦ କାତୀୟ ତର୍ପଣ)ରେ ବର୍ଣ୍ଣନା ଅଛି ଯେ ଯେଉଁ ପିତୃଗଣ କୌଣସି ଲୋକରେ ରହିଥାନ୍ତୁ ବା ନରକରେ ପଡ଼ି ଦୁଃଖ ଭୋଗ କଲେ ମଧ୍ୟ ଏପରି ଶ୍ରାଦ୍ଧ ତର୍ପଣଦ୍ୱାରା ସେମାନେ ପୂର୍ଣ୍ଣ ତୃପ୍ତ ହୋଇ ସୁଖରେ ରହିଥାନ୍ତି।

ବିଭିନ୍ନ ପୁରାଣମାନଙ୍କରୁ ଶ୍ରାଦ୍ଧ ସମ୍ପର୍କରେ ଯତ୍କିଞ୍ଚିତ ତଥ୍ୟ ଏଠାରେ ଉତ୍ଥାପିତ କରାଯାଇଛି।

ବର୍ତ୍ତମାନର ଯୁଗରେ ଏପରି ଶ୍ରାଦ୍ଧ ଦେବାକୁ କେତେ ଆଗଭର ହେଉଛନ୍ତି ବା ଶ୍ରାଦ୍ଧ ପ୍ରତି ବିଶ୍ୱାସ ରଖିଛନ୍ତି ତାହା ଅନ୍ୟ କଥା। ମାତ୍ର ପିତୃ ପୁରୁଷମାନଙ୍କୁ ବର୍ଷରେ ଥରେ ମନେ ପକାଇବାରେ ବାଧା କିଛି ନାହିଁ। ଯେଉଁମାନଙ୍କ ଯୋଗୁ ଆମର ବଂଶ ରହିଛି ବା ଧରାଧୂଳିରେ ଆମେ ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛେ ସେମାନଙ୍କର ଆମ ପ୍ରତି ଅମୂଲ୍ୟ ଦାନକୁ କେବେ ହେଲେ ଭୁଲିହେବନାହିଁ। ତେଣୁ ସେହି ପୂର୍ବପୁରୁଷଙ୍କୁ ଥରେ ମାତ୍ର ଶ୍ରଦ୍ଧାର ସହ ମନେ ପକାଇବା ହିଁ ମାନବିକତା। ଏପରି କରିଥିଲେ ଆମର ଉତ୍ତରପୁରୁଷ ମଧ୍ୟ ଆମକୁ ଭୁଲିଯିବେ ନାହିଁ।

କାଳଚକ୍ରର ଆବର୍ତ୍ତନମାନ ପଥରେ ଗତିକରି ଓ ନିଜ ଚେତନାକୁ ନେଇ ଆପେ ଆପେ ସେଥିରୁ ପ୍ରତ୍ୟେକଙ୍କୁ ବାହାରି ଆସିବାକୁ ପଡ଼ିଥାଏ। ଏହା ହିଁ କାଳଚକ୍ରର ନିୟମ। ଜୀବନରେ କରିଯାଉଥିବା ପ୍ରତ୍ୟେକ କାର୍ଯ୍ୟ ଅଦୃଶ୍ୟ ଜଗତରେ ଲିପିବଦ୍ଧ ହୋଇ ରହିଯାଉଛି ଓ ଏହି ମର ଦେହ ଛାଡ଼ିବା ପରେ ତାହା ସୂକ୍ଷ୍ମ ଦେହ ସହ ଆପେ ଆପେ ଯୋଡ଼ି ହୋଇଯାଇଥାଏ। ଯାହାକୁ ହିନ୍ଦୁ ଶାସ୍ତ୍ରରେ "ଚିତ୍ରଗୁପ୍ତ ପାଞ୍ଜି" ବୋଲି କହିଥାନ୍ତି। ମୃତ୍ୟୁ ପରେ ଜୀବନରେ ଘଟିଯାଇଥିବା ଚିତ୍ରସବୁ ମୃତକର ସମ୍ମୁଖରେ ଝଲସି ଉଠି ତାହାର ଗତିପଥକୁ ଆପେ ଆପେ ନିର୍ଦ୍ଧାରଣ କରିଥାଏ। ଏପରି ଗତିପଥ ନିର୍ଦ୍ଧାରିତ ହେବା ଆଗରୁ ଜୀବନରେ ପ୍ରତ୍ୟେକ କାର୍ଯ୍ୟ ପାଇଁ ସଂଯମତାର ଆବଶ୍ୟକତା ରହିଛି। ସେପରି ସଂଯମତା ଯୋଗୁ ହିଁ ଗତିପଥ ମୋକ୍ଷ ଆଡ଼କୁ ଚାଲିଯାଏ। ସେହି ସଂଯମତା ହିଁ ଯମର ପ୍ରତୀକ ଭାବରେ ବିବେଚିତ। କାଳର ଆବର୍ତ୍ତନ ଚକ୍ର ଯୋଗୁ ଯୌଗିକ ସମୟରେ ହିଁ ସାଧାରଣ ମୃତ୍ୟୁ ହୋଇଥାଏ। ଯୌଗିକ ସମୟ କହିଲେ ସୂର୍ଯ୍ୟୋଦୟ, ମଧ୍ୟାହ୍ନ, ସୂର୍ଯ୍ୟାସ୍ତ ଓ ମଧ୍ୟରାତ୍ର। ଏହାର ପରିସୀମା ବା ବଳୟରେ ହିଁ ସାଧାରଣ ମୃତ୍ୟୁ ହୋଇଥାଏ। ଅସ୍ୱାଭାବିକ ମୃତ୍ୟୁ ଯେକୌଣସି ସମୟରେ ହୋଇପାରେ ଯାହାକୁ କୁହାଯାଏ ଅପମୃତ୍ୟୁ। ସମସ୍ତ ମୃତ୍ୟୁର କାରଣ ହୋଇଥାନ୍ତି ଯୋଗିନୀଗଣ।

ଗୋଟିଏ ଦିନ ଅର୍ଥାତ୍ ୨୪ଘଣ୍ଟାକୁ ୬୪ଭାଗରେ ବିଭକ୍ତ କରି ପ୍ରତ୍ୟେକ ଭାଗରେ ଜଣେ ଯୋଗିନୀ ରହିଥାନ୍ତି ଓ ସେମାନଙ୍କ ସ୍ଥାନର ପରିବର୍ତ୍ତନ ମଧ୍ୟ ହୁଏ। ସେହି ଯୋଗିନୀମାନଙ୍କର ନିୟନ୍ତ୍ରଣକାରିଣୀ ବା କର୍ତ୍ତ୍ରୀ ହେଲେ ମହାକାଳୀ ବା ମହାମାୟା। ଯିଏ କି ମହାକାଳଙ୍କର ପରମଶକ୍ତି। ମହାଭାରତର ମହାନାୟିକା ମାତା ଦ୍ରୌପଦୀ ଥିଲେ ଅଯୋନୀସମ୍ଭୂତା। ତାଙ୍କର ଅନ୍ୟନାମ ଥିଲା କୃଷ୍ଣା। ଆଉ ସେ ଥିଲେ ଭଗବାନ ଶ୍ରୀକୃଷ୍ଣଙ୍କର ପରମଶକ୍ତି। ପ୍ରତ୍ୟେକ ଆକର୍ଷଣର କେନ୍ଦ୍ରବିନ୍ଦୁ ଶ୍ରୀକୃଷ୍ଣ ହିଁ ମହାକାଳ ଓ ତାଙ୍କର ପରମଶକ୍ତି କୃଷ୍ଣା ହିଁ ମହାକାଳୀ ଭାବେ ବିବେଚିତା। ପ୍ରକୃତିର ପ୍ରତ୍ୟେକ ରୂପକୁ ପ୍ରତି ମୁହୂର୍ତ୍ତରେ ସେ ରୂପାନ୍ତରିତ କରିଚାଲିଛନ୍ତି। ଅନ୍ୟ ରୂପ ବା ଘଟାନ୍ତର ନହେଲେ ନୂତନ ସୃଷ୍ଟି ଅସମ୍ଭବ। ଶିବ ତତ୍ତ୍ୱରେ ମଧ୍ୟ ଏପରି ବିଚାର ରହିଛି। ଯିଏ ଯେଉଁଭଳି ଭାବରେ ଅର୍ଥ କଲେ ମଧ୍ୟ ମାନିନେବାକୁ ହେବ ଯେ ସେପରି ମହାକର୍ଷଣ ଶକ୍ତିଦ୍ୱାରା ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ପରିଚାଳିତ। ସେହି ନୀଳାଭତନୁର ପ୍ରତି ଲୋମକୂପରେ ମାଳ ମାଳ ବ୍ରହ୍ମାଣ୍ଡ ସର୍ବଦା ଘୂର୍ଣ୍ଣାୟମାନ। ସେଥିପାଇଁ ଭାଗବତରେ ଅଛି "ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ତୋ ଲୋମକୂପେ ବିରାଜଇ"। ମୃତ୍ୟୁ ପରର ଜୀବନ ସତ୍ତା ଜାଣିବାରେ ପ୍ରତ୍ୟେକଙ୍କର ରହିଛି ଆଗ୍ରହ। ମାତ୍ର ସେହି ମହାକାଳଙ୍କର ରହସ୍ୟ ଭେଦ କରିବାର କଣିକାଏ ଶକ୍ତି କାହାର ନାହିଁ। କବି କଳ୍ପିତ ତାଙ୍କ ମଧୁର ଲୀଳାସବୁର ଗପ ଶୁଣିଲେ ମନ ଯେପରି ଉଲ୍ଲସିତ ହୋଇଉଠେ ମହାଭାରତ ମହାସମରରେ ତାଙ୍କର ବିଶ୍ୱରୂପକୁ ଜାଣିବାକୁ ହେଲେ ଆସିଥାଏ ସେତିକି ଭୟ। ଅନ୍ତର ଭିତରୁ ଆପେ ଆପେ ଆସେ ହେ ପ୍ରଭୁ! ଆପଣ କିଏ ଓ କ'ଣ ତାହା ଆପଣଙ୍କୁ ହିଁ ଜଣା। ଦେହଧାରୀ ଜଣେ ଅହଂକାରୀ ମଣିଷ ଆପଣଙ୍କ ସ୍ୱରୂପ ସମ୍ପର୍କରେ କ'ଣ ବା ଜାଣିବ?

ତେଣୁ ହେ ବନ୍ଧୁ! ପୂର୍ବପୁରୁଷମାନଙ୍କୁ ମନେ ପକାଇ ବଞ୍ଚିଥିବା ପର୍ଯ୍ୟନ୍ତ ବର୍ଷରେ ଥରେ ସେମାନଙ୍କୁ ଶ୍ରାଦ୍ଧ ଦେଉଥାଅ। ତାହା କିଏ ପାଉଛି ବା ନ ପାଉଛି ସେପରି ବିଚାର ନିଜ ପାଖରେ ରଖନାହିଁ।

# ଶାରଦୀୟ ମହୋତ୍ସବ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ପୃଥିବୀ ବର୍ଷକୁ ଥରେ ସୂର୍ଯ୍ୟଙ୍କର ଚାରିପାଖରେ ଘୁରିଆସୁଥିଲେ ମଧ୍ୟ ଜ୍ୟୋତିଷ ଗଣନା ପାଇଁ ପଣ୍ଡିତମାନେ ୩୬୫ ଦିନ ବା ଏକ ସୌର ବର୍ଷକୁ ବାର ମାସରେ ବିଭକ୍ତ କରିଛନ୍ତି। ବୈଶାଖକୁ ବର୍ଷର ପ୍ରଥମ ମାସ ଭାବରେ ଗ୍ରହଣ କରାଗଲେ ଆଶ୍ୱିନ ମାସର ସ୍ଥାନ ଷଷ୍ଠ। ରାଷ୍ଟ୍ରୀୟ ପଞ୍ଜାଙ୍ଗ ଅନୁସାରେ ଚୈତ୍ର ମାସକୁ ପ୍ରଥମ ମାସର ମାନ୍ୟତା ଦିଆଗଲେ ଆଶ୍ୱିନ ମାସର ସ୍ଥାନ ସପ୍ତମ। ପୁଣି ହିନ୍ଦୁ ଚାନ୍ଦ୍ରମାନ ମାସ ଗଣନା ଅନୁସାରେ ପୂର୍ଣ୍ଣିମାର ପରଦିନ ଅର୍ଥାତ କୃଷ୍ଣ ପ୍ରତିପଦା ଠାରୁ ମାସ ଆରମ୍ଭ ହୋଇ ପରବର୍ତ୍ତି ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟ ପ୍ରାୟ ୨୯.୫ ଦିନ। ବୈଦିକ ଯୁଗରୁ ଚନ୍ଦ୍ରର ପ୍ରଭାବକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ମାସର ଗଣନା ପାଇଁ ଚନ୍ଦ୍ର ପୃଥିବୀର ଚାରି ପାଖରେ ଯେଉଁ ସମୟ ମଧ୍ୟରେ ଥରେ ଘୂରି ଆସେ ତାହା ଚାନ୍ଦ୍ରମାନ ମାସ ନାମରେ ଅଭିହିତ। ଓଡ଼ିଆମାନେ ଏହି ହିସାବରେ ଚାନ୍ଦ୍ରମାନ ମାସର ଗଣନା କରିଥାନ୍ତି। ଚାନ୍ଦ୍ରମାନ ମାସ ଅନୁସାରେ ଅଶ୍ୱିନୀ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚାନ୍ଦ୍ରମାସକୁ ଆଶ୍ୱିନ ବା ଅଶିଣ ମାସ କୁହାଯାଏ। ଭୌଗୋଳିକ ତଥ୍ୟ ଅନୁଯାୟୀ ପୃଥିବୀ ଯେତେବେଳେ ସୂର୍ଯ୍ୟଙ୍କ ସହ ୨୩ ଡିଗ୍ରୀ ୨୭ ମିନିଟ୍ ଉତ୍ତର ଆକ୍ଷାଂଶରେ ରହେ ସେତେବେଳେ ବାୟୁମଣ୍ଡଳର ତାପମାତ୍ରା ସନ୍ତୁଳିତ ଅବସ୍ଥାରେ ଥାଏ। ପୃଥିବୀର ପରିକ୍ରମଣ ଫଳରେ ଋତୁ ପରିବର୍ତ୍ତନ ହୁଏ। ଋତୁ ଚକ୍ରର ନିୟମ ଅନୁସାରେ ଭାରତରେ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ବର୍ଷା ଋତୁ ବିରାଜମାନ କରିଥାଏ। ସେପ୍ଟେମ୍ବର ମାସ ଶେଷ କିମ୍ବା ଅକ୍ଟୋବର ମାସର ପ୍ରଥମ ସପ୍ତାହ ମଧ୍ୟରେ ସୂର୍ଯ୍ୟ ବିଷୁବରେଖା ଉପରେ ଅବସ୍ଥାନ କରିଥାନ୍ତି। ଉତ୍ତର-ପୂର୍ବ ମୌସୁମୀ ବାୟୁ ପ୍ରବାହ ଆରମ୍ଭ ହେବାରୁ ଭାରତରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବିଦାୟ ବେଳା ଆରମ୍ଭ ହୋଇଯାଏ। ଆଶ୍ୱିନ ମାସ ଲେଉଟାଣି ମେଘର ବିଜୟଯାତ୍ରା। ଆଶ୍ୱିନ ଆସିଲେ ତ ଶରତ ଆସେ। ନିର୍ମଳ ଆକାଶ, ପାଣି, ପବନ ତା ସାଥିରେ ନିର୍ମଳ ପରିବେଶ ସାଙ୍ଗକୁ ସବୁଠାରେ ଏହି ଶରତର ଶୋଭାମୟ ପ୍ରକୃତି, ଚର୍ତୁଦିଗର ଉଲ୍ଲସିତ ବାତାବରଣ ଆଉ ସ୍ମୃତି ମଧୁର ଝଙ୍କାର ହୃଦୟକୁ କରେ ରୋମାଞ୍ଚିତ। ସୂର୍ଯ୍ୟଙ୍କର ଅମୃତମୟ ଆଲୋକ ରଶ୍ମୀ, ଚିତ୍ତଉଲ୍ଲାସକାରୀ ଜ୍ୟୋତ୍ସା, ଗିରିବନର ନିରବତା, ଶିଶିର ସ୍ନାତା ଧରିତ୍ରୀ ବୁକୁରେ ସବୁଜିମା, ସବୁକିଛି ଏ ଋତୁରେ ପ୍ରାଣରେ ପୁଲକ ଖେଳାଏ ଆଉ ପାହାନ୍ତି ପବନର ଶୀତଳ ଛୁଆଁ ଦେହରେ ଭରିଦିଏ ଶୀତଳତା। ଶରତ ଆସିଲେ ଆକାଶରୁ ହଜିଯାଏ କଳାବାଦଲର ଗଭୀର ଆସ୍ତରଣ ଆଉ ଆକାଶ ଭରିଆସେ ନିଳିମାରେ। ଆକାଶରେ ଧଳା ବାଦଲର ବନ୍ୟା ଆଉ ସେଥିରୁ କିଛି ଉଡ଼ିଯାଉଛି ଆକାଶର ଶାରଦୀୟ କାନଭାସରେ। ଅନନ୍ତ ନିର୍ମଳ ଆକାଶ ଦେହରେ ଆଜି ଶୁଭ୍ର ମେଘର ବିଭୂତି। ସେହି ତରଙ୍ଗାୟିତ ବାଦଲର ଉତ୍ତାଳ ଲହରୀ ଭିତରେ ସୁନେଲି ସୂର୍ଯ୍ୟ କିରଣ ସୃଷ୍ଟି କରୁଛି ବର୍ଣ୍ଣାଢ଼୍ୟ ସୌନ୍ଦର୍ଯ୍ୟ। ଜଳରାଶି ଆଜି ନିର୍ମଳ, ଗଭୀର ପାଟ ଆଉ ପୁଷ୍କରଣୀରେ ଦୋଳାୟିତ ହେଉଛି କଇଁ ଫୁଲର ଗଭା। ବସୁମତି ଆଜି ସୁଶ୍ୟାମଳା ଆଉ ପୂର୍ଣ୍ଣଗଭା। କ୍ଷେତରେ ଲହଡ଼ି ମାରୁଛି ଧାନ କ୍ଷେତର ସବୁଜିମା। ବାଡ଼ିବଗିଚାରେ ସ୍ୱର୍ଣ୍ଣାଭ ଜହ୍ନି ଫୁଲର ସୌନ୍ଦର୍ଯ୍ୟତା। ସନ୍ଧ୍ୟାକାଳରେ ଖଦ୍ୟୋତର ଶୋଭା, ଶୁଭ୍ର ଚାନ୍ଦିନୀର ଚମକରେ ପ୍ରକୃତି ହୋଇ ଉଠିଛି ମଧୁମୟ ଆଉ ଶରତର ଶୁଭାଗମନରେ ଧରିତ୍ରୀର ସୃଜନଶୀଳତା ଭବ୍ୟରୂପ ଧାରଣ କରିଛି। ପ୍ରକୃତିର ସବୁଠାରୁ ସୁନ୍ଦରତମ ଉପହାର ହେଉଛି ଫୁଲ। ବିଭିନ୍ନ ରଙ୍ଗ, ସୁନ୍ଦର ଓ ସୁଗନ୍ଧ ଦ୍ୱାରା ସମସ୍ତଙ୍କ ମନକୁ ଆକୃଷ୍ଟ କରିଥାଏ ଫୁଲ। ସୃଷ୍ଟିର ଆରମ୍ଭରୁ ଫୁଲ ମଣିଷ ସହିତ ଜଡିତ ହୋଇ ରହି ଆସିଛି। ଠାକୁରଙ୍କ ପୂଜା କରିବା ଠାରୁ ଆରମ୍ଭ କରି ପ୍ରସାଧାନ ସବୁଠି ଲୋଡ଼ା ହୁଏ ଫୁଲ। ସୌନ୍ଦର୍ଯ୍ୟ, ଉଲ୍ଲାସ ଏବଂ ପ୍ରସନ୍ନତାର ପ୍ରତୀକ ବୋଲି ଫୁଲକୁ ମନେ କରାଯାଏ। ନଦୀ ପଠା ହେଉକି ବିଲମାଳ ଶରତ ଋତୁ ଆସିଲେ ପ୍ରକୃତି ଢାଙ୍କି ଦିଏ କାଶତଣ୍ଡୀ ଫୁଲର ସଫେଦ ଚାଦର। ଶରତର ଆସିବା ବାଟକୁ ଯେମିତି ଚାହିଁ ରହିଥାଏ ସେ। କାଶତଣ୍ଡୀ ଫୁଲ ଋତୁ ପରିବର୍ତ୍ତନର ସଙ୍କେତ। ଶରତକୁ ସ୍ୱାଗତ କରିବା ପାଇଁ ପ୍ରକୃତିର କୋଳରେ ସଜେଇ ହୋଇଯାଏ କାଶତଣ୍ଡୀ। ତାର ଧୋବ ଫରଫର ଦେହ ବିଛାଇ ହୋଇପଡିଛି ଚାରିଆଡେ। ଶିରିଶିରି ପବନରେ ନିରବରେ ଦୋଳି ଖେଳୁଛି ସେ। ସେହି ନୀରବତା ଭିତରେ ସେ ଆକର୍ଷଣ କରେ ବାଟୋଇକୁ। ଧଳା ଓଢ଼ଣୀରେ ଢାଙ୍କି ହୋଇ ପ୍ରକୃତିରାଣୀ ଶରତର ସୌନ୍ଦର୍ଯ୍ୟ ଗାନ କରୁଛି। ନଦୀ ପଠା,କ୍ଷେତବାଡ଼ିରେ କାଶତଣ୍ଡୀ କବି,ଭାବୁକ,ପ୍ରକୃତିପ୍ରେମୀଙ୍କ ହୃଦୟତନ୍ତ୍ରୀକୁ ଝଙ୍କୃତକରେ। ତାର ରୂପଲାବଣ୍ୟକୁ କିଏ ଗୀତରେ,କିଏ ଗପରେ ତ ପୁଣି କିଏ ତୂଳୀରେ ବର୍ଣ୍ଣନା କରେ। ଶାନ୍ତିର ପ୍ରତୀକ ଏଇ କାଶତଣ୍ଡୀର ସୌନ୍ଦର୍ଯ୍ୟକୁ ଦେଖି କିଏ ଏହାକୁ ଛୁଇଁବାକୁ ବ୍ୟାକୁଳ ହୁଏ ତ ପୁଣି କିଏ ପାଖରେ ସାଇତି ରଖିବା ପାଇଁ ଲାଳାୟିତ ହୁଏ। କାଶତଣ୍ଡୀ ଫୁଟିଲେ ତ ଧରାପୃଷ୍ଠକୁ ଜଗତଜନନୀ ମା ଦୁର୍ଗା ଆସୁଥିବା ପରି ଲାଗେ। ବହଳିଆ ସବୁଜ କ୍ଷେତରେ ଧଳା ଓଢ଼ଣୀକୁ ବିଛାଇ ଦେଇ ସେ ମାଙ୍କୁ ଆବାହନି କରେ। କେବଳ କାଶତଣ୍ଡୀ କାହିଁକି ଶରତ ଋତୁରେ ଅଧିକ ଫୁଟୁଥିବା ଫୁଲ ମାନଙ୍କ ମଧ୍ୟରୁ ଅପରାଜିତା ସମସ୍ତଙ୍କ ମନ କିଣିଥାଏ। ବାଡିବଗିଚାରେ ଫୁଟିଥିବା ଉଭୟ ନୀଳ ଓ ଧଳା ରଙ୍ଗର ଅପରାଜିତା ମା ଦୁର୍ଗାଙ୍କର ପ୍ରିୟ ଫୁଲମାନଙ୍କ ମଧ୍ୟରୁ ଗୋଟିଏ। କେହି ଏହାକୁ ଘର ସଜାଇବାରେ ବ୍ୟବହାର କରିଥାନ୍ତି ତ ଆଉ କେହି ଭଗବାନଙ୍କୁ ଅର୍ପଣ କରିଥାନ୍ତି।

ଗ୍ରୀଷ୍ମରେ କୃଷ୍ଣଚୂଡ଼ା,ବର୍ଷାରେ କଦମ୍ବ, ଶୀତରେ ଗେଣ୍ଡୁ, ବସନ୍ତରେ ପଳାଶ ଫୁଟିବା ପରି ଶରତ ଋତୁରେ ଗଙ୍ଗ ଶିଉଳି ଫୁଲ ହିଁ ଫୁଟିଥାଏ। କେହି କେହି ଏହାକୁ ଶୃଙ୍ଗାରହାର ବା ଶେଫାଳି କହିଥାନ୍ତି। ହିନ୍ଦୁ ବିଶ୍ୱାସ ଅନୁଯାୟୀ ସ୍ୱର୍ଗର ପାଞ୍ଚଟି ମନୋବାଞ୍ଛା ପୂରଣକାରୀ ଫୁଲମାନଙ୍କ ମଧ୍ୟରୁ ଗଙ୍ଗଶିଉଳି ଅନ୍ୟତମ। ଶୁକ୍ଳ ପାଖୁଡା, ଲୋହିତ ଡେମ୍ଫ ଧାରଣ କରିଥିବା ଓ ଭୁରୁଭୁରୁ ମହକରେ ଚଉପାଶକୁ ମହକାଉଥିବା ଏହି ଫୁଲ ରାତିରେ ଫୁଟିଥାଏ ଓ ସୂର୍ଯ୍ୟୋଦୟ ପୂର୍ବରୁ ଝଡିପଡେ। ତେବେ ଗଙ୍ଗଶିଉଳି ରାତିରେ ଫୁଟିବା ପଛରେ ଏକ କିମ୍ବଦନ୍ତୀ ରହିଛି। ବିଷ୍ଣୁ ପୁରାଣର ବର୍ଣ୍ଣନା ଅନୁଯାୟୀ ସୂର୍ଯ୍ୟଦେବତାଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଥରେ ଜଣେ ସୁନ୍ଦରୀ ରାଜକନ୍ୟା ତାଙ୍କୁ ପାଇବା ପାଇଁ ଇଚ୍ଛା ପ୍ରକଟ କଲେ। ସୂର୍ଯ୍ୟ ଦେବତାଙ୍କ କଥା ଭାବି ଭାବି ସେ ଖାଇବା ଶୋଇବା ଭୁଲିଗଲେ। ସୂର୍ଯ୍ୟ ସ୍ଥିର ହୋଇ ରହି ପାରିଲେ ନାହିଁ। ରାଜକନ୍ୟାଙ୍କ ପ୍ରତି ତାଙ୍କର ଦୁର୍ବଳତା ବଢ଼ିବାରେ ଲାଗିଲା। ସେ ମର୍ତ୍ତ୍ୟଲୋକକୁ ଆସି ଲୁଚିଲୁଚି ରାଜକନ୍ୟାଙ୍କ ନିକଟରେ ପହଞ୍ଚିଲେ ଓ କହିଲେ ତୁମେ ରାଜ ପ୍ରାସାଦର ମୋହମାୟା ପରିତ୍ୟାଗ କରି ମୋ ପାଖକୁ ଚାଲିଆସ। ରାଜକନ୍ୟା ସେଇଆ ହିଁ କଲେ। ଲୁଚି କରି ରାଜପ୍ରାସାଦ ତ୍ୟାଗ କରି ସବୁଦିନ ପାଇଁ ସେ ସୂର୍ଯ୍ୟଦେବଙ୍କ ପାଖକୁ ଚାଲି ଆସିଲେ। ସୂର୍ଯ୍ୟଦେବଙ୍କ ସହ କିଛି ଦିନ ରାଜକନ୍ୟା ସୁଖରେ ରହିଲେ। ଦିନେ ହଠାତ ସୂର୍ଯ୍ୟଦେବ ରାଜକନ୍ୟାଙ୍କୁ କିଛି ନକହି କୁଆଡେ ଚାଲିଗଲେ। ରାଜକନ୍ୟା ବହୁତ ଖୋଜିଲେ। ନିରୁପାୟ ହୋଇ ସେ ମୃତ୍ୟୁବରଣ କଲେ। ରାଜ ପରିବାର ତାଙ୍କ ଶବକୁ ଦାହ କଲେ। କିଛି ଦିନ ପରେ ଶବଦାହ ସ୍ଥାନରେ ଗଛଟିଏ ଜନ୍ମ ନେଲା। ଗଛଟି ବଡ ହେବାରୁ ସେଥିରେ ଶରତ ଋତୁରେ ସୁନ୍ଦର ଫୁଲମାନ ଫୁଟିଲା। ସୂର୍ଯ୍ୟଙ୍କ ଉତ୍ତାପ ସହ୍ୟ କରି ନପାରି ଏହି ଗଛର ଫୁଲ ରାତିରେ ହିଁ ଫୁଟିଲା ଓ ସକାଳ ହେବା ପୂର୍ବରୁ ଏହା ଝଡି ପଡିଲା। ସମ୍ପର୍କର ନିବିଡତା କଥା ଯେତେବେଳେ ଉଠେ ସେତେବେଳେ କଇଁ ଫୁଲ କଥା ମନକୁ ଆସେ। ଏବେତ ପୋଖରୀ ସାରା ନାଲି, ନୀଳ, ଧଳା କଇଁର ସମ୍ଭାର। ଜହ୍ନି ଫୁଲ, ପଦ୍ମ, ମାଳତୀ, ହେନା, ଜବା କୁସୁମର ଅପରୂପ ସୌନ୍ଦର୍ଯ୍ୟରେ ଧରାରେ ଖେଳି ଯାଇଛି ରଙ୍ଗର ପସରା।

ଭଗବାନ ବିଷ୍ଣୁ ବର୍ଷରେ ଚାରିମାସ ଶୟନ କରନ୍ତି। ସୂର୍ଯ୍ୟ କର୍କଟ ରାଶିରେ ପ୍ରବେଶ କଲେ ଭଗବାନ ବିଷ୍ଣୁ ଶୟନ କରନ୍ତି ଓ ସୂର୍ଯ୍ୟ ତୁଳା ରାଶିରେ ପ୍ରବେଶ କଲେ ଭଗବାନ ବିଷ୍ଣୁ ନିଦ୍ରା ପରିହାର କରନ୍ତି। ଆଷାଢ ମାସ ଶୁକ୍ଳ ପକ୍ଷରୁ ବିଷ୍ଣୁଙ୍କର ଶୟନ ଆରମ୍ଭ ଆରମ୍ଭ ହୋଇ କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ସରେ। ତେଣୁ ଆଷାଢ, ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ ମାସକୁ ଚର୍ତୁମାସ କୁହାଯାଏ। ଏହି ଚାରି ମାସରେ କୌଣସି ଶୁଭ କାର୍ଯ୍ୟ ଯଥା ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ଆଦି କରାଯାଏ ନାହିଁ। ତେବେ ଆଶ୍ୱିନ ମାସ ପିତୃ ପୁରୁଷଙ୍କର ପ୍ରିୟ ମାସ। ଏହି ମାସର ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ସମୟକୁ ପିତୃ ପକ୍ଷ ବା ମହାଳୟା ପକ୍ଷ କୁହାଯାଏ। ଏହି ସମୟରେ ସୂର୍ଯ୍ୟ କନ୍ୟା ରାଶିରେ ଥାଆନ୍ତି। ଏହି ପକ୍ଷରେ ତିଥି, ବାର ନକ୍ଷତ୍ର ବିଚାର ନକରି ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ। ହିନ୍ଦୁ ସମାଜରେ ନିତ୍ୟନୈମିତ୍ତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଞ୍ଚବିଧ ଶ୍ରାଦ୍ଧ ଅଛି ତନ୍ମଧ୍ୟରୁ ମହାଳୟା ଶ୍ରାଦ୍ଧର ଗୁରୁତ୍ୱ ଅଧିକ। ଶ୍ରାଦ୍ଧ ଦେବାବେଳେ କର୍ତ୍ତା ପିତୃ କୁଳ ସହିତ ମାତୃ କୁଳର ସପ୍ତ ପୁରୁଷଙ୍କୁ ଶ୍ରାଦ୍ଧ ଦେଇଥାଏ। ଶ୍ରାଦ୍ଧ ଦେବା ଦ୍ୱାରା ହିଁ ସ୍ୱର୍ଗଗତ ପିତୃଗଣଙ୍କ ଆତ୍ମା ଶାନ୍ତି ଲାଭ କରେ।

ଶରତରେ ମହମହ ମହକୁଥାଏ ବସୁଧା। ଶରତରେ କାଶତଣ୍ଡୀ ଲହଡି ମାରିଲେ ବାରି ହୁଏ ପାର୍ବଣର ବାସ୍ନା। ଗଣେଶ ଚତୁର୍ଥୀ ଠାରୁ ଦୀପାବଳୀ ପର୍ଯ୍ୟନ୍ତ ସମଗ୍ର ଦେଶ ଉତ୍ସବ ମୁଖରିତ ହୁଏ ଆକାଶରୁ ବସୁଧା ଯାଏ ସବୁଆଡେ ଶୁଭୁଥାଏ ପାର୍ବଣର ମନ୍ତ୍ରଧ୍ୱନୀ। ପୁରାଣ ଆଧାରରେ ମନୁଷ୍ୟ ଶକ୍ତିର ଆରାଧନା କରେ ଏହି ଶରତର ରୂପ-ରଂଗ-ରସର ଭାସ୍ୱର ସମନ୍ୱୟ ମଧ୍ୟରେ। ଯେପରି ଲକ୍ଷ୍ମୀ ଐଶ୍ୱର୍ଯ୍ୟର ପ୍ରତୀକ, ସରସ୍ୱତୀ ବିଦ୍ୟାର ପ୍ରତୀକ ସେହିପରି ମା ଦୁର୍ଗା ଶକ୍ତିର ପ୍ରତୀକ। ଦୁର୍ଗାଙ୍କର ପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା ଦୁର୍ଗାଙ୍କର ଅନ୍ୟ ନାମ ଶାରଦା। ଆଶ୍ୱିନ ମାସରେ ଷୋଳ ଦିନ ଧରି ଷୋଳ ପୂଜା, ନଅ ଦିନ ଧରି ଶରତ କାଳୀନ ନବରାତ୍ର ପୂଜା ଅବସରରେ ମହାସମାରୋହରେ ଭଗବତୀ ଦୁର୍ଗାଙ୍କର ପୂଜା କରାଯାଇଥାଏ। ଆଉ ଦିନ କେତେଟା ପରେ ଦୁର୍ଗତୀ ନାଶିନୀ ମା ଦୁର୍ଗାଙ୍କର ଶାରଦୀୟ ପୂଜା ଅନୁଷ୍ଠିତ ହେବ। ଏବେ ଠାରୁ ବାରି ହୋଇ ପଡିଲାଣି ପାର୍ବଣର ବାସ୍ନା। ଆକର୍ଷଣୀୟ ମେଢ ସାଙ୍ଗକୁ ତୋରଣ, ରଙ୍ଗବେରଙ୍ଗ ଆଲୋକ ସଜ୍ଜା, ରାବଣ ପୋଡି, ଆତସବାଜି ସାଙ୍ଗକୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକୃଷ୍ଟ କରୁଛି।

# ଦେବୀ-ଉପାସନାର ମହତ୍ତ୍ୱ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଶରତ ଋତୁର ବର୍ଣ୍ଣବିଭା ମଧ୍ୟରେ ଉପାସିତା ହୁଅନ୍ତି ଜଗଜ୍ଜନନୀ ଶକ୍ତିମୟୀ ଦେବୀ ଦୁର୍ଗତିନାଶିନୀ ଦୁର୍ଗା। ଚତୁଃପାର୍ଶ୍ୱରେ ଆନନ୍ଦ ଓ ଆଶିଷର ପ୍ଳାବନ ଖେଳିଯାଏ। ମେଘମୁକ୍ତ ନଭୋମଣ୍ଡଳରୁ ସୁଷମାସ୍ନାତ ସର୍ବଂସହା ଧରିତ୍ରୀ ପର୍ଯ୍ୟନ୍ତ ସର୍ବତ୍ର ଭରିଯାଏ ଏକ ଦିବ୍ୟ ଉନ୍ମାଦନା। ମନୁଷ୍ୟ ସ୍ୱତଃ ଉଦ୍ବେଳିତ ହୋଇଯାଏ ଏକ ସ୍ୱର୍ଗୀୟ ସୋପାନକୁ। ଭକ୍ତିରସରେ ଦ୍ରବୀଭୂତ ହୋଇଯାଏ ତା'ର ହୃଦୟ-କନ୍ଦର।

ମନୁଷ୍ୟ ସତରେ କ'ଣ ଅନୁଭବ କରେ ? କେଉଁ ଭାବରାଜିରେ ପୂର୍ଣ୍ଣ ହୁଏ ତା'ର ଅନ୍ତଃକରଣ ? ଦେବୀ-ଉପାସନା କ'ଣ ଏକ ମାଧ୍ୟମ ଶୂନ୍ୟତାରୁ ପୂର୍ଣ୍ଣତା ଅଭିମୁଖେ ଯାତ୍ରାକୁ ଅବ୍ୟାହତ ରଖିବା ପାଇଁ ? ହଁ, ସତକଥା। ମନୁଷ୍ୟ ଶୂନ୍ୟତାକୁ ଅନୁଭବ କରି ଶକ୍ତିର ଆରାଧନା କରିପାରେ ନାହିଁ। କେବଳ ପୂର୍ଣ୍ଣତାର ଅନୁଭୂତି ଓ ଅନୁଭବ ତାକୁ ଶକ୍ତିମୟ କରେ ଓ ସେ ଶକ୍ତିମୟୀଙ୍କର ଉପାସନା କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ହୋଇଥାଏ।

ଜଗଜ୍ଜନନୀ ଶୂନ୍ୟତାର ନୁହଁ ପୂର୍ଣ୍ଣତାର ପ୍ରତୀକ। ସକଳ ଦେବତାଙ୍କ ଶକ୍ତିର ସମନ୍ୱିତ ପ୍ରତିମା ସୋ ଦେବଗଣ ତାଙ୍କୁ ସମସ୍ତ ଶକ୍ତି ଦାନ କରିଥିଲେ ପୈଶାଚିକତାର ପ୍ରତିନିଧି ମହିଷାସୁରକୁ ନିହତ କରିବା ଉଦ୍ଦେଶ୍ୟରେ। ପାଶବିକତା ଶୂନ୍ୟତାର ପ୍ରତୀକ, ମାନବିକତା ପୂର୍ଣ୍ଣତାର ଦ୍ୟୋତକ। ପଶୁତ୍ୱ ଯାବତୀୟ ଉଚ୍ଛୃଙ୍ଖଳତାକୁ ଆମନ୍ତ୍ରଣ କରେ। ମନୁଷ୍ୟତ୍ୱ ଦେବତ୍ୱ-ସୋପାନକୁ ଆରୋହଣ କରିବାର ଅବଲମ୍ବନ ହୁଏ। ଦେବୀ-ଉପାସନା ମନୁଷ୍ୟକୁ ଏହି ମର୍ମରେ ହିଁ ନୈତିକ ଶିକ୍ଷା ଦାନ କରିଥାଏ।

ସୂର୍ଯ୍ୟଦେବଙ୍କୁ ସକଳ ଶକ୍ତିର ଉତ୍ସ ଭାବରେ ବିଚାର କରାଯାଏ। ଆଲୋକ, ଉତ୍ତାପ ବିକୀରଣ କରି ସମଗ୍ର ସୃଷ୍ଟିକୁ ପାଳନ କରନ୍ତି ସେ। ଚନ୍ଦ୍ର କୋମଳ ଜ୍ୟୋତି ବିଚ୍ଛୁରଣ କରି ରାତ୍ରିକୁ ବହୁବର୍ଣ୍ଣମୟ କରନ୍ତି। ଅଗଣିତ ନକ୍ଷତ୍ରମାଳା କ୍ଷୀଣାଲୋକ ବିତରଣ କରି ଶୂନ୍ୟମଣ୍ଡଳକୁ ପ୍ରଭାବନ୍ତ କରନ୍ତି। ସମୀରଣ ନିଜ ଶକ୍ତିରେ ପ୍ରବାହିତ ହୁଅନ୍ତି। ନଦୀ, ସମୁଦ୍ର ପ୍ରତ୍ୟେକ ନିଜସ୍ୱ ଶୈଳୀରେ ପ୍ରକୃତିର ଓ ପ୍ରାଣୀମାନଙ୍କର ସେବା ନିରତ ଥାଆନ୍ତି। ଅଗ୍ନିଦେବ ତେଜ ବିକୀରଣ କରି ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରନ୍ତି। ଏହିପରି ସଚରାଚର ବିଶ୍ୱଭୁବନରେ ଆମେ ଶକ୍ତିର ଅସଂଖ୍ୟ ରୂପ ଦର୍ଶନ କରୁ, ଅନୁଭବ କରୁ। ଦୁର୍ଗତିନାଶିନୀ ମା' ଦେବୀ ଦୁର୍ଗା ଆମେ ଦର୍ଶନ କରୁଥିବା, ଅନୁଭବ କରୁଥିବା ସକଳ ଶକ୍ତିର ସଂଯୋଗ ସ୍ଥଳ।

ସୂର୍ଯ୍ୟ, ଚନ୍ଦ୍ର, ତାରା, ପବନ, ଅଗ୍ନି, ନଦୀ, ସମୁଦ୍ର ଇତ୍ୟାଦି ସମସ୍ତେ ମନୁଷ୍ୟକୁ ପ୍ରଭୁତ ଶକ୍ତି ଦାନ କରୁଥିବା ପରି ସମସ୍ତ ଶକ୍ତିର ସମନ୍ୱୟ ଦେବୀ ଦୁର୍ଗା। ମନୁଷ୍ୟକୁ ଆଧ୍ୟାତ୍ମିକ ଶକ୍ତିରେ ସମୃଦ୍ଧ କରନ୍ତି। ମନୁଷ୍ୟ ଏକ ଉଚ୍ଚତର ମନସ୍ତାତ୍ତ୍ୱିକ ଭୂମିରେ ଅବଶ୍ୟ ଅନୁଭବ କରେ ଯେ ଭୌତିକ, ବୈଷୟିକ ସମୃଦ୍ଧି ନୁହଁ, କେବଳ ଆଧ୍ୟାତ୍ମିକ ସମୃଦ୍ଧି ମନୁଷ୍ୟକୁ ଦେବଭୂମିକୁ ଉତ୍ତରିତ କରିପାରିବ।

ଆଧ୍ୟାତ୍ମିକ ସମୃଦ୍ଧି ମନୁଷ୍ୟକୁ ପୂର୍ଣ୍ଣତାର ଆସ୍ୱାଦନ ଦେଇପାରିବ। ସେତେବେଳେ ମନୁଷ୍ୟ ଅନୁଭବ କରିବ ଯେ ସକଳ ଭୌତିକ, ବୈଷୟିକ ଅଗ୍ରଗତି ତାକୁ ଶେଷରେ କେବଳ ଶୂନ୍ୟତାର ଅନୁଭବ ଦିଏ ; ଭୌତିକ, ବୈଷୟିକ ଆକାଙ୍କ୍ଷାର ବିଷବଳୟରୁ ଊର୍ଦ୍ଧ୍ୱକୁ ଉଠିପାରିଲେ ଯାଇ ସେ ପୂର୍ଣ୍ଣତା ଓ ଆଧ୍ୟାତ୍ମିକ ଆନନ୍ଦରେ ଅବଗାହନ କରିବାର ଅନୁଭବ ପ୍ରାପ୍ତ ହୁଏ।

ଏହି ପୂର୍ଣ୍ଣତାର ସାଧନା କହିଲେ ଆମେ କ'ଣ ବୁଝୁ ? କାହାରିକୁ ନୀଚ ମନେ ନକରି ସମସ୍ତଙ୍କୁ ନିଜ ଅନ୍ତରରେ ଉଚ୍ଚ ଆସନ ପ୍ରଦାନ କରିବା, କାହାରିକୁ ଘୃଣା ନକରି ସମସ୍ତଙ୍କୁ ଭଲପାଇବା, ପିଶାଚପଣିଆଠୁ ଦୂରେଇଯାଇ ମଣିଷପଣିଆରେ ନିଜ ଅନ୍ତଃକରଣକୁ ଭରିଦେବା, ଅହଂକାରର ନର୍କକୁ ତ୍ୟାଗ କରି ନିରହଂକାର ଭାବର ସ୍ୱର୍ଗରେ ନିତ୍ୟ ବିଚରଣ କରିବା, ଦୁଶ୍ଚରିତ୍ରତାର ବ୍ୟାଧି କବଳିତ ନହେବାକୁ ଜୀବନବ୍ୟାପୀ ସାଧନାମଗ୍ନ ହେବା ହିଁ ପୂର୍ଣ୍ଣତାର ସାଧନା। ଦେବୀ ଉପାସନାରେ ଅହଂ, ଅନୈତିକ ଚରିତ୍ରକୁ ବିସର୍ଜନ ଦେବାକୁ ହୋଇଥାଏ। ଅହଂକାର ବିସର୍ଜିତ ନହେଲା ପର୍ଯ୍ୟନ୍ତ କୌଣସି ଉପାସନା ସଫଳ ହୋଇନଥାଏ। ଚରିତ୍ର କଳୁଷଶୂନ୍ୟ ନହେଲା ପର୍ଯ୍ୟନ୍ତ କୌଣସି ଆରାଧନାର ମୂଲ୍ୟ ରହେ ନାହିଁ।

ଉପାସନା ମଣ୍ଡପରେ ନାନାରକମର ଭୋଗ ସାମଗ୍ରୀ ଦେଖିଲେ ବିସ୍ମିତ ହେବାକୁ ହୁଏ। ମନୁଷ୍ୟ ଯେପର୍ଯ୍ୟନ୍ତ ବିଳାସ-ଭୋଗର ରୋଗରେ ଆକ୍ରାନ୍ତ ହୋଇଥିବ ସେ ପର୍ଯ୍ୟନ୍ତ ରସାଳଫଳ ଭଳି ଭୋଗସାମଗ୍ରୀ ଦେବୀ-ମଣ୍ଡପରେ ଅର୍ପଣ କରିବାର ଆଦୌ ମୂଲ୍ୟ ନଥାଏ। ଧୂପର ମହକ ଆମକୁ ଶିକ୍ଷା ଦିଏ ନିଜର ଚରିତ୍ରକୁ ସୁବାସଯୁକ୍ତ କରିବା ପାଇଁ ; ଦୀପର ଆଲୋକ ଆମକୁ ଶିକ୍ଷା ଦିଏ ଜ୍ଞାନାଲୋକରେ ଉଦ୍ଭାସିତ ହେବା ପାଇଁ ; ରସାଳ ଫଳ ଭୋଗ ସାମଗ୍ରୀ ହୁଏତ ଆମକୁ ଶିକ୍ଷା ଦିଅନ୍ତି ମଣିଷ-ମଣିଷ, ମଣିଷ-ପ୍ରକୃତି-ପ୍ରାଣୀଜଗତ ସହିତ ସମ୍ବନ୍ଧକୁ ରସମୟ କରିବା ପାଇଁ। ଦେବୀ-ମଣ୍ଡପରେ ନାନା ବାଦ୍ୟଯନ୍ତ୍ର ଆମକୁ ଶିକ୍ଷା ଦିଅନ୍ତି ନିଜ ନିଜର ସ୍ୱରକୁ ମଧୁର କରିବା ପାଇଁ ଓ ମଧୁର ବାକ୍ୟ ଉଚ୍ଚାରଣ କରି ସମସ୍ତଙ୍କ ସହିତ ସୁମଧୁର ଭାବରେ ସମ୍ବନ୍ଧିତ ହେବା ପାଇଁ। ଗାନ କରାଯାଉଥିବା ଭଜନାବଳୀ ଆମକୁ ଶିକ୍ଷା ଦିଅନ୍ତି ଭବ-ଜନମାନଙ୍କୁ ଆଦର କରି ଭବଭୂମିକୁ ଭାବଭୂମିରେ ରୂପାନ୍ତରିତ କରିବା ପାଇଁ। ଅନ୍ତରର ଯାବତୀୟ ଅନୀତି, ଅହଂକାରକୁ ବଳିଦେବା ହିଁ ହେଉଛି ଯଥାର୍ଥ ଦେବୀ-ଉପାସନା।

ସଂସାରରେ ଆମେ ଗୋଟିଏ ମା'କୁ ଲକ୍ଷ୍ୟ କରିବା। କଷ୍ଟ ସ୍ୱୀକାର କରି ସେ ସନ୍ତାନ ଜନ୍ମ ଦିଏ, ତାକୁ ଲାଳନପାଳନ କରେ, ନିଜର ସକଳ ସମୟ ଶକ୍ତି ଉପଯୋଗ କରି ଶିଶୁକୁ ବର୍ଦ୍ଧିତ କରେ, ପରିବାରର ଅଜସ୍ର ଭାର ବହନ କରେ, ନିଜେ ଦୁଃଖରେ ଘାଣ୍ଟିହୋଇ ପରିବାରର ସମସ୍ତ ସଦସ୍ୟଙ୍କ ପ୍ରତି ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରେ। ସର୍ବଂସହା ମା' ଧରିତ୍ରୀକୁ ଲକ୍ଷ୍ୟ କରିବା। କୃଷକ ତା'ର ବକ୍ଷକୁ ବିଦୀର୍ଣ୍ଣ କରି କୃଷି କର୍ମ କରେ, ଶସ୍ୟ ଉତ୍ପାଦନ କରେ, ଧରିତ୍ରୀ ମା' ଅଜାଡ଼ି ଦିଏ ଅଜସ୍ର ଫୁଲଫଳର ସମ୍ଭାର ଆମର ଜନ୍ମଦାତ୍ରୀ ମା', ଧରିତ୍ରୀ ମା' ଅସୀମ ତ୍ୟାଗ ସ୍ୱୀକାର କରି ପରିବାର ଭାର, ପୃଥିବୀର ଭାର ହସହସ ବଦନରେ ବହନ କରନ୍ତି। ଜଗଜ୍ଜନନୀ ଶକ୍ତିସ୍ୱରୂପିଣୀ ମା' ଦେବୀ ଦୁର୍ଗା ଠିକ୍ ସେହିଭଳି ତ୍ୟାଗର ତପସ୍ୟାରେ ତଲ୍ଲୀନା, ମାନବତ୍ୱର ମହକରେ ମହିମାନ୍ୱିତା, ଦିବ୍ୟ ଐଶ୍ୱର୍ଯ୍ୟରେ ପ୍ରଫୁଲ୍ଲିତା, ଚିରନ୍ତନ ଆନନ୍ଦ ଆଲୋକ ଆଶିଷର ତ୍ରିବେଣୀରେ ପ୍ରକ୍ଷାଳିତ ଚେତନାର ପୂର୍ଣ୍ଣ ବିକଶିତ ପ୍ରତିମା ସୋ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତ୍ରୀ, ପାପ ନାଶ କରି ପୁଣ୍ୟ ବିକାଶ ଧାରାରେ ପ୍ରତିଶ୍ରୁତିବଦ୍ଧ ସଂଗ୍ରାମଶୀଳା ଯୋଗମାୟା ଜନନୀ ସୋ ମନୁଷ୍ୟ ଠାରୁ ସେ ଧୂପ, ଦୀପ, ନୈବେଦ୍ୟ ଆଶା କରନ୍ତି ନାହିଁ। ସେ ଆଶା କରନ୍ତି ମନୁଷ୍ୟ ତା'ର ଜୀବନ-ସଂଗ୍ରାମକୁ ଧୈର୍ଯ୍ୟର ଧୂପରେ ସୁରଭିତ କରୁ, ଦିବ୍ୟଜ୍ଞାନର ଦୀପରେ ଦୀପ୍ତିମନ୍ତ କରୁ, ଭକ୍ତିଭାବର ନୈବେଦ୍ୟ ନିବେଦନ କରି ନିରହଙ୍କାର କରୁ। ତାହାହିଁ ହେବ ଦେବୀ-ଉପାସନାର ମହତ୍ତ୍ୱ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଅକ୍ଟୋବର ୨୦୨୫ ବୁଧବାର



# ଆଭା

# ଗୁଣବତୀ: ପୁଣ୍ୟବତୀ



'ପଦ୍ମପୁରାଣ'ର 'ଉତ୍ତରଖଣ୍ଡ'ରେ ଅଛି କାର୍ତ୍ତିକ ବ୍ରତର ମାହାତ୍ମ୍ୟ କଥା। ସେଥିରେ ବର୍ଣ୍ଣିତ ହୋଇଛି ଗୁଣବତୀ ନାମ୍ନୀ ଜଣେ ପୁଣ୍ୟବତୀଙ୍କ ଆଖ୍ୟାନ। ସେହି ଗୁଣବତୀ ହିଁ ପରଜନ୍ମରେ ସତ୍ୟଭାମା ରୂପେ ଜାତ ହୋଇ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପାଇଥିଲେ। ସତ୍ୟଭାମାଙ୍କ ପ୍ରଶ୍ନରେ ସ୍ୱୟଂ ଶ୍ରୀକୃଷ୍ଣ ତାଙ୍କୁ ଏହି କାହାଣୀ କହିଛନ୍ତି। ସତ୍ୟଯୁଗର ଶେଷରେ ମାୟାପୁରୀ (ହରଦ୍ୱାର)ରେ ଥିଲେ ଜଣେ ଅତ୍ରିକୁଳଜାତ ବ୍ରାହ୍ମଣ। ତାଙ୍କର ନାମ ଥିଲା ଦେବଶର୍ମା। ସେ ଥିଲେ ବେଦବେଦାନ୍ତବିତ୍ ଏବଂ ଅତିଥିପରାୟଣ। ସେ ପ୍ରତିଦିନ ପ୍ରାତଃସ୍ନାନ କରି ସୂର୍ଯ୍ୟପୂଜା କରୁଥିଲେ। ତାଙ୍କର ଏକମାତ୍ର କନ୍ୟା ଥିଲେ ଗୁଣବତୀ। ଚନ୍ଦ୍ର ନାମକ ନିଜର ଜଣେ ଶିଷ୍ୟଙ୍କୁ ସେ ତାଙ୍କୁ ବିବାହ ଦେଇଥିଲେ। ଦିନେ ଗୁରୁ ଓ ଶିଷ୍ୟ ସମିଧ ପାଇଁ ବନକୁ ଯାଇଥିବା ବେଳେ ଏକ ରାକ୍ଷସ ଦ୍ୱାରା ନିହତ ହେଲେ। ପିତା ଓ ପତିଙ୍କୁ ହରାଇ ଗୁଣବତୀ ଶୋକରେ ବିଳାପ କରିବାକୁ ଲାଗିଲେ। ପରେ ନିଜକୁ ସମ୍ବରଣ କରି ସେ ଦୁହିଁଙ୍କର ଦାହସଂସ୍କାର ଓ ଶୁଦ୍ଧିକ୍ରିୟା କରିବା ସହିତ ଭଗବାନ ବିଷ୍ଣୁଙ୍କ ଭଜନରେ ଦିନ ବିତାଇବାରେ ଲାଗିଲେ। ତା' ପରଠାରୁ ଗୁଣବତୀ ସାରା ଜୀବନ ଦୁଇଟି ବ୍ରତ କରୁଥିଲେ। ଗୋଟିଏ ଏକାଦଶୀ ଉପବାସ ଏବଂ ଅନ୍ୟଟି କାର୍ତ୍ତିକ ବ୍ରତ। ଭଗବାନ ବିଷ୍ଣୁ ସତ୍ୟଭାମାଙ୍କୁ କହିଲେ- ଏ ଦୁଇ ବ୍ରତ ତାଙ୍କର ଅତ୍ୟନ୍ତ ପ୍ରିୟ। ଏ ଦୁଇଟି ମଧ୍ୟ ଅତ୍ୟନ୍ତ ପୁଣ୍ୟପ୍ରଦ ବ୍ରତ। ଯେଉଁ ବ୍ୟକ୍ତି କାର୍ତ୍ତିକ ମାସରେ ସୂର୍ଯ୍ୟ ତୁଳାରାଶିରେ ଅବସ୍ଥାନ କରୁଥିବା ବେଳେ ପ୍ରାତଃସ୍ନାନ କରନ୍ତି, ସେ ମହାପାପରୁ ବି ମୁକ୍ତ ହୋଇଯାଆନ୍ତି। ଯେଉଁ ବ୍ୟକ୍ତି କାର୍ତ୍ତିକମାସରେ ସ୍ନାନ, ଜାଗରଣ, ଦୀପଦାନ ଓ ତୁଳସୀବନ ପାଳନ କରନ୍ତି, ସେ ସାକ୍ଷାତ୍ ବିଷ୍ଣୁଙ୍କର ସ୍ୱରୂପ ହୋଇଯାଆନ୍ତି। କାର୍ତ୍ତିକମାସରେ ଯେ ବିଷ୍ଣୁ ମନ୍ଦିର ମାର୍ଜନ କରନ୍ତି, ସେ ଜୀବନ୍ମୁକ୍ତ ହୁଅନ୍ତି। ଏହିପରି ଭାବରେ ଗୁଣବତୀ ନିଷ୍ଠା ଓ ଭକ୍ତିର ସହିତ ଏକାଦଶୀ ଓ କାର୍ତ୍ତିକ ବ୍ରତ ପାଳନ କରିବା ଫଳରେ ତାଙ୍କୁ ବୈକୁଣ୍ଠ ପ୍ରାପ୍ତି ହୋଇଥିଲା। ଦ୍ୱାପର ଯୁଗରେ, ଯେତେବେଳେ ବ୍ରହ୍ମା ଆଦି ଦେବଗଣଙ୍କ ପ୍ରାର୍ଥନାରେ ଭଗବାନ ବିଷ୍ଣୁ କୃଷ୍ଣ ରୂପେ ମର୍ତ୍ତ୍ୟରେ ଜନ୍ମ ନେଲେ, ସେତେବେଳେ ଦେବଶର୍ମା ସତ୍ରାଜିତ୍ ରୂପେ ଏବଂ ଗୁଣବତୀ ତାଙ୍କର କନ୍ୟା ସତ୍ୟଭାମା ରୂପେ ଜନ୍ମଗ୍ରହଣ କରିଥିଲେ। ପୂର୍ବ ଜନ୍ମରେ ଏକାଦଶୀ ଓ କାର୍ତ୍ତିକବ୍ରତ ପାଳନ କରି ଅଶେଷ ପୁଣ୍ୟ ଅର୍ଜନ କରିଥିବାରୁ ସତ୍ୟଭାମା ତାଙ୍କର ଏହି ଜନ୍ମରେ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପାଇଥିଲେ।

# କାର୍ତ୍ତିକ ମାସ ଏକ ଶ୍ରେଷ୍ଠ ମାସ



କାର୍ତ୍ତିକ ମାସ କାହିଁକି ବିଷ୍ଣୁଙ୍କର ପ୍ରିୟ ମାସ? ପୁଣି କାହିଁକି ଏହା ଏକ ଶ୍ରେଷ୍ଠ ମାସ? ଏହାର ଉତ୍ତର ଅଛି 'ପଦ୍ମପୁରାଣ'ର 'ଉତ୍ତରଖଣ୍ଡ'ରେ। ଏକଦା ରାଜା ପୃଥୁଙ୍କ ପ୍ରଶ୍ନରେ ନାରଦ ତାଙ୍କୁ ଯାହା କହିଥିଲେ, ସତ୍ୟଭାମାଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ତାଙ୍କୁ ସେହି କଥା କହିଛନ୍ତି। ସେହି ପ୍ରସଙ୍ଗରେ ଆସିଛି ଶଙ୍ଖାସୁର କଥା। ପୂର୍ବକାଳରେ ଶଙ୍ଖାସୁର ନାମରେ ଥିଲା ଏକ ମହା ପରାକ୍ରମୀ ଅସୁର। ସେ ସ୍ୱର୍ଗରାଜ୍ୟ ଆକ୍ରମଣ କରି ଦେବତାମାନଙ୍କୁ ସ୍ୱର୍ଗଚ୍ୟୁତ କଲା। ତା'ପରେ ତା'ର ମନକୁ ଆସିଲା- ବେଦମନ୍ତ୍ର ବଳରେ ଦେବତାମାନେ ପ୍ରବଳ ହେଉଛନ୍ତି। ବେଦକୁ ଅପହରଣ କରିନେଲେ ସେମାନେ ନିର୍ବଳ ଓ ତେଜହୀନ ହୋଇଯିବେ। ଏହା ଭାବି ସେ ବେଦ ହରଣ କରିନେଲା। ତାହା ଜାଣି ବ୍ରହ୍ମାଙ୍କ ସହିତ ଦେବତାମାନେ ଯାଇ ଭଗବାନ ବିଷ୍ଣୁଙ୍କର ଶରଣ ନେଲେ ଏବଂ ତାଙ୍କୁ ବେଦ ଉଦ୍ଧାର କରିବା ପାଇଁ ପ୍ରାର୍ଥନା କଲେ। ତାହା ଫଳରେ ବିଷ୍ଣୁ ମତ୍ସ୍ୟାବତାରରେ ଆବିର୍ଭୂତ ହୋଇ ବେଦ ଉଦ୍ଧାର କରିବେ ବୋଲି ସେମାନଙ୍କୁ କହିଲେ। ମତ୍ସ୍ୟାବତାର ଭଗବାନ ବିଷ୍ଣୁଙ୍କର ଆଦ୍ୟ ଅବତାର। ଶଙ୍ଖାସୁର ଥିଲା ସମୁଦ୍ରପୁତ୍ର। ତେଣୁ ସେ ବେଦହରଣ କରିନେଇ ସମୁଦ୍ର ଗର୍ଭରେ ଲୁଚାଇ ରଖିଥିଲା। ସେଥିପାଇଁ ବିଷ୍ଣୁ ମତ୍ସ୍ୟ ଅବତାର ହିଁ ଗ୍ରହଣ କରିଥିଲେ। 'ପଦ୍ମପୁରାଣ'ରେ ବର୍ଣ୍ଣିତ ଥିବା ଦେବର୍ଷି ନାରଦଙ୍କ ଉକ୍ତି ଅନୁସାରେ- ଭଗବାନ ବିଷ୍ଣୁ ଏକ କ୍ଷୁଦ୍ର ମୀନ ରୂପରେ ସ୍ୱର୍ଗଲୋକରୁ ଆସି ବିନ୍ଧ୍ୟପର୍ବତ ନିବାସୀ କଶ୍ୟପ ମୁନିଙ୍କ ଆଞ୍ଜୁଳିର ଜଳରେ ଆବିର୍ଭୂତ ହୋଇଥିଲେ। ସେ ଦ୍ରୁତ ବଡ଼ରୁ ବଡ଼ ହେବାରେ ଲାଗିବାରୁ କଶ୍ୟପ ତାଙ୍କୁ ଆଞ୍ଜୁଳିରୁ କମଣ୍ଡଳୁକୁ, କମଣ୍ଡଳରୁ କୂପକୁ, କୂପରୁ ପୁଷ୍କରିଣୀକୁ- ଏହିପରି କ୍ରମେ ବଡ଼ରୁ ବଡ଼ ଜଳାଶୟରେ ରଖିବା ପରେ, ଶେଷରେ ତାଙ୍କୁ ନେଇ ସମୁଦ୍ରରେ ଛାଡ଼ିଥିଲେ। ତାହା ପରେ, ବିଶାଳ ମତ୍ସ୍ୟରୂପରେ ସେ ଶଙ୍ଖାସୁରକୁ ନିହତ କଲେ ଏବଂ ତାହାକୁ ହାତରେ ଧରି ବଦ୍ରିବନ ଚାଲିଯାଇଥିଲେ। ତାଙ୍କ ନିର୍ଦ୍ଦେଶରେ ଋଷିମାନେ ଯାଇ ସମୁଦ୍ରରୁ ବେଦ ଉଦ୍ଧାର କରି ଆଣିଥିଲେ। ଶଙ୍ଖାସୁର ସମୁଦ୍ର ମଧ୍ୟରେ ବେଦକୁ ବିକ୍ଷିପ୍ତ କରି ରଖିଥିବାରୁ, ଯେଉଁ ଋଷି ଯଜ୍ଞ ଓ ବୀଜ ସହିତ ଯେଉଁ ବେଦମନ୍ତ୍ରର ଉଦ୍ଧାର କଲେ, ତାହାଙ୍କୁ ସେହି ବେଦାଂଶର ଋଷି ଆଖ୍ୟା ଦିଆଗଲା। ତାହା ପରେ ସେମାନେ ଯାଇ ପ୍ରୟାଗଠାରେ ସମଗ୍ର ବେଦକୁ ଭଗବାନ ବିଷ୍ଣୁଙ୍କୁ ଅର୍ପଣ କରିଥିଲେ। ବ୍ରହ୍ମା ବେଦ ଫେରିପାଇ ଆନନ୍ଦିତ ହୋଇଥିଲେ। ଦେବତାମାନେ ମଧ୍ୟ ତାଙ୍କର ପୂର୍ବ ତେଜ ଫେରି ପାଇଥିଲେ।

# ଲୁଣ-କ୍ଷୀର ହାତରୁ ଖସିବା ଅଶୁଭ

ଲୁଣ-ଲୁଣକୁ ଶୁଦ୍ଧତା ଓ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ।ଖାଦ୍ୟ ପ୍ରସ୍ତୁତି ସମୟରେ ହାତରୁ ବାରମ୍ବାର ଲୁଣ ଖସି ତଳେ ପଡିବା ଶୁଭଙ୍କର ନୁହେଁ। ଏହା ଆର୍ଥିକ କ୍ଷେତ୍ରରେ କ୍ଷତି ହେବାର ସଙ୍କେତ ଦେଇଥାଏ।ଏହାସହ ଗୃହରେ କଳହ ମଧ୍ୟ ହୋଇଥାଏ। ପୂର୍ବପୁରୁଷ ଅସନ୍ତୋଷ ଥିବାର ମଧ୍ୟ ଏହା ସଙ୍କେତ ଦେଇଥାଏ। କ୍ଷୀର- ରୋଷେଇ ଘରେ ବାରମ୍ବାର ହାତରୁ କ୍ଷୀର ଖସିବା ମଧ୍ୟ ଶୁଭଙ୍କର ନୁହେଁ। ଏହା ପୂର୍ବପୁରୁଷ ଅସନ୍ତୁଷ୍ଟ ଥିବାର ସଙ୍କେତ ଦେଇଥାଏ। ତେଣୁ ଏହାକୁ ଅଣଦେଖା କରନ୍ତୁ ନାହିଁ। ପୂର୍ବପୁରୁଷ ଶାନ୍ତି ପାଇଁ ଦାନ ସହ ପଣ୍ଡିତଙ୍କ ପରାମର୍ଶ ନିଅନ୍ତୁ। କ୍ଷୀର ହାତରୁ ବାରମ୍ବାର ଖସିଲେ କାର୍ଯ୍ୟରେ ଅସଫଳତା ସହ ବାଧା ଲାଗି ରହିଥାଏ।

# ବିଷ୍ଣୁ ବି ସୂର୍ଯ୍ୟ, ସେ ମଧ୍ୟ ପଞ୍ଚଦେବତା

> ସୌରାଷ୍ଟ ଶୈବା ଗଣେଶା ବେଷ୍ଣବାଃ ଶକ୍ତିପୂଜକାଃ ।
> ମାମେବ ପ୍ରାପ୍ନୁବନ୍ତୀହ ବର୍ଷାପଃ ସାଗରଂ ଯଥା ।।
> ଏକୋଽହଂ ପଞ୍ଚଧା ଜାତଃ କ୍ରୀଡ଼ୟା ନାମାଭିଃ କିଲ।
> ଦେବଦତ୍ତୋ ଯଥା କଶ୍ଚିତ୍? ପୁତ୍ରା ଦ୍ୟାହାନନାମଭିଃ॥
> -ପଦ୍ମପୁରାଣ, ଉତ୍ତରଖଣ୍ଡ, ୧୮୬ ଅଧ୍ୟାୟ



ହିନ୍ଦୁ ଧର୍ମଧାରାରେ ପଞ୍ଚଦେବତା ଉପାସନା ପ୍ରଚଳିତ। ଏହି ପଞ୍ଚ ଦେବତା ହେଉଛନ୍ତି- ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କର। ଏମାନଙ୍କୁ ଏକ ଅପରଠାରୁ ଭିନ୍ନ ଭାବେ ବିବେଚନା ନ କରିବାପାଇଁ ଶାସ୍ତ୍ରରେ ନିର୍ଦ୍ଦେଶ ଅଛି। ଏ ପ୍ରସଙ୍ଗେ ସତ୍ୟଯୁଗର ଶେଷଭାଗ ?ର ଗୋଟିଏ ଉପାଖ୍ୟାନରେ, 'ପଦ୍ମପୁରାଣ'ରେ ମଧ୍ୟ ବର୍ଣ୍ଣିତ ହୋଇଛି। ସତ୍ୟଯୁଗର ଶେଷଭାଗରେ ଦେବଶର୍ମା ନାମରେ ଜଣେ ବ୍ରାହ୍ମଣ ପ୍ରତିଦିନ ସୂର୍ଯ୍ୟ ଉପାସନା କରିବା ଫଳରେ ସୂର୍ଯ୍ୟଙ୍କ ପରି ତେଜସ୍ୱୀ ହୋଇଥିଲେ। ତାହା ଫଳରେ ଭଗବାନ ବିଷ୍ଣୁ ତାଙ୍କ ପ୍ରତି ଅତ୍ୟନ୍ତ ପ୍ରୀତ ଥିଲେ। ସେହି ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି ଉପରୋକ୍ତ ସୁଭାଷିତ। ଏହି ସୁଭାଷିତରେ ଭଗବାନ ବିଷ୍ଣୁ କହିଛନ୍ତି- ଯେ ସୂର୍ଯ୍ୟ, ଶିବ, ଗଣେଶ, ଓ ଶକ୍ତିଙ୍କର ଉପାସନା କରନ୍ତି, ସେ ମୋତେ ମଧ୍ୟ ଲାଭ କରିଥାନ୍ତି। ଯେପରି ବର୍ଷା ଜଳ ସବୁଆଡୁ ସମୁଦ୍ରକୁ ହିଁ ପ୍ରବାହିତ ହୋଇ ଆସିଥାଏ, ସେହିପରି ପଞ୍ଚଦେବତାଙ୍କର ଉପାସକମାନେ ମୋ ପାଖକୁ ହିଁ ଆସିଥାନ୍ତି। ମୁଁ ଏକ ଓ ଅଭିନ୍ନ। କିନ୍ତୁ ଲୀଳା ଅନୁସାରେ ମୁଁ ଭିନ୍ନ ଭିନ୍ନ ନାମ ଧରି ପାଞ୍ଚ ରୂପରେ ପ୍ରକଟ ହୋଇଥାଏ। ଦେବଦତ୍ତ ନାମକ କେ ?ଣସି ବ୍ୟକ୍ତିଙ୍କୁ ଯେପରି ପୁତ୍ର, ପିତା ଆଦି ଭିନ୍ନ ଭିନ୍ନ ନାମରେ ଡକାଯାଇପାରେ, ଏହା ଠିକ୍? ସେହିପରି। ଏହା ସ୍ପଷ୍ଟ ସୂଚାଏ- ଯେ ବିଷ୍ଣୁ, ସେ ମଧ୍ୟ ସୂର୍ଯ୍ୟ। ସେ ମଧ୍ୟ ଉପରୋକ୍ତ ପଞ୍ଚଦେବତା।

# ମେଘାଳୟ ମସ୍ତକର ଚୂଡ଼ା ନୋଙ୍ଗକ୍ରୋଙ୍ଗ ଗାଁ ବାଦଲ ଭିତରେ ଭାସୁଛି



ମର୍ତ୍ତ୍ୟରେ ଅନନ୍ୟ ସ୍ୱର୍ଗପୁରୀ । ବାଦଲ ଭିତରେ ଭାସୁଛି ଗାଁ। ଏଠି ସୂର୍ଯ୍ୟୋଦୟ ଯେତିକି ସୁନ୍ଦର ସୂର୍ଯ୍ୟାସ୍ତ ତାଠୁ ଅଧିକ ମନଲୋଭା। ସତେ ଯେମିତି ଫୁରସତ୍‌ରେ ଗାଁକୁ ଗଢିଛନ୍ତି ସୃଷ୍ଟିକର୍ତ୍ତା। ଥରେ ଗଲେ ଆଉ ଫେରିବାକୁ ମନ ହେବନି । ଭସା ବାଦଲରେ ଭାସିଯିବ ସବୁ ଅବସାଦ। ଜଞ୍ଜାଳ, ଯାତନାରୁ ମିଳିବ ଆତ୍ମତୃପ୍ତି । ପ୍ରାକୃତିର ଅନନ୍ୟ ଉପହାର ଏହି ସୌନ୍ଦର୍ଯ୍ୟ ଓ ସବୁଜିମା ଭରା ଗାଁ । ଏଠି ବାଦଲର ଛାତି ଚିରି କଳ କଳ ହୋଇ ବହିଯାଉଛି ଝରଣା । ଆକାଶର ବକ୍ଷ ଛେଦି ଅନବରତ ଗଳୁଛି ପାଣି । ପାହାନ୍ତି ପ୍ରହରରେ କାଚକେନ୍ଦୁ ପରି ଶିଶିର ବିନ୍ଦୁର ସ୍ପର୍ଶରେ ପୁଲକିତ ହୋଇଯାଏ ତନମନ । ଏହି ସ୍ଥାନଟିକୁ ଦେଖିଲେ ଆପଣ ବି କହିବେ, ସୁନ୍ଦର ତୃପ୍ତିର ଅବସାଦ ନାହିଁ ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।

ଭାରତରେ ରହିଛି ଏହି ସ୍ୱର୍ଗୀୟ ଗାଁ। ମେଘାଳୟ ମସ୍ତକର ଚୂଡ଼ା ଏହି ଗାଁ। ନାମ ନୋଙ୍ଗକ୍ରୋଙ୍ଗ... ଯାହା ବିଷୟରେ ଖୁବ୍ କମ୍ ଲୋକ ଜାଣନ୍ତି। ମେଘାଳୟର ଇଷ୍ଟ ଖାସି ପର୍ବତମାଳରେ ଅବସ୍ଥିତ ନୋଙ୍ଗକ୍ରୋଙ୍ଗ। ଏହା ଶିଲଙ୍ଗ ଠାରୁ ପ୍ରାୟ ୬୦ କିମି ଦୂର ଓ ମାଓ୍ୱକନୁରୁ ଠାରୁ ମାତ୍ର ୩୦ କିମି ଦୂର। ପାହାଡ଼ ଚିରି ଏହି ଗାଁକୁ ପହଞ୍ଚିଛି କଂକ୍ରିଟ୍ ସଡ଼କ। ବିମାନ ଯୋଗେ ବି ଯାଇପାରିବେ ପର୍ଯ୍ୟଟକ। ନୋଙ୍ଗକ୍ରୋଙ୍ଗର ୧୦୦ କିମି ଦୂରରେ ରହିଛି ଗୌହ୍ୱାଟୀ ଅନ୍ତର୍ଜାତୀୟ ଏୟାରପୋର୍ଟ।

୨୦୧୧ ଜନଗଣନା ଅନୁଯାୟୀ, ନୋଙ୍ଗକ୍ରୋଙ୍ଗର ଜନସଂଖ୍ୟା ମାତ୍ର ୧୪୪୦। ଏଠାରେ ଖାସି ଜନଜାତିର ଲୋକେ ବସବାସ କରନ୍ତି। ଗାଁରେ ସାକ୍ଷରତା ହାର ୪୧.୬୭%। ସବୁଠୁ ବଡ଼ କଥା ହେଲା ଏଠି ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଶିକ୍ଷିତ। ପୁରୁଷଙ୍କ ସାକ୍ଷରତା ହାର ୨୯.୩୧% ଥିବା ବେଳେ ମହିଳାଙ୍କର ୫୪.୬୨%। ନୋଙ୍ଗକ୍ରୋଙ୍ଗକୁ ବୁଲିବାକୁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଆସନ୍ତି। ଏଠାକାର ଆକର୍ଷଣୀୟ ସ୍ଥାନ ହେଉଛି ନୋଙ୍ଗକ୍ରୋଙ୍ଗ ଭିୟୁ ପଏଣ୍ଟ। ଏଠାରେ ସୂର୍ଯ୍ୟୋଦୟ ଖୁବ୍ ମନୋହର। ସେହିପରି ଗାଁ ଠାରୁ ମାତ୍ର ୩ କିମି ଦୂରରେ ରହିଛି ନୋଙ୍ଗକ୍ରୋଙ୍ଗ ୱାଟରଫଲ୍। ଆପଣଙ୍କୁ ଲାଗିବ ସତେ ଯେମିତି ବାଦଲ ଚିରି ବହି ଯାଉଛି ଝରଣା।

ନୋଙ୍ଗକ୍ରୋଙ୍ଗର ସଂସ୍କୃତି, ପରମ୍ପରା, ନୃତ୍ୟଗୀତ, ଖାଦ୍ୟପେୟ ଅନନ୍ୟ। ଏଠାକାର ପର୍ବପର୍ବାଣୀରେ ସ୍ଥାନୀୟ ପରମ୍ପରାର ଝଲକ ଦେଖିବାକୁ ମିଳେ। ଏଠାକୁ ବୁଲିବାକୁ ଯିବାକୁ ଅକ୍ଟୋବରରୁ ଫେବୃଆରୀ ଭିତରେ ଉଚିତ୍ ସମୟ। ଟ୍ରେକିଂ ଓ ସାଇଟ୍ ସିଂ ପାଇଁ ଏହା ଉଚିତ୍ ସମୟ। ବର୍ଷାଦିନେ ଏହି ସ୍ଥାନ ସବୁଜିମା ଭରା ହୋଇଥିଲେ ବି ପ୍ରବଳ ବର୍ଷା କାରଣରୁ ଏଠାକୁ ଯିବା ମୁସ୍କିଲ ହୋଇଥାଏ। ନିକଟରେ ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ଟ୍ୱିଟ୍ କରି ନୋଙ୍ଗକ୍ରୋଙ୍ଗ ବିଷୟରେ ଖୁବ୍ ପ୍ରଶଂସା କରିଥିଲେ। ପାହାଡ଼ ପର୍ବତ ଘେରା ଏହି ଗାଁ ପ୍ରକୃତିପ୍ରେମୀଙ୍କୁ ଏକ ରୋମାଞ୍ଚର ଓ ଅଦ୍ୱିତୀୟ ଅନୁଭବ ଦେବ।

# ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ଦୌଡ଼

## ୧୧୦୦ ଗ୍ରାମରୁ ଆରମ୍ଭ ହୋଇ ୧୦୦ ଗ୍ରାମରେ ପହଞ୍ଚିଲାଣି





ସ୍ମାର୍ଟ ଫୋନ୍ କିପରି ହେବା ଦରକାର ? ସେଥିରେ କ'ଣ ଫିଚର୍ସ ରହିବା ଆବଶ୍ୟକ ? ବ୍ୟାଟେରୀ କାପାସିଟି କେତେ, ମୋବାଇଲର ଲୁକ୍ କ'ଣ ? ସ୍ମାର୍ଟଫୋନ୍ କେତେ ହାଲୁକା ହେଲେ ଚଳିବ ? ଏସବୁ ହେଉଛି ଲୋକଙ୍କ ପସନ୍ଦ ନାପସନ୍ଦ । ମୋବାଇଲ୍ କିଣିବା ପୂର୍ବରୁ ଗ୍ରାହକମାନେ ଏସବୁ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । କାରଣ ସ୍ମାର୍ଟଫୋନର ଦାମ୍ ଯାହା ହେଉନା କାହିଁକି, କିନ୍ତୁ ସେଥିରେ ସମସ୍ତ ପ୍ରକାର ଫିଚର୍ସ ରହିଥିବା ଜରୁରୀ । ଗ୍ରାହକଙ୍କ ଚାହିଦା ହିସାବରେ ମୋବାଇଲ କମ୍ପାନି ଗୁଡ଼ିକ ମଧ୍ୟ ସେହି ରେସ୍‌ରେ ଲାଗି ପଡ଼ିଛନ୍ତି । କିଏ କେତେ କମ୍ ପ୍ରାଇସରେ ସର୍ବାଧିକ ଫିଚର୍ସ, ପତଳା ଏବଂ ହାଲୁକା ସ୍ମାର୍ଟଫୋନ ମାର୍କେଟକୁ ଆଣିପାରିବ । ଅର୍ଥଶାସ୍ତ୍ର ଅନୁଯାୟୀ, ବଜାର ଚାହିଦା ଅନୁଯାୟୀ ଉତ୍ପାଦ । ମାତ୍ର ସମୟ ଏଭଳି ଥିଲା, ବଜାରକୁ ଆସିଥିଲା ଏକ କିଲୋଗ୍ରାମ ଓଜନର ମୋବାଇଲ ଫୋନ୍ । ଏଥିରୁ ଟିକିଏ ଅନୁମାନ କରନ୍ତୁ, ଏହି ଫୋନକୁ କିଭଳି ବ୍ୟବହାର କରାଯାଉଥିଲା ।

ମୋବାଇଲ ଫୋନର ଉଦ୍ଭାବକ ମାର୍ଟିନ୍ କୁପର ଏବଂ ତାଙ୍କ ଟିମ୍ ବିଶ୍ୱକୁ ବରଦାନ ସ୍ୱରୂପ ପ୍ରଥମ ମୋବାଇଲ୍ ଦେଇଥିଲେ । ୧୯୭୩ ମସିହା ଏପ୍ରିଲ୍ ୩ ତାରିଖରେ ଏହାର ଲଞ୍ଚ୍ ହୋଇଥିଲା। ବିଶ୍ୱର ପ୍ରଥମ ମୋବାଇଲ୍ ଫୋନ୍ ମୋଟୋରଲା କମ୍ପାନିର ଥିଲା । ଏହାର ମଡେଲ ଥିଲା ମୋଟୋରଲା ଡାଇନା TAC ୮୦୦୦X । ମୋବାଇଲର ଓଜନ ପ୍ରାୟ ୧ କିଲୋଗ୍ରାମ ୧ଗ୍ରାମ୍ ଥିଲା । ଏହାର ଉଚ୍ଚତା ହାରାହାରି ୨୫ ସେଣ୍ଟିମିଟର । ସବୁଠୁ ବଡ଼ କଥା ହେଲା ଏହି ଫୋନକୁ ଚାର୍ଜ କରିବା ପାଇଁ ପାଖାପାଖି ୧୦ ଘଣ୍ଟା ସମୟ ଲାଗୁଥିଲା। ଆଉ ସମ୍ପୂର୍ଣ୍ଣ ଚାର୍ଜ ହେବା ପରେ ବି ଏହା କେବଳ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିପାରୁଥିଲା । ଏଥିରେ ଏକ ଖରଡ଼ ସ୍କ୍ରିନ୍ ଥିଲା, ଯେଉଁଥିରେ କିଛି ଡିଜିଟ୍ ଦେଖିବାକୁ ମିଳୁଥିଲା । ଏହା ମୋବାଇଲ୍ କମ୍ୟୁନିକେସନ୍‌ର ଏକ ମାଇଲଖୁଣ୍ଟ ଭାବରେ ପ୍ରମାଣିତ ହୋଇଥିଲା । ଏହା ପରଠାରୁ ଟେଲି କମ୍ୟୁନିକେସନ ଟେକ୍ନୋଲୋଜି ନିରନ୍ତର ବିକଶିତ ହେଉଛି । ପରବର୍ତ୍ତୀ ସମୟରେ ଧୀରେ ଧୀରେ ଫ୍ଲିପ୍ ଫୋନ୍ ଏବଂ ସ୍ମାର୍ଟ ଫୋନ୍ ଆସିଲା । ଆଉ ଏବେ ଫୋଲଡ୍ଡେବଲ୍ ଏବଂ ଟ୍ରାଇଫୋଲ୍ଡ ଫୋନ୍ ବଜାରରେ ଉପଲବ୍ଧ ହେଲାଣି।

ଦିନକୁ ଦିନ ସ୍ମାର୍ଟ ଫୋନର ଚାହିଦା ବଢୁଥିବାରୁ ମୋବାଇଲ୍ କମ୍ପାନି ଗୁଡ଼ିକ ମଧ୍ୟରେ ନିରନ୍ତର ଭାବେ ଏହାକୁ ବିକଶିତ କରୁଛନ୍ତି । ଏବେ ବଜାରରେ ସ୍ମାର୍ଟ ଫୋନକୁ ନେଇ ଏକ ପ୍ରକାର ଦୌଡ଼ ଚାଲିଛି । କିଏ କେତେ କମ୍ ଦାମରେ ସର୍ବାଧିକ ଫଚର୍ସ ଥିବା ମୋବାଇଲ୍ ଆଣୁଛି। ଯେପରି ଆଇଫୋନ ଭଳି କମ୍ପାନି ଆଇନଫୋନ୍ ଏୟାର ଲଞ୍ଚ୍ କରିଛି । ଯାହା ସର୍ବାଧିକ ପତଳା । ଏହାର ମୋଟେଇ ମାତ୍ର ୬ ମିଲିମିଟର । ସମାସଙ୍ଗ ଏବଂ ଟେକ୍ନୋ ଭଳି କମ୍ପାନି ନିଜ ମୋବାଇଲକୁ ସ୍ଲିମ୍ ଏବଂ ଅଧିକ ସ୍ମାର୍ଟ କରିବାରେ ଲାଗିପଡ଼ିଛନ୍ତି ।

# ଶୀତଦିନେ ସୁସ୍ଥ ରହିବା ପାଇଁ ସୂର୍ଯ୍ୟ କିରଣ ଗ୍ରହଣ କରିବା ଜରୁରୀ



ଆସିଲାଣି ଶୀତଋତୁ । ବର୍ତ୍ତମାନ ସେତେ ଥଣ୍ଡା ପଡି ନଥିଲେ ମଧ୍ୟ ଆଗକୁ ଏହା ଧିରେ ଧିରେ ବଢିବ। ସାଧାରଣତଃ ଶୀତଦିନେ ଅନେକ ଶାରିରୀକ ସମସ୍ୟା ଆସିଥାଏ। ଥଣ୍ଡା ଠାରୁ ଆରମ୍ଭ କରି ଅନେକ ପୁରୁଣା ରୋଗର ସମ୍ମୁଖିନ ହେବାକୁ ପଡିଥାଏ। କିନ୍ତୁ ଆୟୁର୍ବେଦିକ ଶାସ୍ତ୍ର ଅନୁସାରେ ଶୀତଦିନେ ମଧ୍ୟ ଏମିତି କିଛି ନିୟମ ଅଛି ଯାହାକୁ ପାଳନ କରି ଜଣେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବେ। ଆୟୁର୍ବେଦ ଚିକିତ୍ସା ଅନୁସାରେ ଅନ୍ୟ ଋତୁ ତୁଳନାରେ ଶୀତ ଦିନ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ। ଶୀତ ଋତୁରେ ଆମର ହଜମ ଶକ୍ତି ବହୁତ ଭଲ ଥାଏ। କିନ୍ତୁ ଶୀତଦିନେ ଆମେ ଆମର ଜୀବନଶୈଳୀକୁ ପରିବର୍ତ୍ତନ କରିଦେଇଥାଉ, ଯେଉଁ କାରଣରୁ ଆମେ ଆମ ଶରୀରକୁ କ୍ଷତି ପହଞ୍ଚାଇ ଅସୁସ୍ଥ କରିଥାଉ।

ଖରାରେ ବସିବା:ଶୀତ ଦିନରେ ସୂର୍ଯ୍ୟ କିରଣ ଗ୍ରହଣ କରିବା ମଧ୍ୟ ଆୟୁର୍ବେଦରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ତେଲ ମାଲିସ୍ କରିବା ପରେ, ହାଲୁକା ସୂର୍ଯ୍ୟ କିରଣରେ ୫-୧୦ ମିନିଟ୍ ବସି ତା'ପରେ ଗାଧୋଇବା ଉଚିତ।

ତେଲ ମାଲିସ୍:ଶୀତ ଦିନରେ ଶରୀରରେ ତେଲ ମାଲିସ୍ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସକାଳେ ଗାଧୋଇବା ପୂର୍ବରୁ ରାଶି ତେଲ କିମ୍ବା ସୋରିଷ ତେଲ ବ୍ୟବହାର କରି ଶରୀରକୁ ଭଲ ଭାବେ ମାଲିସ୍ କରିବା ଉଚିତ।

ଭାତ ଖାଇବାରୁ ଦୂରେଇ ରହିବା:ଶୀତ ଦିନରେ ଭାତ ଖାଇବା ଦ୍ୱାରା କଫ ବୃଦ୍ଧି ହୋଇଥାଏ। ଏପରି ପରିସ୍ଥିତିରେ ଭାତ ଖାଇବା ଠାରୁ ଦୂରେଇ ରହିବା ଉଚିତ। ଯଦି ଆପଣ ଭାତ ଖାଇବାକୁ ଚାହାଁନ୍ତି, ତେବେ ଆପଣ ଏହାକୁ ଦିନରେ ଖାଇପାରିବେ, କିନ୍ତୁ ଯଦି ଆପଣ ଏହାକୁ ରାତିରେ ଖାଇବାକୁ ଇଚ୍ଛାହୁଏ ତେବେ ଅଦା, ଗୋଲମରିଚ ଗୁଣ୍ଡ, ଲବଙ୍ଗ, ଡାଲଚିନି ଏବଂ ତେଜ ପତ୍ର ପରି ଗରମ ମସଲା ବ୍ୟବହାର କରନ୍ତୁ।

ଖାଦ୍ୟରେ ମସଲା ବ୍ୟବହାର: ଶୀତ ଦିନରେ ଶରୀରକୁ ଗରମ ରଖିବା ପାଇଁ ଆୟୁର୍ବେଦିକ ଉପାୟ ଅନୁସାରେ ଖାଦ୍ୟରେ ଅଦା, ଗୋଲ ମରିଚ, ଲବଙ୍ଗ, ଡାଲଚିନି ଏବଂ ତେଜ ପତ୍ର ଭଳି ଜିନିଷ ବ୍ୟବହାର କରିବା ଜରୁରୀ। ଏହା ଶରୀରକୁ ଉଷ୍ମତା ପ୍ରଦାନ କରିବାରେ ସାହାଯ୍ୟ କରେ।

ଅଳସୁଆମି ଦୂର କରିବା: ଶୀତ ଦିନରେ ପ୍ରତ୍ୟେକ ବ୍ୟକ୍ତି ଅଳସୁଆମିର ଶିକାର ହୁଅନ୍ତି। ସକାଳେ ଉଠିବାକୁ ମନ ହୁଏନି। ଅନେକ ଲୋକମ ଅଧିକ ବିଶ୍ରାମ ନେବାକୁ ପସନ୍ଦ କରନ୍ତି। ଏଭଳି ପରିସ୍ଥିତିରେ କଫ ଆଉ ବାତ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ତେଣୁ ଶୀତ ଦିନରେ ଅଳସୁଆମିକୁ ଦୂର କରିବା ନିହାତି ଜରୁରୀ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧ ଅକ୍ଟୋବର, ବୁଧବାର, ୨୦୨୫


# ବିକ୍ରି ହେବ ଆରସିବି : ଦୌଡ଼ରେ ସାମିଲ ହେଲେ ଭ୍ୟାକସିନ ମ୍ୟାନ



**ବେଙ୍ଗାଲୁରୁ**

ଆଇପିଏଲ୍ ୨୦୨୫ରେ ପ୍ରଥମ ବିଜୟ ପରେ ରୟାଲ୍ ଚ୍ୟାଲେଞ୍ଜର୍ସ୍ ବେଙ୍ଗାଲୁରୁ (ଆରସିବି) ବିକ୍ରି ହେବାକୁ ଯାଉଛି। ୟୁନାଇଟେଡ୍ ସ୍ପିରିଟ୍ସ ଲିମିଟେଡ୍ (ୟୁଏସ୍‌ଏଲ୍), ଯାହା ଡିଆଜିଓର ସବସିଡିୟାରୀ, ୨ ବିଲିୟନ୍ ଡଲାର (ପ୍ରାୟ ୧୭,୭୬୨ କୋଟି ଟଙ୍କା) ମୂଲ୍ୟରେ ସମ୍ପୂର୍ଣ୍ଣ କମ୍ପାନୀ ବିକ୍ରି କରୁଛି। ରିପୋର୍ଟ ଅନୁଯାୟୀ, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଆଦର ପୁନାୱାଲା ଏହା କିଣିବାରେ ସର୍ବପ୍ରଥମ ଦୌଡ଼ରେ ସାମିଲ ହୋଇଛନ୍ତି।

ଗ୍ଲୋବାଲ୍ ଇନଭେଷ୍ଟମେଣ୍ଟ ବ୍ୟାଙ୍କ୍ ସିଟିକୁ ଟ୍ରାନ୍‌ଜାକ୍ସନ୍ ଆଡ୍‌ଭାଇଜର୍ କରାଯାଇଛି। ଡିଆଜିଓ ଇଣ୍ଡିଆର ଏମଡି ଓ ସିଇଓ ପ୍ରଭୀନ୍ ସୋମେଶ୍ୱର୍ କହିଛନ୍ତି, "ଆରସିବି ଆକର୍ଷଣୀୟ ବ୍ୟବସାୟ, କିନ୍ତୁ ଡିଆଜିଓର ମୂଳ ବ୍ୟବସାୟ ନୁହେଁ।" ବିଜୟ ପରେ ବେଙ୍ଗାଲୁରୁରେ ହୋଇଥିବା ଭିଡ଼ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ପରେ କମ୍ପାନୀ ଏହି ନିଷ୍ପତ୍ତି ନେଇଛି।

ବିରାଟ କୋହଲିଙ୍କ ନେତୃତ୍ୱରେ ଆରସିବି'ର ବିଜୟ ଏହାକୁ ବିଶ୍ୱର ସବୁଠାରୁ ମୂଲ୍ୟବାନ ସ୍ପୋର୍ଟ୍ସ ସଂସ୍ଥାରେ ସ୍ଥାନ ଦେବ। ପୂର୍ବରୁ ଟୋରେଣ୍ଟ ଗ୍ରୁପ୍ ଗୁଜରାଟ୍ ଟାଇଟାନ୍ସର ୬୭% ସଟେକ୍ ୭,୫୦୦ କୋଟିରେ କିଣିଥିଲା। ଆଇପିଏଲର ପୂର୍ବତନ କମିଶନର୍ ଲଳିତ ମୋଦି କହିଛନ୍ତି, "ଏହା ନୂଆ ରେକର୍ଡ୍ ମୂଲ୍ୟାଙ୍କନ ସୃଷ୍ଟି କରିବ ଓ ସମସ୍ତ ଆଇପିଏଲ୍ ଦଳର ମାନକ ହେବ।"

# ମହିଳା ବିଶ୍ୱକପ୍ : ଆସନ୍ତା ରବିବାର ଭାରତ-ପାକିସ୍ତାନ ଟକ୍କର

**ନୂଆଦିଲ୍ଲୀ**

ଏସିଆ କପରେ ପରେ କ୍ରିକେଟ ଫ୍ୟାନ୍ସଙ୍କ ନଜର ଏବେ ଆଇସିସି ମହିଳା ବିଶ୍ୱକପ ଉପରେ ରହିଛି। ଯେଉଁଥିରେ ପୁଣି ମୁହାଁମୁହିଁ ହେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ। ପୁଣି ଆଉ ଏକ ସନଣ୍ଡେରେ ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ। ଏସିଆ କପରେ ୩ ଥର ଭାରତକୁ ଧୂଳି ଚଟାଇଛି ଭାରତ। ଲିଗ୍, ସୁପର ଫୋର ରାଉଣ୍ଡ ପରେ ଫାଇନାଲରେ ପାକିସ୍ତାନକୁ ୫ ୱିକେଟରେ ପରାସ୍ତ କରି ନବମ ଥର ଏସିଆ କପ ଚାମ୍ପିଅନ ହୋଇଛି ଟିମ୍ ଇଣ୍ଡିଆ। ଏବେ ମହିଳା ବିଶ୍ୱକପରେ ଆସନ୍ତା ଅକ୍ଟୋବର ୫ରେ ଭାରତ-ପାକିସ୍ତାନ



ମହାମୁକାବିଲା ଖେଳାଯିବ।

ଆରମ୍ଭ ହୋଇଛି ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ। ଉଦ୍‌ଘାଟନୀ ମୁକାବିଲାରେ ଦୁଇ ଆୟୋଜକ ଦଳ ଭାରତ ଓ ଶ୍ରୀଲଙ୍କା ହେବେ ସାମ୍ନାସାମ୍ନି ହୋଇଛନ୍ତି। ଆସାମର ଏସିଏ ଷ୍ଟାଡ଼ିୟମ୍‌ରେ ଖେଳାଯାଇଛି। ଆସନ୍ତା ୫ ଅକ୍ଟୋବରରେ ଭାରତ-ପାକିସ୍ତାନ ବିଶ୍ୱକପ ମୁକାବିଲା ଖେଳାଯିବ। ଶ୍ରୀଲଙ୍କାର କଲମ୍ବୋରେ ଖେଳାଯିବ ମ୍ୟାଚ। ଉଭୟ ଭାରତ ଓ ଶ୍ରୀଲଙ୍କା ବିଶ୍ୱକପ ଆୟୋଜକ ରହିଛନ୍ତି। ଏହି ମ୍ୟାଚ୍‌କୁ ନେଇ କ୍ରିକେଟ ଫ୍ୟାନ୍ସଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି।

ଦେଖିବାକୁ ବାକି ରହିଲା କ'ଣ ଭାରତୀୟ ପୁରୁଷ ଟିମ ପରି ମହିଳା ପାକିସ୍ତାନକୁ ଚକ୍‌ମା ଦେଉଛନ୍ତି ନା ନାହିଁ। ଅଷ୍ଟ୍ରେଲିଆ ସର୍ବାଧିକ ଥର ବିଶ୍ୱକପ ଜିତିଛି। ୭ ଥର ବିଶ୍ୱ ବିଜୟୀ ହୋଇଛି କଙ୍ଗାରୁ ଟିମ୍। ୧୯୭୩ ଓ ୨୦୨୨ ମଧ୍ୟରେ ୧୨ ସିଜନରେ ଭାରତ କେବଳ ୨୦୧୩ ଓ ୨୦୧୭ରେ ଫାଇନାଲ ଖେଳିଛି। ଏଥର ଟ୍ରଫି ମରୁଡ଼ି ଶେଷ ହେବ ବୋଲି ଆଶା କରାଯାଉଛି।

# ଆସନ୍ତା ୧୯ରେ ମଇଦାନକୁ ଓହ୍ଲାଇବେ କୋହଲି-ରୋହିତ !

**ନୂଆଦିଲ୍ଲୀ**

୨୦ ଦିନ ଧରି ଚାଲିଥିବା ଏସିଆ କପ୍-୨୦୨୫ ଶେଷ ହୋଇଛି। ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଫାଇନାଲରେ ପାକିସ୍ତାନକୁ ପରାସ୍ତ କରି ଟାଇଟଲ ଜିତିଛି। ତେବେ ପ୍ରଶଂସକଙ୍କ ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି, ବହୁତ ଶୀଘ୍ର ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ପର୍ଦ୍ଦା ଆରେ ଦେଖିବାକୁ ମିଳିବ। ଉଭୟ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ସିରିଜ୍‌ରେ ଖେଳିବାର ଦେଖାଯିବ।

ଏସିଆ କପ ପରେ, ଟିମ୍ ଇଣ୍ଡିଆ ୱେଷ୍ଟଇଣ୍ଡିଜ ବିପକ୍ଷରେ ପ୍ରଥମ ସିରିଜ୍ ଖେଳିବ। ଏହି ଘରୋଇ ଟେଷ୍ଟ ସିରିଜ୍‌ରେ କେବଳ ଦୁଇଟି ମ୍ୟାଚ୍ ଖେଳାଯିବ। ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟେଷ୍ଟ ଅକ୍ଟୋବର ୨ରୁ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡ଼ିୟମରେ ଖେଳାଯିବ। ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆର ଦଳ ଘୋଷଣା କରାଯାଇଛି।

ଭାରତ ବନାମ ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜ ୨୦୨୫ : ପ୍ରଥମ ଟେଷ୍ଟ – ଅକ୍ଟୋବର ୨-୬ (ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମ, ଅହମ୍ମଦାବାଦ)। ଦ୍ୱିତୀୟ ଟେଷ୍ଟ – ଅକ୍ଟୋବର ୧୦-୧୪ (ଅରୁଣ ଜେଟଲି ଷ୍ଟାଡିୟମ, ଦିଲ୍ଲୀ)।

ବିରାଟ କୋହଲି ଏବଂ ରୋହିତ ଶର୍ମା ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି;



ଉଭୟ କିମ୍ବଦନ୍ତୀ ଏବେ କେବଳ ଏକଦିବସୀୟ କ୍ରିକେଟ ଖେଳୁଛନ୍ତି। ଟିମ୍ ଇଣ୍ଡିଆ ଅକ୍ଟୋବରରେ ଅଷ୍ଟ୍ରେଲିଆ ଯାତ୍ରା କରିବ, ଯେଉଁଠାରେ ସେମାନେ ପ୍ରଥମେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବେ। ପ୍ରଥମ ଏକଦିବସୀୟ ମ୍ୟାଚ୍ ଅକ୍ଟୋବର ୧୯ ତାରିଖରେ ଅପ୍ଟସ ଷ୍ଟାଡିୟମରେ ଖେଳାଯିବ, ଯେଉଁ ତାରିଖରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ପ୍ରତ୍ୟାବର୍ତ୍ତନ ହୋଇପାରେ।

# 'ପାକିସ୍ତାନ କ୍ରିକେଟର ଜାହାଜ ବୁଡ଼ିଗଲା' ମୋହସିନ ନକ୍‌ଭିଙ୍କୁ ଟାର୍ଗେଟ କଲେ ଇମ୍ରାନ

**ଇସଲମାବାଦ**



ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏସିଆ କପ ୨୦୨୫ର ଫାଇନାଲରେ, ଟିମ୍ ଇଣ୍ଡିଆ ପାକିସ୍ତାନକୁ ୫ ୱିକେଟରେ ପରାସ୍ତ କରି ପୁଣି ଥରେ କପ୍ ଜିତିଛି। ଭାରତଠାରୁ ହାରିବା ପରେ, ପାକିସ୍ତାନ ପୁଣି ଥରେ କେବଳ ଉପହାସର ସମ୍ମୁଖୀନ ହେଉ ନାହିଁ ବରଂ ନିଜ ଦେଶ ଭିତରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଉପରେ ପ୍ରଶ୍ନ ଉଠାଯାଉଛି।

ପାକିସ୍ତାନର ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ କହିଛନ୍ତି ଯେ ଯଦି ସେ ପାକିସ୍ତାନ କ୍ରିକେଟକୁ ଉନ୍ନତ କରିବାକୁ ଚାହାନ୍ତି, ତେବେ ତାଙ୍କୁ ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭିଙ୍କୁ ଚଉଇ ଅଧ୍ୟକ୍ଷ ପଦରୁ ହଟାଇବା ଉଚିତ। ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ ଖାନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି କହିଛନ୍ତି, 'ମୁଁ ଅସୀମ ମୁନିରଙ୍କୁ ପରାମର୍ଶ ଦେବାକୁ ଚାହୁଁଛି ଯେ ଯଦି କ୍ରିକେଟରେ ଉନ୍ନତି ଆଣିବାକୁ ଅଛି, ତେବେ ମୋହସିନ ନକ୍‌ଭିଙ୍କୁ ହଟାଇବା ଉଚିତ ଏବଂ କ୍ରିକେଟର ସମ୍ପୂର୍ଣ୍ଣ ବୁଝାମଣା ଥିବା ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପଦବୀରେ ନିଯୁକ୍ତ କରାଯିବା ଉଚିତ।' ନକ୍‌ଭିଙ୍କୁ ଟାର୍ଗେଟ କରି ଖାନ କହିଛନ୍ତି ଯେ ଯେବେଠାରୁ ମୋହସିନ ନକ୍‌ଭିଙ୍କୁ ପିସିବି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି, ସେବେଠାରୁ ପାକିସ୍ତାନୀ କ୍ରିକେଟ ପତନର ଦ୍ୱାରଦେଶରେ ପହଞ୍ଚିଛି। ସେ ଆହୁରି କହିଛନ୍ତି ଯେ ସେହି ପାକିସ୍ତାନୀ ଦଳ ୨୦୨୧ ମସିହାରେ ଭାରତକୁ ୧୦ ୱିକେଟରେ ପରାସ୍ତ କରିଥିଲା, କିନ୍ତୁ ବର୍ତ୍ତମାନ ଦଳ ଲଗାତାର ପରାଜୟର ସମ୍ମୁଖୀନ ହେଉଛି କାରଣ ମୋହସିନ ନକ୍‌ଭିଙ୍କ ଭଳି ଜଣଙ୍କୁ ମୁଖ୍ୟ ଭାବରେ ନିଯୁକ୍ତ କରି ପାକିସ୍ତାନୀ କ୍ରିକେଟକୁ ଅସ୍ଥିର କରାଯାଇଛି।

# ଟ୍ରଫି ଏସିସିର ସମ୍ପତ୍ତି ଏବଂ ଏହା ଭାରତକୁ ଉପଯୁକ୍ତ ଭାବେ ହସ୍ତାନ୍ତର ହେବା ଆବଶ୍ୟକ : ରାଜୀବ ଶୁକ୍ଲା



**ନୂଆଦିଲ୍ଲୀ**

ଏସିଆ କପ୍ ୨୦୨୫ ଫାଇନାଲ୍ ପରେ ଟ୍ରଫି ହସ୍ତାନ୍ତର ବିବାଦକୁ ନେଇ ମଙ୍ଗଳବାର ଏସିଆନ୍ କ୍ରିକେଟ୍ କାଉନସିଲ (ଏସିସି) ବୈଠକରେ ବିସିସିଆଇ ପିସିବି ଓ ଏସିସି ଅଧ୍ୟକ୍ଷ ମୋହସିନ ନାକ୍‌ଭିଙ୍କୁ କଠୋର ପ୍ରଶ୍ନ କରିଛି। ଭାରତ ନାକ୍‌ଭିଙ୍କ ହାତରୁ ଟ୍ରଫି ଗ୍ରହଣ କରିବାକୁ ମନା କରିବା ପରେ ନାକ୍‌ଭି ଟ୍ରଫିକୁ ନିଜ ହୋଟେଲ କକ୍ଷକୁ ନେଇଯାଇଥିଲେ।

ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ବୈଠକରେ ନାକ୍‌ଭିଙ୍କୁ ଟ୍ରଫି ଭାରତୀୟ ଦଳକୁ ନ ଦେବା ପାଇଁ ସମାଲୋଚନା କରି କହିଛନ୍ତି, ଟ୍ରଫି ଏସିସିର ସମ୍ପତ୍ତି ଏବଂ ଏହା ଭାରତକୁ ଉପଯୁକ୍ତ ଭାବେ ହସ୍ତାନ୍ତର ହେବା ଆବଶ୍ୟକ। ତୀବ୍ର ତର୍କ ସତ୍ତ୍ୱେ ନାକ୍‌ଭି ଟ୍ରଫି ହସ୍ତାନ୍ତର କରିବାକୁ ମନା କରିଛନ୍ତି ଏବଂ ଭାରତୀୟ ଦଳକୁ ବିଜୟ ପାଇଁ ଅଭିନନ୍ଦନ ଜଣାଇବାକୁ ମଧ୍ୟ ଅସ୍ୱୀକାର କରିଥିଲେ, ଯାହା ବିସିସିଆଇ ପ୍ରତିନିଧି ଆଶିଷ ଶେଲାରଙ୍କ ଚାପରେ ଶେଷରେ କରିଥିଲେ।

ବିସିସିଆଇ ଏହି ଘଟଣାକୁ ନେଇ ଆଇସିସି ନିକଟରେ ଔପଚାରିକ ଅଭିଯୋଗ ଦାୟର କରିବ। ଭାରତୀୟ ଖେଳାଳିମାନେ ନାକ୍‌ଭିଙ୍କ କାର୍ଯ୍ୟକୁ କଟାକ୍ଷ କରି ବିଜୟ ଉତ୍ସବ ପାଳନ କରିଥିଲେ।

# ସ୍ୱଦେଶ ଫେରିଲା ଟିମ୍ ଇଣ୍ଡିଆ : ହାର୍ଦ୍ଦିକ-ସୂର୍ଯ୍ୟକୁମାର ଫେଲ୍, ଅଭିଷେକଙ୍କ ସହିତ ଚମକିଲେ ତିଲକ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ଏସିଆ କପ୍-୨୦୨୫ ଟାଇଟଲ ଜିତିବା ପରେ ସ୍ୱଦେଶ ଫେରିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଦଳ ଗ୍ରୁପ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍ ଏବଂ ତା'ପରେ ସୁପର ଫୋର ଜିତିଥିଲା। ଫାଇନାଲରେ ସେମାନେ ପାକିସ୍ତାନକୁ ୫ ଉଇକେଟ୍ ପରାସ୍ତ କରି ଇତିହାସ ରଚିଛନ୍ତି। ତିଲକ ବର୍ମାଙ୍କୁ ତାଙ୍କ ଅପରାଜିତ ୬୯ ରନ ପାଇଁ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ କରାଯାଇଛି। ସେହିପରି ଅଭିଷେକ ଶର୍ମାଙ୍କୁ ଟୁର୍ଣ୍ଣାମେଣ୍ଟରେ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ ଭାବରେ ସମ୍ମାନିତ କରାଯାଇଛି, ସେ ମୋଟ ୩୧୪ ରନ କରିଥିଲେ। ଏହାସହିତ କୁଲଦୀପ ଯାଦବ ୭ ମ୍ୟାଚରେ ୧୭ ଉଇକେଟ୍ ନେଇ ଟୁର୍ଣ୍ଣାମେଣ୍ଟର ପ୍ରମୁଖ ଉଇକେଟ୍ ଟେକର ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂରେ ଗୁରୁତ୍ୱପୂର୍ଣ୍ଣ ଭୂମିକା



ଗ୍ରହଣ କରିଥିଲେ, କିନ୍ତୁ ବ୍ୟାଟରେ ବିଫଳ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ମଧ୍ୟ ଗୋଟିଏ ଇନିଂସ ବ୍ୟତୀତ ସମସ୍ତ ଇନିଂସରେ ବିଫଳ ହୋଇଥିଲେ।

ସୂର୍ଯ୍ୟକୁମାର ଯାଦବଙ୍କୁ ଏସିଆ କପ୍‌ରେ ୬ ମ୍ୟାଚ୍‌ରେ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲା। ଏକ ଛୋଟ ଟାର୍ଗେଟ ଯୋଗୁଁ ସେ ୟୁଏଇ ବିପକ୍ଷରେ ୭ ରନରେ ଅପରାଜିତ ଥିଲେ। ତା'ପରେ ସେ ପାକିସ୍ତାନ ବିପକ୍ଷରେ ୪୭ ରନର ଏକ ଭଲ ଇନିଂସ ଖେଳିଥିଲେ, କିନ୍ତୁ ଏହା ପରେ, ସେ ୪ ଇନିଂସରେ କେବଳ ୧୮ ରନ କରିପାରିଥିଲେ। ସୂର୍ଯ୍ୟକୁମାର ଫାଇନାଲରେ ମାତ୍ର ୧ ରନ କରିଥିଲେ।

୨୦୨୫ ଏସିଆ କପ୍‌ରେ ଅଭିଷେକ ଶର୍ମା ସର୍ବାଧିକ ରନ ସ୍କୋରର ହୋଇଥିଲେ, ତାଙ୍କ ଇନିଂସରେ ସେ ବହୁତ ପ୍ରଭାବିତ ହୋଇଥିଲେ। ପ୍ଲେୟାର ଅଫ ଦ ଟୁର୍ନାମେଣ୍ଟ ବିବେଚିତ ଅଭିଷେକ ତିନୋଟି ସୁପର ଫୋର୍ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ତଥାପି, ସେ ଫାଇନାଲରେ କେବଳ ପାଞ୍ଚ ରନ କରିପାରିଥିଲେ। ସୁପର ଫୋର୍‌ରେ ସେ ପାକିସ୍ତାନ ବିପକ୍ଷରେ ୭୪, ବାଂଲାଦେଶ ବିପକ୍ଷରେ ୭୫ ଏବଂ ଶ୍ରୀଲଙ୍କା ବିପକ୍ଷରେ ୬୧ ରନ କରିଥିଲେ। ସେ ଟୁର୍ଣ୍ଣାମେଣ୍ଟରେ ସାତ ଇନିଂସରେ ୩୧୪ ରନ ସଂଗ୍ରହ କରିଥିଲେ।

ଅଭିଜ୍ଞ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ବୋଲିଂରେ ପ୍ରଭାବିତ କରିଥିଲେ, କିନ୍ତୁ ତାଙ୍କ ବ୍ୟାଟିଂ ପ୍ରଦର୍ଶନ ଖରାପ ଥିଲା। ଆଘାତ ଯୋଗୁଁ ସେ ଫାଇନାଲରେ ଖେଳିପାରି ନଥିଲେ। ଏହା ପୂର୍ବରୁ, ସେ ୨୦୨୫ ଏସିଆ କପରେ ଚାରୋଟି ଇନିଂସରେ ମାତ୍ର ୪୮ ରନ କରିଥିଲେ।

ବରୁଣ ଚକ୍ରବର୍ତ୍ତୀ ଏସିଆ କପରେ ଛଅଟି ମ୍ୟାଚ୍‌ରେ ସାତ ଉଇକେଟ୍ ନେଇଥିଲେ। ଯଦିଓ ଉଇକେଟ୍ ସଂଖ୍ୟା ବହୁତ ନଥିଲା, ତାଙ୍କର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ଥିଲା। ବରୁଣ ଜଣେ ବହୁତ ମିତବ୍ୟୟୀ ବୋଲର ଥିଲେ, ଶ୍ରୀଲଙ୍କା ବିପକ୍ଷରେ ୩୧ ରନ ଦେଇଥିଲେ, ଯାହା ଟୁର୍ଣ୍ଣାମେଣ୍ଟର ତାଙ୍କର ସର୍ବାଧିକ ସ୍କୋର ଥିଲା। ଏହି ଟୁର୍ଣ୍ଣାମେଣ୍ଟ ସମୟରେ, ବରୁଣ ବିଶ୍ୱର ନମ୍ବର ୧ ଟି-୨୦ ବୋଲର ହୋଇଥିଲେ।

ତିଲକ ବର୍ମା ଫାଇନାଲରେ ଟୁର୍ଣ୍ଣାମେଣ୍ଟର ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିଲେ, ଶ୍ରୀଲଙ୍କା ବିପକ୍ଷରେ ୪୯ ରନ କରି ଅପରାଜିତ ରହିଥିଲେ। ସେ ସୁପର ଫୋରରେ ପାକିସ୍ତାନ ବିପକ୍ଷରେ ୩୦ ରନର ଏକ ଭଲ ଇନିଂସ ମଧ୍ୟ ଖେଳିଥିଲେ। ସେ ଟୁର୍ଣ୍ଣାମେଣ୍ଟରେ ଛଅ ଇନିଂସରେ ମୋଟ ୨୧୩ ରନ କରିଥିଲେ।

ସ୍ପିନର କୁଲଦୀପ ଯାଦବଙ୍କ ସ୍ପିନ ପ୍ରତ୍ୟେକ ଦଳର ବ୍ୟାଟ୍‌ସମ୍ୟାନଙ୍କୁ ଅସୁବିଧାରେ ପକାଇଥିଲା। କୁଲଦୀପ ଏସିଆ କପ ୨୦୨୫ର ପ୍ରଥମ ମ୍ୟାଚ୍‌ରେ ଚାରିଟି ଉଇକେଟ୍ ଏବଂ ପାକିସ୍ତାନ ବିପକ୍ଷରେ ଫାଇନାଲରେ ଆଉ ଚାରିଟି ଉଇକେଟ୍ ନେଇଥିଲେ। ସେ ସାତଟି ମ୍ୟାଚ୍‌ରେ ୧୭ଟି ଉଇକେଟ୍ ନେଇଥିଲେ। କୁଲଦୀପ ଟୁର୍ଣ୍ଣାମେଣ୍ଟର ସବୁଠାରୁ ପ୍ରଭାବଶାଳୀ ବୋଲର ଥିଲେ।

ଜସପ୍ରିତ ବୁମରା ଏସିଆ କପ୍‌ରେ ପାଞ୍ଚଟି ମ୍ୟାଚ୍ ଖେଳିଥିଲେ। ପାକିସ୍ତାନ ବିପକ୍ଷରେ ତିନୋଟି ମ୍ୟାଚ୍ ବ୍ୟତୀତ, ସେ ସୁପର ଫୋରରେ ବାଂଲାଦେଶ ଏବଂ ଗ୍ରୁପ୍ ପର୍ଯ୍ୟାୟରେ ୟୁଏଇ ବିପକ୍ଷରେ ଖେଳିଥିଲେ। ସେ ପାଞ୍ଚଟି ମ୍ୟାଚ୍‌ରେ ମୋଟ ସାତଟି ଉଇକେଟ୍ ନେଇଥିଲେ। ଫାଇନାଲରେ ବୁମ୍‌ରା ୨୫ ରନ ଦେଇ ଦୁଇଟି ଉଇକେଟ୍ ନେଇଥିଲେ।

# ଏସିଆ କପ୍‌ରେ ଲଜ୍ଜାଜନକ ପ୍ରଦର୍ଶନ ପାଇଁ ସାଇମ ଅୟୁବଙ୍କୁ ବିଦା କଲା ପାକିସ୍ତାନ ଟିମ୍

**ନୂଆଦିଲ୍ଲୀ**

ପାକିସ୍ତାନର ଅଲରାଉଣ୍ଡର ସାଇମ ଅୟୁବଙ୍କୁ ଏସିଆ କପ୍ ୨୦୨୫ରେ ଅତ୍ୟନ୍ତ ଖରାପ ପ୍ରଦର୍ଶନର ମୂଲ୍ୟ ଦେବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଘୋଷିତ ୧୮ ଜଣିଆ ଦଳରେ ତାଙ୍କୁ ସ୍ଥାନ ମିଳିନାହିଁ। ଏଥିରେ ବାବର ରିଜ୍‌ୱାନଙ୍କୁ ସୁଯୋଗ ଦିଆଯାଇଛି। ଏହି ସିରିଜ ପାକିସ୍ତାନ ପାଇଁ ସ୍ୱତନ୍ତ୍ର ହେବାକୁ ଯାଉଛି।

ଏସିଆ କପ୍ ୨୦୨୫ରେ ଖେଳାଯାଇଥିବା ୭ ମ୍ୟାଚ୍ ମଧ୍ୟରୁ ଅୟୁବ ୪ ଥର ଖାତା ନ ଖୋଲି



ପାଭିଲିୟନକୁ ଫେରିଥିଲେ। ତାଙ୍କର ସର୍ବୋତ୍ତମ ପ୍ରଦର୍ଶନ ଭାରତ ବିପକ୍ଷ ସୁପର-୪ ମୁକାବିଲାରେ ଆସିଥିଲା, ଯେଉଁଠାରେ ସେ ୨୧ ରନ ସଂଗ୍ରହ କରିଥିଲେ, କିନ୍ତୁ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ତେବେ ବୋଲିଂରେ ଅୟୁବ କିଛି ପରିମାଣରେ ସନ୍ତୁଳନ ରକ୍ଷା କରିଥିଲେ। ସେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ୮ଟି ଉଇକେଟ ହାସଲ କରିଥିଲେ।

ସାଇମ ଅୟୁବ ପାକିସ୍ତାନର ଟେଷ୍ଟ ଦଳରେ ଅପେକ୍ଷାକୃତ ନୂଆ ଖେଳାଳି। ସେ ୨୦୨୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଅଭିଷେକ କରିଥିଲେ ଏବଂ ଏଯାଏ ୮ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍ ଗୁଡ଼ିକରେ ସେ ୩୬୪ ରନ ସଂଗ୍ରହ କରିଛନ୍ତି, ଯାହାର ହାରାହାରି ୨୬ ରହିଛି। ବୋଲିଂରେ ମଧ୍ୟ ସେ ଲାଲ ବଲ ଫର୍ମାଟରେ ୪ ୱିକେଟ ହାସଲ କରିଛନ୍ତି।

ଘରୋଇ ପରିସ୍ଥିତିର ଫାଇଦା ଉଠାଇବା ପାଇଁ ପାକିସ୍ତାନ ଏଥର ତିନିଜଣ ଅଣକ୍ୟାପ୍ଡ ଖେଳାଳି ଆସିଫ ଆଫ୍ରିଦି, ଫୈସଲ ଅକ୍ରମ ଏବଂ ରୋହେଲ ନାଜିରଙ୍କୁ ଦଳରେ ସ୍ଥାନ ଦେଇଛି। ପ୍ରଥମ ଟେଷ୍ଟ ଲାହୋରରେ ଖେଳାଯିବ ଏବଂ ଦ୍ୱିତୀୟ ଟେଷ୍ଟ ରାଓ୍ୱଲପିଣ୍ଡିରେ ହେବ। ଏହାପରେ ଉଭୟ ଦଳ ତିନୋଟି ଟି-୨୦ ଏବଂ ତିନୋଟି ଏକଦିବସୀୟ ମ୍ୟାଚ୍ ମଧ୍ୟ ଖେଳିବେ, ଯାହା ୨୮ ଅକ୍ଟୋବରରୁ ୮ ନଭେମ୍ବର ପର୍ଯ୍ୟନ୍ତ ଚାଲିବ।

# ନିଜ ଦେଶରେ ହିଁ ବିରୋଧର ଶିକାର ହେଲେଣି ପିସିବି ଅଧ୍ୟକ୍ଷ

**ଇସଲାମାବାଦ**

୨୦୨୫ ଏସିଆ କପରେ ଭାରତଠାରୁ ପାକିସ୍ତାନର ଲଗାତାର ତୃତୀୟ ପରାଜୟ ପରେ, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନକ୍‌ଭି ସୋସିଆଲ ମିଡିଆରେ ତୀବ୍ର ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ରବିବାର ଫାଇନାଲରେ ପାକିସ୍ତାନ ଭାରତଠାରୁ ପରାସ୍ତ ହୋଇଥିଲା, ଯାହା ପରେ ଭାରତୀୟ ଖେଳାଳିମାନେ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏସୀୟ କ୍ରିକେଟ ପରିଷଦ (ଏସିସି)ର ସଭାପତି ହେବା ସତ୍ତ୍ୱେ ଏହି ଘଟଣା ତାଙ୍କ ପାଇଁ ଲଜ୍ଜାଜନକ ପ୍ରମାଣିତ ହୋଇଥିଲା। ସୋସିଆଲ ମିଡିଆରେ ଅନେକ ପ୍ରଶଂସକ ନକଭିଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଦାବି କରିଥିଲେ ଏବଂ ଦଳକୁ ପ୍ରକୃତ ପ୍ରତିଭା ଫେରିବା ପାଇଁ ଅନୁରୋଧ କରିଥିଲେ। ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ)ର ବରିଷ୍ଠ ନେତା ମୁନିସ ଏଲାହି ଟୁଇଟରରେ ଲେଖିଛନ୍ତି, 'ଯଦି ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କର ସାହସ ଅଛି, ତେବେ ସେ ମୋହସିନ ନକଭିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଏହି ବ୍ୟକ୍ତି ଏତେ କମ ସମୟ ମଧ୍ୟରେ ପାକିସ୍ତାନ କ୍ରିକେଟକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି।' ଇଲାହି ଏହା ମଧ୍ୟ କହିଛନ୍ତି ଯେ ନକଭିଙ୍କ ବହିଷ୍କାର ଜରୁରୀ କାରଣ ତାଙ୍କ ନିଷ୍ପତ୍ତି ଦଳର ଶକ୍ତିକୁ ଦୁର୍ବଳ କରିଦେଇଛି।

ପୂର୍ବତନ ସିନ୍ଧ ରାଜ୍ୟପାଳ ମହମ୍ମଦ ଜୁବୈର ମଧ୍ୟ ନକଭିଙ୍କୁ ଟାର୍ଗେଟ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ ନକଭି ପାକିସ୍ତାନର ଶ୍ରେଷ୍ଠ ଖେଳାଳିମାନଙ୍କୁ ଦଳରୁ ବାହାର କରିଛନ୍ତି। ଜୁବେର କହିଛନ୍ତି, 'ନକଭି ପାକିସ୍ତାନର ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ ବାବର ଆଜମ ଏବଂ ୱିକେଟକିପର-ବ୍ୟାଟସମ୍ୟାନ ମହମ୍ମଦ ରିଜ୍‌ୱାନଙ୍କୁ ଦଳରୁ ବାହାର କରିଦେଇଥିଲେ। ସେ ସେମାନଙ୍କ ସ୍ଥାନରେ ସଲମାନ ଆଗା ଏବଂ ହାରିସଙ୍କ ଭଳି ଖେଳାଳିଙ୍କୁ ନେଇଥିଲେ। ଏହି ନିଷ୍ପତ୍ତି ପାକିସ୍ତାନର ବ୍ୟାଟିଂ ଲାଇନ ଅପକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା।' ସାମ୍ବାଦିକ ଉମର ଦରାଜ ଗୋଣ୍ଡାଲ ଲେଖିଛନ୍ତି ଯେ ଭାରତୀୟ ଖେଳାଳିମାନେ ନକଭିଙ୍କ ହାତ ମିଳାଇବାକୁ କିମ୍ବା ଟ୍ରଫି ଗ୍ରହଣ କରିବାକୁ ମନା କରିବା ଏକ ଚେତାବନୀ। ସେ କହିଛନ୍ତି, 'ପାକିସ୍ତାନରେ କ୍ରିକେଟ ହ୍ରାସ ପାଇଛି, ଯେପରି ହକି ହୋଇଥିଲା। ନକଭିଙ୍କୁ କେବଳ 'ବିଗ ବସ'ର ପ୍ରିୟ ହୋଇଥିବାରୁ ପିସିବି ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ଯେପର୍ଯ୍ୟନ୍ତ ଏପରି ରାଜନୈତିକ ନିଯୁକ୍ତି ଶେଷ ନହୁଏ, ସେପର୍ଯ୍ୟନ୍ତ ପାକିସ୍ତାନୀ କ୍ରିକେଟ ଉନ୍ନତି କରିପାରିବ ନାହିଁ।'

# ଡାକବାଜି ଯନ୍ତ୍ରରେ ସତର୍କ କଲା ଦେବଗଡ଼ ବନବିଭାଗ

**ଦେବଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆପଣଙ୍କ ଅଞ୍ଚଳରେ ବୁଲୁଛି ବାଘ। ସାବଧାନ ରୁହ। ଜଙ୍ଗଲ ଭିତରକୁ ଯାଅନି। ଡାକବାଜି ଯନ୍ତ୍ର ସହାୟତାରେ ଲୋକଙ୍କୁ ସଚେତନ କଲା ବନବିଭାଗ। ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଗଲା। ଦେବଗଡ଼ ଜଙ୍ଗଲ ଡିଭିଜନ ରିଆମାଳ ରେଞ୍ଜ ବାବାଜୀମଠ ଅଞ୍ଚଳରେ ବାଘ ବୁଲୁଥିବାର ଦେଖିବାକୁ ମିଳିଛି। ବାଘର ପାଦ ଚିହ୍ନ ମିଳିବା ପରେ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

ସୂଚନା ଅନୁଯାୟୀ, ଦେବଗଡ଼ ରିଆମାଳ ରେଞ୍ଜରେ ଏକ ମହାବଳ ବାଘ ବୁଲୁଥିବାର ଦେଖିବାକୁ ମିଳିଛି। ବାବାଜୀମଠ ଗାଁରୁ ବାଘର ପାଦଚିହ୍ନ ଠାବ ହେବା ପରେ ତୁରନ୍ତ ବନ ବିଭାଗକୁ ଖବର ଦିଆଯାଇଥିଲା। ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାଦ ଚିହ୍ନ ଯାଞ୍ଚ କରୁଛନ୍ତି। ଏପିରିକି ସଂପୃକ୍ତ ଅଞ୍ଚଳରେ ବାଘ ରହିଥିବା ସ୍ପଷ୍ଟ ହେବା ପରେ ବନବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଇ ଜନ ସାଧାରଣଙ୍କୁ ସତର୍କ ରହିବାକୁ କୁହାଯାଇଛି।

# ନରୁଆ ଛକରେ ୪୯ତମ ଦୁର୍ଗାପୂଜା ପାଳିତ

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅଧିନସ୍ଥ ନରୁଆ ଛକ ଠାରେ ଚଳିତ ବର୍ଷ ୪୯ତମ ଦୁର୍ଗା ପୂଜା ପାଳନ କରାଯାଉଛି। ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ସହିତ ଆଲୋକ ମାଳାରେ ସୁସଜିତ ହୋଇ ଝଲସୁଛି ବଜାର ଓ ପୂଜା ମଣ୍ଡପ। ପ୍ରତିବର୍ଷ ଭଳି ଏହିବର୍ଷ ମଧ୍ୟ ସବୁ ଦେବଦେବୀଙ୍କ ଚାନ୍ଦିର ମୁକୁଟ ସହିତ ମା' ଦୁର୍ଗା ସୁନାର ସିନ୍ଥି ସହିତ ଟିକିଲି ପରିଧାନ କରିଛନ୍ତି। ଏହିବର୍ଷ ଦାତାମାନଙ୍କ ଦ୍ୱାରା ପ୍ରାୟ ୭୦ ଖଣ୍ଡରୁ ଅଧିକ ଶାଢ଼ୀ ମା' ପରିଧାନ କରିଛନ୍ତି। ସେହିପରି ପୂଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୧ କ୍ୱିଣ୍ଟାଲରୁ ଅଧିକ ଘୃତ ଆହୁତି ହେବ ବୋଲି କମିଟିର କାର୍ଯ୍ୟକାରୀ ସଭାପତି ଉତ୍ତମ କୁମାର ମହାନ୍ତି ସୂଚନା ଦେଇଛନ୍ତି। ପୂଜା ଚାଲିଥିବା ପର୍ଯ୍ୟନ୍ତ ଭକ୍ତଙ୍କ ପକ୍ଷରୁ ଦୈନିକ ମଧ୍ୟାହ୍ନ ଓ ରାତ୍ରିରେ ଶହ ଶହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଛି ବୋଲି କମିଟିର



ସମ୍ପାଦକ ମନୋରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି। ଏହି ପୂଜାରେ ନବମୀ ଦିନ ରାତ୍ରିରେ ସମ୍ପୂର୍ଣ୍ଣ ଚଣ୍ଡୀ ପାଠ କରାଯିବା ସହିତ ମା'ଙ୍କ ଲାଗି ଚାରୁଅନ୍ନ ଭୋଗ କରାଯାଇଥାଏ। ବହୁ ପୂର୍ବରୁ ବିଧି ଅଛି ଏହି ଚାରୁଅନ୍ନକୁ ଯିଏ ପାଏ ତା'ର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଯୁଗ ଯୁଗରୁ ଏହାର ପ୍ରଥା ରହିଛି। ପ୍ରତିବର୍ଷ ଭଳି ଏହି ପୂଜାକୁ ପଣ୍ଡିତ ଅଶୋକ କୁମାର ଦାଶ ଓ ତାଙ୍କର ଟିମ୍ ପୂଜା କରିଥିବା ବେଳେ ଏହି ପୂଜାରେ କର୍ତ୍ତା ଅଶୋକ କୁମାର ଦାସ ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ସୁଶ୍ରୀ କର୍ତ୍ତି ଭାବେ ପୂଜା ସମ୍ପାଦନା କରୁଛନ୍ତି। ସେହିପରି ଚଳିତବର୍ଷ ଏହି ରାସ୍ତା ତୁଳଙ୍ଗ ଓ ଇବ୍ରିସିଂର ମଧ୍ୟ ଭାଗ ହୋଇଥିବାରୁ ପ୍ରବଳ ଭିଡ଼ ଜମୁଥିବା ବେଳେ ନବମୀ ଓ ଦଶହରା ପୂଜା ପାଇଁ ତିର୍ତ୍ତୋଲ ପୋଲିସଙ୍କୁ ସହାୟତା ପାଇଁ ଅନୁରୋଧ କରାଯାଇଛି ବୋଲି କମିଟିର ଉପସଭାପତି ମହେନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଲେ ମା' ସୁରେଶ୍ୱରୀ ଓ ଭଗବତୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ନବରାତ୍ରର ନବମ ଦିନରେ ସୋନପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ପୀଠରେ ଭୋର୍ ସମୟରୁ ମନ୍ଦିର ଖୋଲାଯାଇ ଯଥାବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ମଙ୍ଗଳବାର ସିଦ୍ଧିଦାତ୍ରୀ ବେଶରେ ମା' ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମନ୍ଦିରରେ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞର ନବମ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୂଜନମ ବିଭିନ୍ନ ଦେବାଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ଚଣ୍ଡୀଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ସହରର ସର୍ବ ପୁରାତନ ମା' ଭଗବତୀଙ୍କ ପୀଠରେ ମଧ୍ୟ ସିଦ୍ଧିଦାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ



ଦେଉଛନ୍ତି ମା' ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି ମା' ଦୁର୍ଗା।

ସିଦ୍ଧିଦାତ୍ରୀ' ମା' ଦୁର୍ଗାଙ୍କର ନବମ ଶକ୍ତି ଓ 'ମାର୍କଣ୍ଡେୟ ପୁରାଣ'ରେ ଯେଉଁ 'ଅଷ୍ଟ ସିଦ୍ଧି'ର ବର୍ଣ୍ଣନା ଅଛି ତାହା ହେଉଛି– ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରକାମ୍ୟ, ଈଶିତ୍ୱ ଓ ବଶିତ୍ୱ ତେବେ 'ବ୍ରହ୍ମବୈବର୍ତ୍ତ ପୁରାଣ'ରେ ଏହି ସିଦ୍ଧିର ସଂଖ୍ୟା ୧୮ ବୋଲି ବର୍ଣ୍ଣିତ ଅଛି। ଏହି ସକଳ ସିଦ୍ଧିର ଅଧିକର୍ତ୍ତୀ ଓ ଦାତ୍ରୀ, ଦେବୀ 'ଦେବୀପୁରାଣ ଅନୁସାରେ, ଭଗବାନ ଶିବ ଏହାଙ୍କର କୃପାରେ ହିଁ ସକଳ ସିଦ୍ଧିପ୍ରାପ୍ତ ହୁଅନ୍ତି। ଦେବୀଙ୍କର ଅନୁକମ୍ପା ଫଳରେ ଶିବଙ୍କର ଅର୍ଦ୍ଧାଙ୍ଗ ଦେବୀଙ୍କର ହୋଇ ଥିଲା ଏବଂ ଶିବ 'ଅର୍ଦ୍ଧନାରୀଶ୍ୱର' ଭାବରେ ପ୍ରସିଦ୍ଧ ହୋଇଥିଲେ। ଏହି ଦେବୀ 'ନବରାତ୍ରି'ର ନବମ ତଥା ଶେଷଦିନର ଉପାସ୍ୟା। ସେ ଉଭୟ ସିଂହବାହନା ଓ ପଦ୍ମାସନା ରୂପରେ ପରିଲକ୍ଷିତ ହୁଅନ୍ତି। ଏହି ଦେବୀ ଚତୁର୍ଭୁଜା। ତାଙ୍କର ଦକ୍ଷିଣ ଦୁଇ ହସ୍ତରେ ଚକ୍ର ଓ ଗଦା ଏବଂ ବାମ ଦୁଇ ହସ୍ତରେ ଶଙ୍ଖ ଓ ପଦ୍ମ ଶୋଭାପାଏ। ତାହାଙ୍କର ପୂଜା କଲେ ଭକ୍ତ ଓ ସାଧକ ସିଦ୍ଧିର ଅଧିକାରୀ ହୁଅନ୍ତି। ସଂସାରର କିଛି ବି ତାଙ୍କପାଇଁ ଅଗମ୍ୟ ହୋଇ ରହେ ନାହିଁ। ସେ ବ୍ରହ୍ମାଣ୍ଡ ବିଜୟର କ୍ଷମତାଲାଭ କରନ୍ତି। ଏହିପରି ଭାବରେ, ନବରାତ୍ରିରେ ନବ ଦୁର୍ଗାଙ୍କର ଉପାସନା ଭକ୍ତ ଓ ସାଧକଙ୍କୁ କୃତାର୍ଥ କରିଥାଏ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୧ ଅକ୍ଟୋବର ୨୦୨୫ ବୁଧବାର





## ଶାରଦୀୟ ଦୁର୍ଗାପୂଜାରେ ଶୁଭେଚ୍ଛା ଜଣାଇଲେ ନବୀନ

# ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ହେବ ଲଢ଼େଇ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶାରଦୀୟ ଦୁର୍ଗାପୂଜା ଅବସରରେ ସାଢ଼େ ଚାରିକୋଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମା'ଙ୍କ ନିକଟରେ ରାଜ୍ୟବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି । ଏନେଇ ସେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ନବୀନ କହିଛନ୍ତି ଯେ, 'ପବିତ୍ର ଦୁର୍ଗା ପୂଜା ଏବଂ ଦଶହରା ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଅସତ୍ୟ ଉପରେ ସତ୍ୟ ବିଜୟ ହେଉଛି ଦଶହରାର ବାର୍ତ୍ତା। ଏହି ପବିତ୍ର ଅବସର ଅନ୍ୟାୟ, ଅନୀତି ଓ ଅତ୍ୟାଚାର ବିରୋଧରେ ଲଢ଼େଇକୁ ଆହୁରି ଜୋରଦାର କରିବା ପାଇଁ ମା'ଙ୍କ ଆଶୀର୍ବାଦ କାମନା କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ମଣ୍ଡପରେ ମା'ଙ୍କ ଅଷ୍ଟମୀ ପୂଜା ଚାଲିଥିବା ବେଳେ ପୀଠରେ ନବମୀ ପୂଜା କରାଯାଇଛି । ଦୁର୍ଗାପୂଜାକୁ ନେଇ ସାରା ରାଜ୍ୟରେ ଏକ ପ୍ରକାର ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଗାଁଠୁ ସହର ସବୁଠି ପୂଜାକୁ ନେଇ ଉତ୍ସାହର ମାହୋଲ। ସୁଉଚ୍ଚ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳାରେ ରାସ୍ତାଘାଟ, ସହର, ବଜାର ଝଲସୁଛି । ଏହାସହ ମୀନାବଜାର, ବିଭିନ୍ନ ପ୍ରକାର ଦୋଳି ଓ ଖେଳର ମଜା ଉଠାଉଛନ୍ତି ଲୋକେ।

# ଦୁଇ ବାଇକ୍ ଧକ୍କା : ୩ ମୃତ

**ଓଡ଼ଗାଁ, ନ୍ୟୁଜ ବ୍ୟୁରୋ**

ଶାରଦୀୟ ଦୁର୍ଗାପୂଜା ପାଇଁ ଓଡ଼ଗାଁ ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ମଙ୍ଗଳବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଘଟି ୩ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଦୁଇ ବାଇକ୍ ୧୦ ଫୁଟ ଉପରକୁ ଉଠି ତଳେ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମୃତକଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ସାଢ଼େ ୧୨ଟା ସମୟରେ ଓଡ଼ଗାଁରୁ ଏକ ଟିଭିଏସ୍ ରାଇଡ଼ର ଗାଡ଼ିନଂ ଓଡ଼ି ୨୯ପି (୨୪୪୫) ଗଞ୍ଜାମ ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରୁ ନୟାଗଡ଼ ଅଭିମୁଖେ ଆସୁଥିବା ଏକ ବୁଲେଟ ଗାଡ଼ିନଂ ଓଡ଼ି୨୫କ୍ୟୁ (୯୨୮୫) ମଧ୍ୟରେ ଓଡ଼ଗାଁ ପଟ୍ଟନାୟକ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣା ଘଟିଥିଲା। ଦୁଇଗାଡ଼ି ଦ୍ରୁତ ଗତିରେ ଯାଉଥିବାରୁ ଉଭୟଙ୍କ ମଧ୍ୟରେ ଧକ୍କା ହୋଇ ଗାଡ଼ି ଦୁଇଟି ୧୦ ଫୁଟ ଉପରକୁ ଉଠି ଯାଇଥିଲା।

## ନିଶାମୁକ୍ତ ଗାଁ ଗଠନ ପାଇଁ ଅଣ୍ଟା ଭିଡ଼ିଲେ ସରକାର

# ଅକ୍ଟୋବର ୨ରେ ସଚେତନତା ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ନିଶାମୁକ୍ତ ଗାଁ ଗଠନ ପାଇଁ ଅଣ୍ଟା ଭିଡ଼ିଲେ ସରକାର । ଆମ ସଂକଳ୍ପ ନିଶା ନୁହେଁ ଜୀବନ । ଡ୍ରଗ୍ସ ଫ୍ରି ଭୁବନେଶ୍ୱର ପାଇଁ ଆୟୋଜନ ହେବ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ । ମଦ୍ୟପାନ କରି ଗାଡ଼ି ଚାଳନା ବିରୁଦ୍ଧରେ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ଆରଟିଓ ଗୁଡ଼ିକୁ ନିର୍ଦ୍ଦେଶ। ରାଜ୍ୟ ସରକାର ନିଶା ବିପଦକୁ ମୁକାବିଲା କରିବା, ଏକ ସୁସ୍ଥ, ନିରାପଦ ଏବଂ ନିଶାମୁକ୍ତ ସମାଜ ଗଠନ ପାଇଁ ଅବକାରୀ ବିଭାଗ ସ୍ୱତନ୍ତ୍ର ସଚେତନତା ଏବଂ ପ୍ରବର୍ତ୍ତନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ 'ଡ୍ରଗ୍ ଫ୍ରି ଭୁବନେଶ୍ୱର' ଆୟୋଜନ କରିବ। ଆସନ୍ତା ଅକ୍ଟୋବର ୨ରେ ସଚେତନତା ଅଭିଯାନର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗାନ୍ଧି ଜୟନ୍ତି ଅର୍ଥାତ୍ ଅକ୍ଟୋବର ୨ରୁ ଏକ ମାସ ପାଇଁ ଚାଲିବ କାର୍ଯ୍ୟକ୍ରମ । ପ୍ରଚାର ସମୟରେ ବାର୍ତ୍ତା ପ୍ରସାର ପାଇଁ ପିଆର-ଡିଡବ୍ଲୁ ବିଭାଗ, ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତ ଏବଂ ପଞ୍ଚାୟତ ସମିତିକୁ ସାମିଲ କରାଯିବ । ପ୍ରତ୍ୟେକ ପଞ୍ଚାୟତରେ ୨ ଅକ୍ଟୋବରରେ ଗ୍ରାମସଭାର ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ନିଶାମୁକ୍ତ ଗାଁ ଉପରେ ଆଲୋଚନା କରାଯିବ । ନିଶାମୁକ୍ତ ଗ୍ରାମ ଗଠନ ପାଇଁ ପ୍ରୟାସ କରିବାକୁ ପଞ୍ଚାୟତମାନଙ୍କୁ ଉତ୍ସାହିତ କରାଯିବ । ସଫଳ ଗ୍ରାମପଞ୍ଚାୟତ ଗୁଡ଼ିକୁ ସ୍ଥାନିତ କରାଯିବ ଏବଂ ତା'ପରେ, ଶ୍ରେଷ୍ଠ ତିନି ଗ୍ରାମପଞ୍ଚାୟତକୁ ପୁରସ୍କୃତ କରାଯିବ। ଏସ୍‌ଏସ୍‌ଇପିଡି ବିଭାଗ ବିଭିନ୍ନ ଏନ୍‌ଜିଓ ଗୁଡ଼ିକୁ ସାମିଲ କରି ରାଜ୍ୟର ବିଭିନ୍ନ ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ସେହିପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବେ । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଏକ ମାସ ମଧ୍ୟରେ ସ୍ୱାସ୍ଥ୍ୟ ଶିବିର, କର୍ମଶାଳା, ସମ୍ମିଳନୀରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ କରିବ। ବାଣିଜ୍ୟ ଏବଂ ପରିବହନ, ସ୍କୁଲ ଏବଂ ଗଣଶିକ୍ଷା, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ ଏବଂ ପାନୀୟ ଜଳ,ଏସଏସ ଏବଂ ଇପିଡି, କ୍ରୀଡା ଏବଂ ଯୁବସେବା ବିଭାଗ ସହ ଅବକାରୀ ବିଭାଗ ମିଳିତ ଭାବେ କାର୍ଯ୍ୟକ୍ରମ କରିବେ । ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନଲାଇନ୍ ପ୍ରବନ୍ଧ/ବିତର୍କ ପ୍ରତିଯୋଗିତା ଆୟୋଜନ କରି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେହିପରି ଶ୍ରୀମନ୍ଦିରର ୧କିମି ପରିଧି କିମ୍ବା ବଡ଼ଦାଣ୍ଡରେ ବିକ୍ରି ହେବନି ମଦ । ଶ୍ରୀକ୍ଷେତ୍ରକୁ ନିଶାମୁକ୍ତ କରିବା ପାଇଁ ମୋହନ ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ମନ୍ଦିର ଚତୁଃପାର୍ଶ୍ୱରେ ମାଦକ ଦ୍ରବ୍ୟ ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯାଇଛି । ସେହିପରି ବଡ଼ଦାଣ୍ଡରେ ଗୋଟିଏ ବି ମଦ ଦୋକାନ ରହିବ ନାହିଁ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଏହାଛଡ଼ା ବଡଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ଛୋଟ ଛୋଟ ରାସ୍ତାରେ ବି ଆମିଷ ବିକ୍ରିକୁ ବାରଣ କରାଯାଇଛି। ଏହାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ । ଆଧ୍ୟାତ୍ମିକତାର ସୁରକ୍ଷା ଏବଂ ମନ୍ଦିର ଚାରିପାଖରେ ମଦ ବିକ୍ରି ବନ୍ଦ ନେଇ ପଲିସି ଆସିବା ପରେ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବ ବୋଲି ଅବକାରୀ ମନ୍ତ୍ରୀ କହିଛନ୍ତି ।

## 'ଶାନ୍ତିସ୍ତୂପ' ଧଉଳିଗିରି ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

# ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ପରାକ୍ରମର ପ୍ରତୀକ ଧଉଳି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ସ୍ଥିତ 'ଶାନ୍ତିସ୍ତୂ' ଧଉଳିଗିରି ପାଦଦେଶରେ ଭ୍ରମଣ କରିବା ସହ ଅଶୋକ ଶିଳାଲେଖର ଐତିହ୍ୟ ଓ ଇତିହାସ ପୃଷ୍ଠଭୂମି ଉପରେ ଏଏସଆଇ ଅଧିକାରୀଙ୍କ ଠାରୁ ଅବଗତ ହୋଇଛନ୍ତି। ଶ୍ରୀ ପ୍ରଧାନ ପ୍ରଥମେ ଧଉଳିଗିରି ପାଦଦେଶରେ ଥିବା ମନ୍ଦିର, ଐତିହାସିକ ସ୍ଥଳୀ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିଥିଲେ । ଧଉଳିଗିରି ବୁଲିବାକୁ ଆସିବାକୁ ଥିବା ପର୍ଯ୍ୟଟକ ଓ ଛାତ୍ରଛାତ୍ରୀଙ୍କ ସହ କଥା ହୋଇଥିଲେ । ସେଠାରେ ଆଖୁ ରସ ପିଇବା ସହ ଦୋକାନୀଙ୍କ ସହ ମଧ୍ୟ କଥା ହୋଇଥିଲେ। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ପରାକ୍ରମର ପ୍ରତୀକ ଧଉଳି । ଏଠାରେ କିଛି ସମୟ ବିତାଇ ଅତ୍ୟନ୍ତ ଆନନ୍ଦିତ ଓ ଗର୍ବ ଅନୁଭବ କରୁଛି । ଏହି ପବିତ୍ର ପାଦଦେଶରେ ହିଁ ଖ୍ରୀଷ୍ଟପୂର୍ବ ୨୬୧ରେ ମହାନ କଳିଙ୍ଗ ଯୁଦ୍ଧ ସଂଘଠିତ ହୋଇଥିଲା । ଆମର ପୂର୍ବଜମାନେ ଏହି ଭୂମିରେ ଅଦମ୍ୟ ସାହସ ଦେଖାଇ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢ଼ିଥିଲେ । ଏହି ଭୂମିର ମହତ୍ତ୍ୱ ଓ ଐତିହ୍ୟ ଅତୁଳନୀୟ । ସେହିପରି ଧଉଳିଗିରି ପାଦଦେଶରେ ଥିବା ଅଶୋକ ଶିଳାଲେଖରେ କଳିଙ୍ଗ ସାମ୍ରାଜ୍ୟର ବିସ୍ତାର, କଳିଙ୍ଗ ଯୁଦ୍ଧର ଘଟଣାବଳୀ, ସମ୍ରାଟ ଅଶୋକଙ୍କ ବୌଦ୍ଧ ଧର୍ମ ଗ୍ରହଣ, ଚଣ୍ଡାଶୋକରୁ ଧର୍ମାଶୋକକୁ ପରିବର୍ତ୍ତନ ହେବା ଉପରେ ଲିପିବଦ୍ଧ ହୋଇଛି ।ପ୍ରାଚୀନ କଳିଙ୍ଗର ରାଜନୀତି, ସଂସ୍କୃତି, ଧର୍ମ ଏବଂ ଲିପିର ଇତିହାସ ଜାଣିବା ପାଇଁ ଏହି ଶିଳାଲେଖ ଅମୂଲ୍ୟ ଭଣ୍ଡାର ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ପୂର୍ବୋଦୟ" ମିଶନରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ମାର୍ଗ ଧଉଳି ଓ କଳିଙ୍ଗ ସାମ୍ରାଜ୍ୟର ଐତିହ୍ୟ ଭିତ୍ତିରେ ପ୍ରସ୍ତୁତ ପାଇଁ ଆମେ ସମସ୍ତେ ଚେଷ୍ଟା କରିବା । ଭାରତକୁ ସ୍ୱଦେଶୀ ଅର୍ଥନୀତି ସହ ଯୋଡିବା, ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ଗତି ଦେବା ପାଇଁ ସାମୂହିକ ଉଦ୍ୟମ କଲେ ହିଁ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ଲକ୍ଷ୍ୟ ସାକାର ହେବ ।

# କଟକର ବିଭିନ୍ନ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ଆଶୀର୍ବାଦ ନେଲେ ବିଜେଡି ନେତୃମଣ୍ଡଳୀ

**କଟକ, ନ୍ୟୁଜ ବ୍ୟୁରୋ**



ମଙ୍ଗଳବାର ମହାଷ୍ଟମୀ ସକାଳ ସମୟରେ କଟକ ମେୟର ସୁବାସ ସିଂହଙ୍କ ଆହ୍ୱାନ କ୍ରମେ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ ସିଂ, ବିଜେଡି ରାଜ୍ୟ ଯୁବ ସଭାପତି ଚିନ୍ମୟୀ ସାହୁ, ବିଜେଡି ରାଜ୍ୟ ଛାତ୍ର ସଭାପତି ଇପ୍ସିତା ସାହୁ, ପୂର୍ବତନ କଟକ ମହାନଗର ବିଜେଡି ସଭାପତି ମଧୁସୂଦନ ସାହୁ, ସଭାପତି ସ୍ଥାନୀୟ କର୍ପୋରେଟର ଏବଂ କଟକର ସମସ୍ତ ବିଜେଡି ନେତୃମଣ୍ଡଳୀ, କର୍ମକର୍ତ୍ତାମାନଙ୍କୁ ସାଥିରେ ଧରି ଚାଉଳିଆଗଞ୍ଜ ମଣ୍ଡପ ଠାରୁ ପରିଦର୍ଶନ ଆରମ୍ଭ କରିଥିଲେ। ତତ୍ ପରେ କ୍ରମାନୟରେ ଚାଉଳିଆଗଞ୍ଜ, ଶିଖରପୁର, ଯୋବ୍ରା, ବିଡନାସୀ, ଚହଟା, ସିଡିଏ ସେକ୍ଟର ୧୦, ସେକ୍ଟର ୦୯, ସେକ୍ଟର ୭, ସେକ୍ଟର ୦୬, ଦେଉଳସାହି, ତୁଳସୀପୁର, କନିକା ଛକ, ଶେଖ୍ ବଜାର, ମହମଦିଆ ବଜାର, ଚାନ୍ଦିନୀଚୌକ, ନିମଚଉଡ଼ି, ବାଲୁ ବଜାର, ନୟା ସଡ଼କ, ଚୌଧୁରୀ ବଜାର, ଦରଘାବଜାର, ହରିପୁର, ଶାନ୍ତ ସାହି, ମାଳିସାହି, ଶିକାରୀ ସାହି, ଗୋପାଳ ସାହି, ମଙ୍ଗଳାବାଗ, ନୁଆପାଟନା, ମାତା ମଠ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହାସହ ରାସ୍ତାଘାଟ, ସଫେଇ, ପରିମଳ, ଆଲୋକୀକରଣ, ଡ୍ରେନ ଓ ସ୍ଲାବର ସ୍ଥିତି ମଧ୍ୟ ମେୟର ଏବଂ ଟିମ୍ ଯାଞ୍ଚ କରିଥିଲେ। ଏହା ସହିତ ରାସ୍ତା ଉପରକୁ ବାହାରିଥିବା ଗଛ ଗୁଡିକର ଡାଳ ଗୁଡିକୁ କାଟିବା ସହ ଯାହା କିଛି ସମସ୍ୟା ଅଛି ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସି.ଡ଼ି.ଏ ଅଞ୍ଚଳରେ ରାସ୍ତା କାମକୁ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରିବା ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କଟକ ମେୟର ସୁବାସ ସିଂହଙ୍କ ସହିତ, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ପ୍ରଦୀପ କୁମାର ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ଦିପ୍ତିମୟୀ ମୂଳିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ପ୍ରଳୟା ବେଉରା କର୍ପୋରେଟର ଅରୁନ୍ଧତୀ କର, କର୍ପୋରେଟର ପ୍ରିୟମ୍ୱଦା ସ୍ୱାଇଁ, କର୍ପୋରେଟର ରୀତାଞ୍ଜଳି ବେହେରା, କର୍ପୋରେଟର ଝୀଲ୍ଲି ବିହାରୀ, କର୍ପୋରେଟର ମୀନା ସାହୁ, କର୍ପୋରେଟର ପ୍ରମିଳା ମହାନ୍ତି, କର୍ପୋରେଟର ପ୍ରଦୀପ ସାହୁ, କର୍ପୋରେଟର ପୁଷ୍ପିତା ମହାନ୍ତି କର୍ପୋରେଟର ଆରତୀ ସାହୁ, କର୍ପୋରେଟର ବସନ୍ତ ବେହେରା, କର୍ପୋରେଟର ମମତା ନାୟକ, କର୍ପୋରେଟର ଚୌଧୁରୀ ସୁବ୍ରତ ଘଡାଇ, କର୍ପୋରେଟର ରୀତାଞ୍ଜାଳି ବେହେରା, କର୍ପୋରେଟର ଅରିମ୍ୱଦା ମହାନ୍ତି, କର୍ପୋରେଟର, ସ୍ୱର୍ଣ୍ଣପ୍ରଭା ପଶାୟତ, କର୍ପୋରେଟର ସୁବାର୍ଷିସ ପଟ୍ଟନାୟକ, କର୍ପୋରେଟର ବଟକୃଷ୍ଣ ସାହୁ, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ପ୍ରେମାନଂସୁ ବେହେରା, ଚାଉଳିଆଗଞ୍ଜ ଦୁର୍ଗା ପୂଜା କମିଟିର ସଭାପତି ଓ ସମ୍ପାଦକ, ମାଲ୍ ଗୋଦାମ ଦୁର୍ଗା ପୂଜା କମିଟିର ସଭାପତି ଓ ସମ୍ପାଦକ, କଲେଜ ଛକଦୁର୍ଗା ପୂଜା କମିଟିର ସଭାପତି ଓ ସମ୍ପାଦକ, ଯୋବ୍ରା ଦୁର୍ଗା ପୂଜା କମିଟିର ସଭାପତି ଓ ସମ୍ପାଦକ, ରାଣୀହାଟ ଦୁର୍ଗାପୂଜା କମିଟିର ସଭାପତି ଓ ସମ୍ପାଦକ, ସି.ଡ଼ି.ଏ ଅଞ୍ଚଳର ସମସ୍ତ ପୂଜା କମିଟିର ଦୁର୍ଗା ପୂଜା କମିଟିର ସଭାପତି ଓ ସମ୍ପାଦକ, ଯୁବ ନେତା ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର ପାଣିଗ୍ରାହୀ, ତାପସ ମହାନ୍ତି, ଅର୍ଦ୍ଧେନ୍ଦୁ ମାଝୀ, ସୌମ୍ୟ ରଞ୍ଜନ ସାହୁ, ପ୍ରକାଶ ସିଂ, ବିଜ୍ଞାନ ମହାପାତ୍ର, ଡ଼ ସତ୍ୟ ରଞ୍ଜନ ରାୟ, ବିଶ୍ୱଜିତ ମହାନ୍ତି, ସାକିଲ ଅକ୍ତର ସୟେଦ ଶେଖବତ ଅଲ୍ଲୀ, ସାକିଲ ଅକ୍ତର, ବିନୋଦ ପଣ୍ଡା, ପ୍ରଦୀପ ବାରିକ, ଦୀପ୍ତି ରଞ୍ଜନ ରାୟ, ବିଶ୍ୱନାଥ ଧୀର, ବୀରେନ ବେହେରା, ସଦସ୍ୟ, ଅନେକ ମୁରବି ମୁରାବା ଯୁବକ, ସ୍ଥାନୀୟ ଅଞ୍ଚଳର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଲିସ ଏସ୍‌ଆଇ...

ପରୀକ୍ଷାରେ ଜାଲିଆତି ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିବା ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ମିଳିଥିବା ସୂଚନା ମୁତାବକ, ୧୨୦ ପରୀକ୍ଷାର୍ଥୀଙ୍କୁ ଆନ୍ଧ୍ରରୁ ଉଠାଇ ଆଣିଥିଲା ପୁଲିସ। ବ୍ରହ୍ମପୁରକୁ ଏହି ଛାତ୍ରମାନଙ୍କୁ ଆଣି ପୁଲିସ ପଚରାଉଚରା କରୁଛି।

### ଦଶହରା ଭସାଣି ...

ସହିଦ ନଗରରେ ଏକତ୍ରିତ ହୋଇ ସେଠାରୁ ଭାୟା ରାମ ମନ୍ଦିର ଛକ, ମାଷ୍ଟର କ୍ୟାଣ୍ଟିନ୍ ଛକ ଦେଇ ରାଜମହଲ ଯିବେ। ନୟାପଲ୍ଲୀ ଭସାଣି କମିଟିର ସମସ୍ତ ମେଢ ନୟାପଲ୍ଲୀରେ ଏକତ୍ରିତ ହୋଇ ସେଠାରୁ ସିଆରପି ଛକ ଭାୟା ନୟାପଲ୍ଲୀ ଅଣ୍ଡରପାସ୍, ସିଆରପି ଛକ, ଡିଏଭି ଛକ ଡାହାଣ ମୋଡ ନେଇ ଗୋପବନ୍ଧୁ ଛକ, ସିରିପୁର ଛକ ହୋଇଯିବେ। ଶୋଭାଯାତ୍ରା ସମୟରେ, ସିଆରପି ଛକ ପାର୍ଶ୍ୱରୁ ଜୟଦେବ ବିହାର ଆଡକୁ ଯିବାକୁ ଚାହୁଁଥିବା ଯାନବାହନ ଗୁଡିକ ସିଆରପି ଛକ ଠାରୁ ଏକାମ୍ର ପାର୍କ ରାସ୍ତା ଦେଇ ଯାଇପାରିବେ। ଏହି ଟ୍ରାଫିକ୍ ନିୟମ ଅପରାହ୍ନ ୨ ଘଟିକା ଠାରୁ ଭସାଣି ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଲାଗୁ କରାଗଲା। ଏହି ସମୟରେ ଷ୍ଟୁଆର୍ଟ ସ୍କୁଲ ରାସ୍ତା, ୟୁନିଟ୍-୮ ରାସ୍ତା, ଓୟୁଏଟି ଛକ, ନିୟୁ ଏୟାରପୋର୍ଟ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଗୁଡିକ ଏହାର ସଂଲଗ୍ନ ରାସ୍ତା ଦେଇ ଯାଇପାରିବେ। ଚନ୍ଦ୍ରଶେଖରପୁର ଭସାଣି କମିଟିର ସମସ୍ତ ମେଢ କ୍ଲବ ଟାଉନ ଆପାର୍ଟମେଣ୍ଟ ପଡିଆରେ ଏକତ୍ରିତ ହୋଇ ସେଠାରୁ ନାଲକୋ ଛକ ହୋଇ ଯିବେ। ଶୋଭାଯାତ୍ରା ସମୟରେ, ନନ୍ଦନକାନନ ଛକ ପଟୁ ଜୟଦେବ ବିହାର ଛକ ଆଡକୁ ଆସୁଥିବା ଯାନବାହନ ଗୁଡିକକୁ କିଟ୍ କିମ୍ବା କଳାରାହାଙ୍ଗ ଛକ ଠାରେ ଥିବା ସଂଲଗ୍ନ ରାସ୍ତା ଦେଇ ଯାଇପାରିବେ। ଏହି ଟ୍ରାଫିକ୍ ନିୟମ ଅପରାହ୍ନ ୨ ଘଟିକାଠାରୁ ଭସାଣି ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଲାଗୁ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର ସହରର ବିଭିନ୍ନ ରାସ୍ତାରେ ଅନ୍ୟ ପୂଜା କମିଟି ମାନଙ୍କର ଦ୍ୱାରା ବ୍ୟକ୍ତିଗତ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

### ଶାରଦୀୟ ଦୁର୍ଗାପୂଜା...

ବନ୍ଦାପନା କରି ଘରକୁ ପାଛୋଟି ନେଇଥିଲେ। ଏହା ପରେ ୫୨ ବର୍ଷର ପୁରାତନ ଝୁମ୍ପୁରା ଦୁର୍ଗାପୂଜା ମଣ୍ଡପରେ ପହଞ୍ଚି ମୁଖ୍ୟମନ୍ତ୍ରୀ ମହାଷ୍ଟମୀ ଯଜ୍ଞରେ ଆହୂତି ଦେଇଥିଲେ। ପୂର୍ବରୁ ପ୍ରତିବର୍ଷ ସେ ଏଠାରେ ମା'ଙ୍କ ପୂଜାରେ ଉପସ୍ଥିତ ରହିଥିବା ବେଳେ, ଏ ବର୍ଷ ମଧ୍ୟ ଯୋଗଦେଇଥିଲେ। ଏଠାରେ ଆହୂତି ଦେବା ପରେ ମା' ଦୁର୍ଗାଙ୍କ ଆଳତୀ କରିଥିଲେ। ମା'ଙ୍କ ପୂଜାର୍ଚ୍ଚନା ପରେ ଝୁମ୍ପୁରା ବଜାରରେ ଚାଲି ଚାଲି ଯାଇ ସାଇ ମନ୍ଦିର ଦୁର୍ଗାପୂଜାରେ ଯୋଗଦେଇଥିଲେ। ରାସ୍ତାରେ ଯିବାବେଳେ ଲୋକଙ୍କ ସହ କରମର୍ଦ୍ଦନ କରିଥିଲେ ଲୋକଙ୍କ ମୁଖ୍ୟମନ୍ତ୍ରୀ। ଭଲ ମନ୍ଦ ପଚାରି ବୁଝିଥିଲେ।

## ମା' ବିମଳାଙ୍କ ମହାଷ୍ଟମୀ ପୂଜା

# ଭକ୍ତ ଦାସିଆ ପୀଠରେ ୧୦ ଜଣଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭକ୍ତ ଦାସିଆ ପିଠ ବାଲିଙ୍ଗାରେ ମା'ବିମଳାଙ୍କ ମହାଷ୍ଟମୀ ପୂଜା ଅବସରରେ ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ସମ୍ପାଦକ ଶ୍ରୀଘନଶ୍ୟାମ ସ୍ୱାଇଁ ଓ ସଭାପତି ଶ୍ରୀମତୀ ପ୍ରତିଭା ମହାରଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ କୁଳପତି ବିନାୟକ ରଥ ଯୋଗ ଦେଇଥିଲେ। ପ୍ରଥମେ ଶ୍ରୀଜଗନ୍ନାଥ ଭଜନ ଗାୟନ କରାଯାଇ ସଭାପତି ଡ଼ ନାରାୟଣ ମହାପାତ୍ର ସୁରେଶ ମିଶ୍ର ଭାରତୀ ଭୂଷଣ ପଟ୍ଟନାୟକ, ତ୍ରିଲୋଚନ ନାୟକ, ବିଜୟ ପଣ୍ଡା ପ୍ରମୁଖ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ରକ୍ଷା ନିମନ୍ତେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା ଭକ୍ତ ଦାସିଆ ପିଠର ୧୦ଜଣଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀମତୀ ପ୍ରତିଭା ମହାରଥୀ ଭକ୍ତ ଦାସିଆଙ୍କ ବିଷୟରେ ଅତି ସୁନ୍ଦର ଭାବେ ସମସ୍ତଙ୍କୁ କହିଥିଲେ। ମୁଖ୍ୟ ଅତିଥି ବିନାୟକ ରଥ ମଧ୍ୟ ପୀଠର ଗାରିମା ଓ ଈଶ୍ୱରଙ୍କୁ ଭଲ ପାଇ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଅଜୟ ଦାସ ଅକ୍ଷୟ ସାହୁ ଶ୍ରୀନିବାସ ରାଓ ତ୍ରିନାଥ ଲେଙ୍କା ପ୍ରମୁଖ ଓ ଭକ୍ତ ଦାସିଆ କମିଟିର ବହୁ କର୍ମକର୍ତ୍ତାମାନେ ଯୋଗ ଦେଇ ସହଯୋଗ କରିଥିଲେ। ଶେଷରେ ସମସ୍ତେ ଜୟଦେବଙ୍କ ଗୀତ ଗୋବିନ୍ଦ ଶ୍ରୀତ କମଳ ଭଜନ... ସମସ୍ତେ ମିଶି ଗାଇ ଥିଲେ। ପରେ ପରେ ମା'ବିମଳାଙ୍କ ଯଜ୍ଞ ପୂର୍ଣ୍ଣାହୁତିରେ ସମସ୍ତେ ଯୋଗ ଦେଇ ମା'ଙ୍କୁ ଫୁଲ ଦେଇ ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇ ଥିଲା। ମଙ୍ଗଳବାର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଖେଚେଡ଼ି ଭୋଗ ଚନ୍ଦ୍ରଶେଖରପୁର ଦୁର୍ଗା। ମଣ୍ଡପରେ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା। ଏହି ସବୁ ଈଶ୍ୱର କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତେ ଆନନ୍ଦିତ ହୋଇଥିଲେ।

# ଏମ୍ସ ଭୁବନେଶ୍ୱର ପରିଦର୍ଶନ କଲେ ବାଚସ୍ପତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଏବଂ ପରିବାରକୁ ସଶକ୍ତ କରିବା ପାଇଁ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପକ୍ଷରୁ ଜାରି ରହିଥିବା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ବାଚସ୍ପତି ଶ୍ରୀମତୀ ପାଢ଼ୀ। ବାଚସ୍ପତି ଉଚ୍ଚ ରକ୍ତଚାପ ଏବଂ ଅଣ-ସଂକ୍ରାମକ ରୋଗ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେ ଅଭିଯାନରେ ସାମିଲ ହିତାଧିକାରୀ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ମଧ୍ୟ ସିଧାସଳଖ ଆଲୋଚନା କରିଥିଲେ। ବାଚସ୍ପତିଙ୍କୁ ସ୍ୱାଗତ କରି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ତାଙ୍କ ପ୍ରଶଂସା ପ୍ରକାଶ କରି କହିଥିଲେ ଯେ ସ୍ୱାସ୍ଥ୍ୟ ପରୀକ୍ଷା ଅଭିଯାନରେ ଅଂଶଗ୍ରହଣ କରିବା ଏବଂ ହିତାଧିକାରୀଙ୍କ ସହ ଆଲୋଚନା କରିବା, ନିଶ୍ଚିତ ଭାବରେ ସମସ୍ତ ଅଂଶୀଦାରଙ୍କୁ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନକୁ ଏକ ବିରାଟ ସଫଳତା ଦେବା ପାଇଁ ପ୍ରେରଣା ଦେବ। ବାଚସ୍ପତି ଶ୍ରୀମତୀ ପାଢୀ ଅଭିଯାନର ଏକ ଅଂଶ ଭାବରେ ମହିଳାମାନଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ସ୍କ୍ରିନିଂ ଆୟୋଜନ କରିବାରେ ଏମ୍ସ ଭୁବନେଶ୍ୱରର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଅନୁକରଣୀୟ ସେବା ପାଇଁ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଏବଂ ବୃତ୍ତିଗତ ଦକ୍ଷତାକୁ ମଧ୍ୟ ପ୍ରଶଂସା କରିଥିଲେ। ବାଚସ୍ପତିଙ୍କ ଗସ୍ତ ଅବସରରେ ଏମ୍ସର ବରିଷ୍ଠ ଅଧିକାରୀ, ଚିକିତ୍ସକ, ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ବିପୁଳ ଉତ୍ସାହର ସହିତ ଚଳିତ ମାସ ୧୭ ତାରିଖରୁ ଜାରି ରହିଛି। ଅଦ୍ୟାବଧି ହଜାର ହଜାର ମହିଳା ଏହି ଜାତୀୟ ପ୍ରତିଷ୍ଠାନରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇସାରିଛନ୍ତି। ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ।

# ଦୁର୍ଗାପୂଜା ପାଇଁ ଟ୍ୱିନ୍ ସିଟିରେ ଜମୁଛି ଭିଡ଼ : ଅପରାହ୍ନ ୨ଟାରୁ ଗଡୁନି ଆମ୍ ବସ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୁର୍ଗାପୂଜା ପାଇଁ ରାଜଧାନୀରେ ଭିଡ଼କୁ ନଜରରେ ରଖି ଅପରାହ୍ଣ ୨ଟା ପରେ ଆମ ବସ୍ ଚଳାଚଳ ବନ୍ଦ କରାଯିବ । ଉଭୟ କଟକ ଏବଂ ଭୁବନେଶ୍ୱରରେ ସମସ୍ତ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ରହିଛି । ଦଶହରା ଭସାଣି ଯାଏ କଟକଣା ଜାରି ରହିବା ନେଇ କ୍ରୁଟ (କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ) ପକ୍ଷରୁ ସୂଚନା ଜାରି କରାଯାଇଛି । ପୂଜା ମଣ୍ଡପ ପାଇଁ ସମସ୍ତ ମୁଖ୍ୟ ରାସ୍ତାରେ ଭିଡ଼ ରହିବ । ତେଣୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ କ୍ରୁଟକୁ ବସ୍ ସେବା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପୂଜାରେ ଟ୍ରାଫିକ୍ ଯନ୍ତ୍ରଣାରେ ଘାଣ୍ଟି ହେଲେ ରାଜଧାନୀବାସୀ । ସପ୍ତମୀ ସନ୍ଧ୍ୟାରେ ମା' ଦୁର୍ଗାଙ୍କ ଦର୍ଶନ ପାଇଁ ଘରୁ ବାହାରିଥିବା ଶ୍ରଦ୍ଧାଳୁ ଟ୍ରାଫିକ୍ ଯନ୍ତ୍ରଣାରେ ଛଟପଟ ହେଲେ । ଅବଶ୍ୟ ଭାରୀଯାନରେ କଟକଣା ଯୋଗୁ ୧୬ ନମ୍ବର ଏନ୍‌ଏଚ୍‌ରେ ଭିଡ଼ କମିଥିଲା। କିନ୍ତୁ କଟକ ରୋଡ, ଜନପଥରେ ଟ୍ରାଫିକ୍ ପରିଚାଳନାରେ ପୁଲିସ ବେହାଲ ହୋଇଥିଲା । କିଛି ରଣନୀତି କାମ ଦେଲାନି । ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଭିଡ଼ରେ ଫସିଲେ ଶ୍ରଦ୍ଧାଳୁ । ରସୁଲଗଡ଼ରୁ ବମିଖାଲ ଅଧକିମି ପାର କରିବାକୁ ଅଧ ଘଣ୍ଟା ଲାଗିଗଲା । ଜନ୍‌ପଥରେ ବି କାର, ବାଇକର ଲମ୍ୱା ଲାଇନ୍ ଦେଖିବାକୁ ମିଳିଛି ।



ଭୁବନେଶ୍ୱର
୧ ଅକ୍ଟୋବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଭୁବନେଶ୍ୱର ଓ କଟକର ବିଭିନ୍ନ ମଣ୍ଡପରେ ଦୁର୍ଗତୀନାସିନୀ ମା' ଦଶଭୂଜାଙ୍କ ଆରାଧନା


ବଣିଆ ସାହି ଓଲ୍ଡ ଟାଉନ୍


ବରଗଡ


ବିଜେବି ନଗର, ପିପୁଲ ଆସୋସିଏସନ ମହିଳା ସାଖା


ନେମାଳ ବେଙ୍ଗଲୀ ସାହିରେ ଦୁର୍ଗା ପୂଜା।


କଟକ ରୋଡ


ଲିଙ୍ଗରାଜ ବିହାର, ପୋଖରୀପୁଟ


ନିଳାଦ୍ରୀ ବିହାର


ପଟିଆ


କଟକ : ଦରଘା ବଜାର


ଚୌଧୁରୀ ବଜାର

# ପୁଲିସ ଏସ୍ଆଇ ପରୀକ୍ଷା ବାତିଲ ନେଇ ନବୀନଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର, ୩୦/୯
ନ୍ୟୁଜ ବ୍ୟୁରୋ

ପୁଲିସ ଏସ୍ଆଇ ପରୀକ୍ଷା ବାତିଲ ନେଇ ବିରୋଧୀ ଦଳ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି। ଏହି ପରୀକ୍ଷା ବାତିଲ ହୋଇଥିବାରୁ ଦୁଃଖ ଲାଗୁଛି ବୋଲି କହିଛନ୍ତି।



ସାମାଜିକ ଗଣମାଧ୍ୟମରେ ସେୟାର କରି ନବୀନ କହିଛନ୍ତି, କମ୍ବାଇନ୍ ପୁଲିସ ସର୍ଭିସ ପରୀକ୍ଷା-୨୦୨୪ ଅର୍ଥାତ ପୁଲିସ ଏସ୍ଆଇ ପରୀକ୍ଷା ବାତିଲ କରାଯାଇଛି। ଏହା ପୂର୍ବରୁ ମଧ୍ୟ ଅତୀତରେ ଅନେକ ପରୀକ୍ଷା ବାତିଲ କରାଯାଇଛି।
ଉଦାହାରଣ ଦେଇ ନବୀନ ପଟ୍ଟନାୟକ ଏହି ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଗତ ଜୁଲାଇ ମାସ ଠାରୁ ୪ଥର ପରୀକ୍ଷା ବାତିଲ କରାଯାଇଛି। ୨୦୨୫ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଟିଚର ଇଲିଜିବିଲିଟି ପରୀକ୍ଷା-୨୦୨୫ ବାତିଲ କରାଯାଇଥିଲା। ଓଏସ୍ଏସ୍ଏସ୍ସି ଦ୍ୱାରା ପରିଚାଳିତ ଆରଆଇ, ଏଆରଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର, ଏସ୍ଏଫ୍ଏସ୍ ପରୀକ୍ଷା, ଯାହା ଅଗଷ୍ଟ ୧ରୁ ସେପ୍ଟେମ୍ବର ୪ ତାରିଖ ମଧ୍ୟରେ ହେବାର ଥିଲା ବାତିଲ କରିଦିଆଯାଇଥିଲା
ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ପେଶାଲ ଓଟିଇଟି-୨୦୨୫ ପୁଣି ଥରେ ସ୍ଥଗିତ କରାଯାଇଥିଲା। ଓଡ଼ିଶାର ନିଯୁକ୍ତି ଶୈଳୀରେ ବାରମ୍ବାର ସମସ୍ୟା ଦେଖାଯାଉଛି। ଚାକିରି ଆଶାୟୀଙ୍କ ମନୋବଳ ଭାଙ୍ଗୁଛି ଓ ସେମାନେ ବିଶ୍ୱାସ ହରାଉଛନ୍ତି। ବିଜେପି ନେତୃତ୍ୱ ରାଜ୍ୟ ସରକାର ଏବାବଦରେ ପଦକ୍ଷେପ ନେବା ସହିତ ଲୋକଙ୍କର ବିଶ୍ୱାସ ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଆଗାମୀ ଅକ୍ଟୋବର ୫ ଓ ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପୁଲିସ ଏସ୍ଆଇ ପରୀକ୍ଷା ସ୍ଥଗିତ ରହିବା ପରେ ରାଜ୍ୟ ସରକାରଙ୍କୁ ବିଜୁ ଜନତା ଦଳ (ବିଜେଡି) ଟାର୍ଗେଟ କରିଛି।







ଅସୁସ୍ଥ ଶିଶୁକୁ ଭୁଲ ଇଞ୍ଜେକସନ ଦେବା ଅଭିଯୋଗ

## ପୁଅର କିଛି ହେଲେ ମେଡିକାଲ ଦାୟୀ ରହିବ : ବାପା

ଭୁବନେଶ୍ୱର,୩୦/୦୯
ନ୍ୟୁଜ ବ୍ୟୁରୋ

ଯାଜପୁର ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗରେ ଘଟିଛି ଅଭାବନୀୟ ଘଟଣା। ଜଣେ ଅସୁସ୍ଥ ଶିଶୁର ଇଞ୍ଜେକ୍ସନ ଆଉ ଜଣେ ଶିଶୁକୁ ଦିଆଯାଇଥିବା ଅଭିଯୋଗ ହୋଇଛି । ପୁଅର କିଛି ହେଲେ ମେଡିକାଲ୍ ଦାୟୀ ରହିବ ବୋଲି କହିଛନ୍ତି ଶିଶୁଟିର ବାପା। ସୂଚନା ମୁତାବକ, ଦଶରଥପୁର ନୀଳକଣ୍ଠପୁର ଅଞ୍ଚଳର ପରେଶ୍ ମଲ୍ଲିକଙ୍କ ଶିଶୁ ପୁତ୍ରକୁ ଜ୍ୱର ଓ ଥଣ୍ଡା ହୋଇଥିଲା । ଏନେଇ ସେ ତାଙ୍କ ପୁଅକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗକୁ ଆଣିଥିଲେ ।
ତାଙ୍କ ପୁତ୍ରଙ୍କ ନିକଟରେ ଆଉ ଜଣେ ଶିଶୁ ନିମୋନିଆରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସକାଳୁ ନର୍ସ ତାଙ୍କୁ ଇଞ୍ଜେକ୍ସନ ଦେବା ବେଳେ ଅନ୍ୟ ଜଣକ ଟିଠା ଆଣି ଦେଇଥିଲେ। ଫଳରେ ସେ ଜଣେ ଶିଶୁର ଇଞ୍ଜେକ୍ସନ ଆଉ ଜଣେ ଶିଶୁକୁ ଦେଇଥିଲେ । ତେବେ ଏହା କିପରି ଦେଲେ ବୋଲି ବାପା ଅଭିଯୋଗ ଆଣି ଡାକ୍ତର ଓ ନର୍ସଙ୍କୁ ପଚାରିବା ବେଳେ ସେମାନେ କିଛି ନକହି ଔଷଧ ଠିକ୍ ଥିବା କହିଥିଲେ । ପୁଅର କିଛି ହେଲେ ମେଡିକାଲ୍ ଦାୟୀ ରହିବ ବୋଲି ଶିଶୁଟିର ବାପା କହିଥିଲେ । ସେପଟେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି, ଅଭିଯୋଗ ଆସିଛି । ନାମ ଭୁଲ୍ ହୋଇଛି, ଔଷଧ ଠିକ୍ ଅଛି । ପିଲା ବି ସୁସ୍ଥ ଅଛି।

